ବର୍ଷ-୨୬, ସଂଖ୍ୟା-୨୨୫
ଭୁବନେଶ୍ୱର
ଅଗଷ୍ଟ ୨୧, ୨୦୨୬ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 225
Bhubaneswar
August, 21 2026, Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ଜେଲ୍ କର୍ମଚାରୀ ଓ ଅଧିକାରୀଙ୍କ ପୋଷାକ ଭତ୍ତା ୨ ଗୁଣ ବୃଦ୍ଧି

ଭୁବନେଶ୍ୱର,୨୦।୮(ମହାଭାରତ): ରାଜ୍ୟ ସରକାର ଜେଲ୍ ସଂଗଠନର ଅଧିକାରୀ ଓ କର୍ମଚାରୀମାନଙ୍କର ଭତ୍ତା ବୃଦ୍ଧି କରିଛନ୍ତି । ଏ ସମ୍ପର୍କିତ ଏକ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଅନୁଯାୟୀ ଜେଲ୍ କର୍ମଚାରୀ ଓ ଅଧିକାରୀମାନଙ୍କ ବାର୍ଷିକ ପୋଷାକ ଭତ୍ତା ୨ ଗୁଣ ବୃଦ୍ଧି କରାଯାଇଛି । ଏହି ନିଷ୍ପତ୍ତି ଅନୁଯାୟୀ,ଡିଆଜି ଅଫ୍ ପ୍ରିଜନ୍ସଙ୍କ ଠାରୁ ଆରମ୍ଭ କରି ଆସିଷ୍ଟାଣ୍ଟ ମାଟ୍ରନ୍ ପର୍ଯ୍ୟନ୍ତ ୩୭୮ ଜଣ ଅଧିକାରୀଙ୍କ ପୋଷାକ ଭତ୍ତା ୩୦୦୦ ଟଙ୍କାରୁ ୬୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିପରି ୨,୧୨୨ ଜଣ ଚିଫ୍ ୱାର୍ଡର, ୱାର୍ଡର ଓ ମହିଳା ୱାର୍ଡରଙ୍କ ବାର୍ଷିକ ପୋଷାକ ଭତ୍ତାକୁ ୪୦୦୦ ଟଙ୍କାରୁ ୮୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଏହାଦ୍ୱାରା ସମୁଦାୟ ୨୫୦୦ ଜଣ ଜେଲ୍ କର୍ମଚାରୀ ଓ ଅଧିକାରୀ ଉପକୃତ ହେବେ । ଚଳିତ ଆର୍ଥିକ ବର୍ଷରୁ ଏହି ନୂତନ ପୋଷାକ ଭତ୍ତା ଲାଗୁ ହେବ। ଏଥିପାଇଁ ବର୍ଷକୁ ଖର୍ଚ୍ଚ ହେବ ଅତିରିକ୍ତ ୯୬.୨୨ ଲକ୍ଷ ଟଙ୍କା।

## ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୦।୮(ମହାଭାରତ): ଦିଲ୍ଲୀ ଜନ୍ତରମନ୍ତରରେ ଆନ୍ଦୋଳନରତ ଛାତ୍ରଙ୍କ ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ମାମଲାର ତଦନ୍ତ ପାଇଁ ସର୍ବୋଚ୍ଚ ଅଦାଲତ ନୂତନ ଯାଞ୍ଚ କମିଟି ଗଠନ କରିଛନ୍ତି । ଜଣେ ଅବସରପ୍ରାପ୍ତ ସୁପ୍ରିମକୋର୍ଟ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ ପାଞ୍ଚ ଜଣିଆ ଉଚ୍ଚ-କ୍ଷମତାପ୍ରାପ୍ତ ତଦନ୍ତ କମିଟି ଗଠନ ହୋଇଛି । ଯଥାଶୀଘ୍ର ତଦନ୍ତ କରି ପରବର୍ତ୍ତୀ ଶୁଣାଣି ପୂର୍ବରୁ ଅନ୍ତରୀଣ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

କମିଟିରେ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଆର. ସୁଭାଷ ରେଡ୍ଡି ଅଧ୍ୟକ୍ଷତା କରିବେ । ଅନ୍ୟ ସଦସ୍ୟଙ୍କ ମଧ୍ୟରେ ଅଛନ୍ତି ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ରବି ଶଙ୍କର ଝା, ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଶଲିନ୍ଦର କୌର, ପୂର୍ବତନ ସିବିଆଇ ନିର୍ଦ୍ଦେଶକ ଋଷି କୁମାର ଶୁକ୍ଲା ଏବଂ ଜଣେ ଅବସରପ୍ରାପ୍ତ ଆଇପିଏସ୍ ତଥା ପୂର୍ବତନ ମେଘାଳୟ ଆରକ୍ଷୀ ମହାନିର୍ଦ୍ଦେଶକ ଡକ୍ଟର ଏଲ.ଆର. ବିଷ୍ଣୋଇ । ଏହି କମିଟି ଗତ ୨୦ ଜୁଲାଇରେ ଛାତ୍ର ଆନ୍ଦୋଳନବେଳେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ହୋଇଥିବା କାର୍ଯ୍ୟାନୁଷ୍ଠାନ ଅଭିଯୋଗର ଯାଞ୍ଚ କରିବେ । କମିଟି ପେଲେଟ୍ ଗନ୍, ବୈଦ୍ୟୁତିକ ବାଡ଼ି, ଲାଠିଚାର୍ଜ ଏବଂ ଲୁହବୁହା ଗ୍ୟାସର ମାତ୍ରାଧିକ ବ୍ୟବହାର, ମହିଳା ବିକ୍ଷୋଭକାରୀଙ୍କ ବିରୁଦ୍ଧରେ ହିଂସା, ଭିଡ଼ ନିୟନ୍ତ୍ରଣର ପ୍ରକ୍ରିୟା , ପୀଡିତଙ୍କ ପାଇଁ ଚିକିତ୍ସା ସହାୟତା ଏବଂ କ୍ଷତିପୂରଣ ସମ୍ପର୍କିତ ପ୍ରସଙ୍ଗ ସମେତ ଅନେକ ଅଭିଯୋଗର ତଦନ୍ତ କରିବ ।

ସେହିପରି ପୋଲିସ ପକ୍ଷରୁ ହୋଇଥିବା ଅଭିଯୋଗର ମଧ୍ୟ କମିଟି ଯାଞ୍ଚ କରିବ । ପୋଲିସ ଉପରକୁ ପଥର ମାଡ଼, ସାର୍ବଜନୀନ ସମ୍ପତ୍ତିକୁ କ୍ଷତି ପହଁଚାଇବା ଭଳି ଅଭିଯୋଗର ଯାଞ୍ଚ କରି ସୁପ୍ରିମକୋର୍ଟକୁ ରିପୋର୍ଟ ପ୍ରଦାନ କରିବେ । ଆଜି ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି. ମୋହନାଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଛାତ୍ର ପ୍ରତିବାଦ ସମୟରେ ଘଟିଥିବା ହିଂସା ସମ୍ପର୍କିତ ଅନେକ ରିଟ୍ ଆବେଦନର ଶୁଣାଣି କରିଛନ୍ତି। ଖଣ୍ଡପୀଠ ଉଭୟ ପକ୍ଷରୁ ହୋଇଥିବା ଅଭିଯୋଗର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏହି ଉଚ୍ଚ ସ୍ତରୀୟ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

### ବନ୍ଦେ ମାତରମ୍‌କୁ ନେଇ ବିବାଦ

# ସ୍ୱାଧୀନତା ସଂଗ୍ରାମୀଙ୍କୁ ଅପମାନିତ କରୁଛି କଂଗ୍ରେସ- ଅମିତ

ନୂଆଦିଲ୍ଲୀ,୨୦।୮(ମହାଭାରତ): ଦେଶର ଜାତୀୟ ଗୀତ ବନ୍ଦେ ମାତରମ ଗାନକୁ ନେଇ ବିବାଦ। ସରକାରୀ କାର୍ଯ୍ୟକ୍ରମରେ ବନ୍ଦେ ମାତରମର ୬ଟି ଷ୍ଟାଞ୍ଜା ଗାନ କରିବାକୁ ସରକାର କରିଥିବା ନିୟମକୁ ମାନିବାକୁ ମନା କରି ଦେଇଛି କଂଗ୍ରେସ। ୬ ଷ୍ଟାଞ୍ଜା ବଦଳରେ କଂଗ୍ରେସ ୧୯୩୭ରେ ଅନୁମୋଦନ ପ୍ରାପ୍ତ ବନ୍ଦେ ମାତରମର କେବଳ ପ୍ରମୁଖ ୨ଟି ଷ୍ଟାଞ୍ଜା ଗାନ କରିବାକୁ ନିଷ୍ପତ୍ତି ନେଇଛି।



ବାସ୍ ଏହାକୁ ନେଇ ଆଜି କଂଗ୍ରେସ ଉପରେ ଜୋରଦାର ବର୍ଷିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ। କଂଗ୍ରେସ ତୁଷ୍ଟୀକରଣ ରାଜନୀତିରେ ମାତିଛି ଓ ଭାରତର ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ଲୋକଙ୍କୁ ଅପମାନିତ କରୁଛି। କଂଗ୍ରେସ ପୁଣି ବିଭାଜନର ତ୍ରୁଟିକୁ ଦୋହରାଉଥିବା ଅମିତ ଶାହ ଅଭିଯୋଗ କରିଛନ୍ତି।

ଅମିତ ଶାହ ଅଭିଯୋଗ କରିଛନ୍ତି ଯେ କଂଗ୍ରେସ ୧୯୩୭ରେ ବନ୍ଦେ ମାତରମକୁ ଦୁଇ ଭାଗରେ ବିଭକ୍ତ କରିଥିଲା। ମୁସଲିମ ତୁଷ୍ଟୀକରଣ ପାଇଁ କଂଗ୍ରେସ ଏପରି କରିଥିବାରୁ ଭାରତ ବିଭାଜନର ମୂଳଦୁଆ ପଡିଥିଲା ବୋଲି ମଧ୍ୟ ସେ କହିବାକୁ ପଛାଇ ନାହାନ୍ତି।ସେ କହିଛନ୍ତି, "ମୁଁ ସମଗ୍ର ଦେଶକୁ ମନେ ପକାଇ ଦେବାକୁ ଚାହୁଁଛି ଯେ ୧୯୩୭ରେ ମୁସଲିମ ତୁଷ୍ଟୀକରଣ ପାଇଁ ବନ୍ଦେ ମାତରମକୁ ଦୁଇ ଭାଗରେ ବିଭକ୍ତ କରାଯାଇ ଥିଲା। ଏହା ହିଁ ଦେଶ ବିଭାଜନର ମୂଳଦୁଆ ପକାଇଥିଲା ଓ ଦୁଇ ରାଷ୍ଟ୍ର ଥିଓରୀକୁ ମଜବୁତ କରିଥିଲା। ଏହାପରେ ଦେଶ ବିଭାଜନ ହୋଇଥିଲା ଓ ପାକିସ୍ତାନ ଜନ୍ମ ନେଇଥିଲା।"

କଂଗ୍ରେସ ୱାର୍କିଂ କମିଟି ବୁଧବାର ନିଷ୍ପତ୍ତି ହୋଇଛି ଯେ ଦଳର ସମସ୍ତ କାର୍ଯ୍ୟକ୍ରମରେ ବନ୍ଦେ ମାତରମର ୨ଟି ଷ୍ଟାଞ୍ଜା ଗାନ କରାଯିବ। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିବା ବେଳେ ଅମିତ ଶାହ କହିଛନ୍ତି ଯେ ବନ୍ଦେ ମାତରମର ୧୫୦ତମ ବର୍ଷ ପୂର୍ତ୍ତିରେ ନରେନ୍ଦ୍ର ମୋଦି ସରକାର ଐତିହାସିକ ଭୁଲକୁ ସୁଧାରିବାକୁ ନିଷ୍ପତ୍ତି ନେଇଛି। ଏଥିପାଇଁ ଜାତୀୟ ଗୀତକୁ ସଂପୂର୍ଣ୍ଣ ଗାନ କରା ଯାଉଛି। ଏଥିସହ ଜାତୀୟ ଏକତାକୁ ମଧ୍ୟ ମଜବୁତ କରିବାକୁ ସରକାର ଚାହୁଁଛନ୍ତି।

ଶାହଙ୍କ କହିବା କଥା ଯେ ସରକାର ସମସ୍ତ ସରକାରୀ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ଗୀତ ଗାନ କରିବାକୁ ନେଇଥିବା ନିଷ୍ପତ୍ତିକୁ ଆଇନଗତ ସୁରକ୍ଷା ଦିଆଯାଇଛି। ହେଲେ କଂଗ୍ରେସ ଏହାକୁ ଅଣଦେଖା କରିବାକୁ ଚାହୁଁଥିବା ସେ ଅଭିଯୋଗ କରିଛନ୍ତି।

ସେ ଆହୁରି କହିଛନ୍ତି ଯେ କଂଗ୍ରେସର ଏହି ନିଷ୍ପତ୍ତି କେବଳ ଓ କେବଳ ଏହାର ଚରମ ତୁଷ୍ଟୀକରଣ ନୀତିକୁ ସ୍ପଷ୍ଟ କରୁଛି। ଦଳ ଏପରି କରି କେବଳ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଅମର ସୃଷ୍ଟିକୁ ଅପମାନ କରୁନାହିଁ, ବରଂ ଦେଶ ପାଇଁ ନିଜ ଜୀବନର ବଳିଦାନ ଦେଇଥିବା ଲକ୍ଷ ଲକ୍ଷ ସ୍ୱାଧୀନତା ସଂଗ୍ରାମୀଙ୍କୁ ମଧ୍ୟ ଅପମାନିତ କରୁଛି। ଅନେକ ସ୍ୱାଧୀନତା ସଂଗ୍ରାମୀ ବନ୍ଦେ ମାତରମ୍ ନାରା ଦେଇ ଫାଶୀ ଖୁଣ୍ଟରେ ଝୁଲିଥିଲେ। ଆଉ ଅନେକ ସ୍ୱାଧୀନତା ସଂଗ୍ରାମୀ ବର୍ଷ ବର୍ଷ ଧରି ଜେଲ୍‌ରେ ରହି ଦେଶର ସ୍ୱାଧୀନତା ପାଇଁ ସଂଗ୍ରାମ କରିଥିଲେ।କଂଗ୍ରେସ ଏବେ ସଂସଦୀୟ ଆଇନକୁ ପ୍ରତ୍ୟାଖ୍ୟାନ କରି ୧୯୩୭ ମସିହାରେ ଦଳ ପକ୍ଷରୁ ପାରିତ ହୋଇଥିବା ପ୍ରସ୍ତାବକୁ ଅନୁସରଣ କରୁଛି। ରାହୁଲ ଗାନ୍ଧିଙ୍କ ନେତୃତ୍ୱରେ କଂଗ୍ରେସ ପୁଣିଥରେ ଦେଶରେ ପୂରା ଶକ୍ତିର ସହ ତୁଷ୍ଟୀକରଣ ରାଜନୀତି ଆପଣାଇଥିବା ଶାହ ଅଭିଯୋଗ କରିଛନ୍ତି। ଶ୍ରୀ ଶାହ କହିଛନ୍ତି ଯେ, ଏବେ ଦେଶବାସୀଙ୍କୁ ଏକଜୁଟ ହୋଇ କଂଗ୍ରେସ ପାର୍ଟିର ଏହି ନିଷ୍ପତ୍ତି ବିରୋଧରେ ସ୍ୱର ଉଠାଇବା ଉଚିତ ଏବଂ ସ୍ପଷ୍ଟ କରିଦେବା ଉଚିତ ଯେ, ଦେଶରେ ଆଉ ତୁଷ୍ଟିକରଣର ରାଜନୀତିକୁ ବରଦାସ୍ତ କରାଯିବ ନାହିଁ। ସେ କହିଛନ୍ତି ଯେ, ଏହା ଏକ ସ୍ୱାଧୀନ ଦେଶ। ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ସ୍ୱାଧୀନତାର ୮୦ ବର୍ଷ ପରେ ୧୯୩୭ରେ କଂଗ୍ରେସ ନେଇଥିବା ନିଷ୍ପତ୍ତିକୁ ସୁଧାରିବାର କାର୍ଯ୍ୟ କରିଛନ୍ତି। ଶ୍ରୀ ଶାହ କହିଛନ୍ତି ଯେ, ଦେଶର ଜନତା ଏବେ ଏହି ସୁଧାରର ବିରୋଧକୁ ବରଦାସ୍ତ କରିବେ ନାହିଁ।

## ବୈତରଣୀରେ ବନ୍ୟା ନେଇ ରାଜନୀତି

ଭୁବନେଶ୍ୱର,୨୦।୮(ମହାଭାରତ): ମନଇଚ୍ଛା ବ୍ୟାରେଜ୍ ଗେଟ୍ ଖୋଲିବା ଓ ବନ୍ଦ କରିବା ଯୋଗୁ ବୈତରଣୀ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବୈତରଣୀ ନଦୀରେ କ୍ଷୁଦ୍ର ଜଳବିଦ୍ୟୁତ ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା ବୈତରଣୀ ପାୱାର ପ୍ରୋଜେକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ (ବିପିପିଏଲ)କୁ କାରଣଦର୍ଶାଅ ନୋଟିସ୍ ଜାରି ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେବା ପରେ ବିପିପିଏଲର ଏଭଳି ଦାୟିତ୍ୱହୀନତା ପଦାକୁ ଆସିଛି।

ଏପଟେ ଏହି ବନ୍ୟା ପ୍ରାକୃତିକ ନା ମନୁଷ୍ୟକୃତ ତାକୁ ନେଇ ବିଜେଡି ଓ ବିଜେପି ମୁହାଁମୁହିଁ ହୋଇଥିବାବେଳେ ଆବଶ୍ୟକ ପଡିଲେ ସମ୍ପୃକ୍ତ ବିଦ୍ୟୁତ ଉତ୍ପାଦନକାରୀ କମ୍ପାନୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ ସଙ୍କେତ ଦେଇଛନ୍ତି। ତେବେ ୩ଦିନ ତଳେ ବିପିପିଏଲକୁ ଶୋ-କଜ୍ ନୋଟିସ୍ ଦେବାକୁ ନିର୍ଦ୍ଦେଶ ଦେଇଥିବା ଜଳସମ୍ପଦ ବିଭାଗର ଇଆଇସି ଦିଲ୍ଲୀପ କୁମାର ରାଉତ ଆଜି ୟୁଟର୍ଣ୍ଣ ନେଇଛନ୍ତି।

ସୂଚନା ଅନୁସାରେ, ବିଦ୍ୟୁତ ଉତ୍ପାଦନ ପାଇଁ ନିୟମକୁ ଉଲ୍ଲଂଘନ କରି ମନଇଚ୍ଛା ବ୍ୟାରେଜ ଗେଟ୍ ଖୋଲିବା ଓ ବନ୍ଦ କରିବାକୁ ରାଜ୍ୟ ଜଳସମ୍ପଦ ବିଭାଗ ଅତ୍ୟନ୍ତ ଗମ୍ଭୀରତାର ସହ ନେଇଛି। ଆଉ ବୈତରଣୀ କ୍ଷୁଦ୍ର ଜଳବିଦ୍ୟୁତ ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା ମେସର୍ସ ବୈତରଣୀ ପାୱାର ପ୍ରୋଜେକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ତୁରନ୍ତ ଶୋ-କଜ୍ ନୋଟିସ୍ ଦେବା ପାଇଁ ଜଳସମ୍ପଦ ବିଭାଗର ଇଆଇସି ଦିଲ୍ଲୀପ କୁମାର ରାଉତ ଗତ ୧୭ତାରିଖରେ ଶାଳପଡାସ୍ଥିତ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କୁ କଡା ନିର୍ଦ୍ଦେଶ ଦେଇଥିଲେ। ଇଆଇସି ଶ୍ରୀ ରାଉତ ତାଙ୍କ ଚିଠିରେ ଦର୍ଶାଇଥିଲେ ଯେ, ବିପିପିଏଲ ମନମୁଖୀ ବ୍ୟାରେଜ୍ ଗେଟ ପରିଚାଳନା କରିଥିବା ଯୋଗୁ ତଳିଆ ଅଂଚଳରେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଇ ବନ୍ୟା ପରିସ୍ଥିତି ଉପୁଜିଥିଲା। ଏହି ଘଟଣା ସମ୍ପର୍କରେ ବିପିପିଏଲ ପରିଚାଳନା ନିର୍ଦ୍ଦେଶକଙ୍କୁ ମଧ୍ୟ ଅବଗତ କରାଯାଇଥିଲା। କୌଣସି ବଡଧରଣର ବନ୍ୟା ଆସିବା ପୂର୍ବରୁ ବ୍ୟାରେଜରୁ ଆବଶ୍ୟକ ଜଳ ନିଷ୍କାସନ କରି ତାହାକୁ ଖାଲି ରଖିବାକୁ କମ୍ପାନୀକୁ ସ୍ପଷ୍ଟ ନିର୍ଦ୍ଦେଶ ଦେବା ପାଇଁ କୁହାଯାଇଛି, ଯାହାଦ୍ୱାରା ତଳିଆ ଅଂଚଳକୁ ଅପ୍ରତ୍ୟାଶିତ ବନ୍ୟା ଦାଉରୁ ରକ୍ଷା କରାଯାଇ ପାରିବ। ଭବିଷ୍ୟତରେ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ସହିତ ସମ୍ପୂର୍ଣ୍ଣ ସମନ୍ୱୟ ରକ୍ଷା କରି କଡାକଡି ଭାବେ ଗେଟ୍ ପରିଚାଳନା କରିବାକୁ କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଛି ।ତେବେ ଏହି ଶୋ-କଜ୍ ନୋଟିସ୍ ସମ୍ପର୍କିତ ତଥ୍ୟ ଆଜି ପଦାକୁ ଆସିବା ପରେ ଇଆଇସି ଶ୍ରୀ ରାଉତ ୟୁଟର୍ଣ୍ଣ ନେଇଛନ୍ତି। ଆଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ,ବିପିପିଏଲ୍ ଯୋଗୁଁ ବନ୍ୟା ହୋଇଛି ବୋଲି କହିବା ଠିକ୍ ନୁହଁ। କେବଳ ସମନ୍ୱୟ ରକ୍ଷା ପାଇଁ ଆମେ ଶୋ-କଜ୍ ନୋଟିସ୍ କରିଛୁ। ଆନନ୍ଦପୁର ବ୍ୟାରେଜରେ ମଧ୍ୟ କିଛି ସମୟ ପାଇଁ ପାଣି ଆମେ ରଖୁଛୁ ବୋଲି ଶ୍ରୀ ରାଉତ କହି ବନ୍ୟା ପରିଚାଳନାରେ ହୋଇଥିବା ଅବ୍ୟବସ୍ଥାକୁ ଏଡାଇ ଦେବାକୁ ଚାହିଁଥିବା ଜଣାପଡିଛି।

# ନିର୍ବାଚନ ପାଇଁ ବିଜେପି ସରକାରଙ୍କ ମାଷ୍ଟରପ୍ଲାନ୍

ଭୁବନେଶ୍ୱର,୨୦।୮(ମହାଭାରତ): ରାଜ୍ୟରେ ଆସନ୍ତାବର୍ଷ ଫେବୃୟାରୀ-ମାର୍ଚ୍ଚରେ ପଂଚାୟତ ନିର୍ବାଚନ ହେବାର ସମ୍ଭାବନା ଥିବାବେଳେ ଗ୍ରାମାଂଚଳ ଭୋଟରଙ୍କୁ ଆକୃଷ୍ଟ କରିବା ନିମନ୍ତେ ବିଜେପି ସରକାରଙ୍କ ମାଷ୍ଟରପ୍ଲାନ ପ୍ରସ୍ତୁତ କରିଛନ୍ତି। ପଂଚାୟତିରାଜ ବିଭାଗ 'ଗ୍ରାମସମ୍ପଦ' ନାଁରେ ଏକ ବୃହତ୍ ଓ ମହତ୍ୱାକାଂକ୍ଷୀ ଯୋଜନାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛି। ଏହି ଯୋଜନାରେ ଗ୍ରାମାଂଚଳରେ ସହରୀ ସୁବିଧା ଓ ଭିତ୍ତିଭୂମି ଯୋଗାଇ ଦେବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ପଂଚାୟତିରାଜ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଗାଇଡଲାଇନ(ଏସଓପି) ଜାରି ହୋଇଥିବା ଜଣାପଡିଛି।

ଗ୍ରାମସଭା ଅନୁମୋଦନ ଆଧାରରେ ପ୍ରତି ପଂଚାୟତରେ କଲ୍ୟାଣମଣ୍ଡପ, ଖେଳ ପଡିଆ, ପାର୍କ ଓ ପାଠାଗାର ଭଳି ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣ କରାଯିବା ପାଇଁ ବଜେଟ୍ ନିର୍ଦ୍ଧାରଣ ହୋଇଛି। ତେବେ ପଂଚାୟତ ନିର୍ବାଚନ ପୂର୍ବରୁ ସରକାରଙ୍କ ଏଭଳି ଯୋଜନାକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ତେରଚ୍ଛା ବାଣ ମାରିଥିବାବେଳେ ରାଜନୀତି ସରଗରମ ହୋଇଛି।

ରାଜ୍ୟ ପଂଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଆଜି ଏହି ଯୋଜନା ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଗ୍ରାମାଂଚଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରତି ପଂଚାୟତରେ ଆଦର୍ଶ ଭିତ୍ତିଭୂମି ନିର୍ମାଣ ସହ ସହରୀ ସୁବିଧା ଯୋଗାଇ ଦିଆଯିବ। ଯୁବପୀଢ଼ିଙ୍କ ପାଇଁ ୬୫ଲକ୍ଷ ଟଙ୍କାରେ ଓପନ୍ ଜିମ୍ ସହ ଆଦର୍ଶ ଖେଳପଡିଆ ବିକଶିତ କରାଯିବ। ସେହିପରି ୪୯ଲକ୍ଷ ଟଙ୍କାରେ ୨୨୪୦ବର୍ଗଫୁଟ(୭୦ଫୁଟ ଲମ୍ବ ଓ ୩୨ଫୁଟ ଚଉଡା)ର ପେଣ୍ଡାଲ, ଦୁଇଟି ଗ୍ରୀନ୍ ରୁମ୍ ଓ ପାନୀୟ ଜଳ ସୁବିଧା ଥିବା ଆଦର୍ଶ କଲ୍ୟାଣ ମଣ୍ଡପ ନିର୍ମାଣ ହେବ। ସେଠାରେ ନାଚ,ଗୀତ,ଡ୍ରାମା ଓ ଭୋଜିଭାତର ସୁବିଧା ଆଦି ରହିବ। ପଂଚାୟତ ପକ୍ଷରୁ ପାନୀୟ ଜଳ ଯୋଗାଇ ଦିଆଯିବ।

ପୋଖରୀ ପାଇଁ ସରକାର ୩୪ଲକ୍ଷ ଟଙ୍କା ଦେବେ।ପୋଖରୀର ଚାରିପଟେ ପେଭର ବ୍ଲକ ଓ ପଥର ବନ୍ଧ



ରହିବ। ୨୨ ଲକ୍ଷ ଟଙ୍କାରେ ପାଚେରୀ ଥିବା ଶ୍ମଶାନ, ୨୦ଲକ୍ଷ ଟଙ୍କାରେ ଜିମ୍ ଓ ବସିବା ସୁବିଧା ଥିବା ପାର୍କ, ୧୦ ଲକ୍ଷ ଟଙ୍କାରେ ଲାଇବ୍ରେରୀ ସ୍ଥାପନ କରାଯିବ । ଗ୍ରାମାଂଚଳରେ ହାଟ ଓ ପ୍ରତି ପଂଚାୟତରେ ୭୦୦ଟି ବୃକ୍ଷରୋପଣ କରାଯିବ। ପ୍ରତି ବର୍ଷ ଗୋଟିଏ ଗାଁରେ ଗୋଟିଏ କଲ୍ୟାଣ ମଣ୍ଡପ ନିର୍ମାଣ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ଶ୍ରୀ ନାଏକ କହିଛନ୍ତି।

ଅନ୍ୟପକ୍ଷରେ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ନେଇ ତେରଚ୍ଛା ବାଣ ମାରିଛନ୍ତି ଉଭୟ କଂଗ୍ରେସ ଓ ବିଜେଡି। ବରିଷ୍ଠ ବିଧାୟକ ତଥା କଂଗ୍ରେସ ନେତା ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ, ଆଗାମୀ ପଂଚାୟତ ନିର୍ବାଚନକୁ ଆଖିରେ ରଖି ଗାଁ ଲୋକଙ୍କୁ ଏ ସରକାର କେବଳ ଦିନରେ ଗୋଲାପୀ ସ୍ୱପ୍ନ ଦେଖାଉଛନ୍ତି। ଗାଁରେ ପ୍ରକୃତରେ କିଛି କାମ ହେଉନାହିଁ। କେବଳ ଲୋକଙ୍କୁ ଆଇଓ୍ୱାସ କରିବା ପାଇଁ ଏଭଳି ଘୋଷଣା କରାଯାଉଛି। ଗ୍ରାମାଂଚଳରେ ନିଯୁକ୍ତି ଓ ପ୍ରକୃତ ବିକାଶର ଅଭାବ ଯୋଗୁ ଲୋକେ ଆଜିବି ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି । ଅଥଚ ସରକାର କେବଳ ନିର୍ବାଚନ ଜିତିବା ପାଇଁ ପ୍ରଚାର ଚଳାଇଛନ୍ତି।

ସେହିପରି ବିଜେଡି ବିଧାୟକ ଶାରଦା ପ୍ରସାଦ ଜେନା କହିଛନ୍ତି ଯେ, ଜାତିର ପିତା ମହାତ୍ମା ଗାନ୍ଧୀ ଗାଁର ସ୍ୱପ୍ନ ଦେଖିଥିଲେ, ତେଣୁ ସରକାର ଯଦି ଗ୍ରାମାଂଚଳରେ ସହରୀ ସୁବିଧା ଯୋଗାଇଦେବେ ତେବେ ତାହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ। ମାତ୍ର ସରକାରଙ୍କ କଥା ଓ ବାସ୍ତବତା ଭିତରେ ବହୁତ ପାର୍ଥକ୍ୟ ରହିଛି। ବିଭାଗୀୟ ବଜେଟ୍ ଅର୍ଥ କାହିଁକି ଖର୍ଚ୍ଚ ହୋଇପାରୁନି ତା'ର ଉତ୍ତର ପଂଚାୟତରାଜ ମନ୍ତ୍ରୀ ରଖିବା ଉଚିତ୍। ବିଭାଗୀୟ ଅର୍ଥ ଖର୍ଚ୍ଚ ହୋଇପାରୁ ନଥିବାବେଳେ ଏଭଳି ପ୍ରତିଶ୍ରୁତି କେବଳ କାଗଜପତ୍ର ମଧ୍ୟରେ ସୀମିତ ନରହୁ ବୋଲି ସେ କହିଛନ୍ତି।

ରାଜ୍ୟର ବିଜେପି ସରକାର ଗ୍ରାମାଂଚଳରେ ଭିତ୍ତିଭୂମି ବିକାଶ ପାଇଁ ସ୍ୱତନ୍ତ୍ର ଭାବେ 'ବିକଶିତ ଗାଁ ବିକଶିତ ଓଡିଶା' ଯୋଜନାରେ ବହୁପରିମାଣର ଅର୍ଥ ଖର୍ଚ୍ଚ କରୁଛନ୍ତି। ପୂର୍ବରୁ ବିଜେଡି ଶାସନକାଳରେ ଏହି ଯୋଜନା 'ଆମ ଗାଁ ଆମ ଓଡିଶା' ନାଁରେ ଚାଲିଥିଲା। ଏସବୁ ଯୋଜନା ଥାଇ ମଧ୍ୟ ରାଜ୍ୟର ବିଜେପି ସରକାର ଏବେପୁଣି 'ଗ୍ରାମସମ୍ପଦ' ନାଁରେ ଆଉ ଏକ ସମ୍ମିଳିତ ଯୋଜନା ହାତକୁ ନେଇ ଗ୍ରାମାଂଚଳରେ ସହରୀ ସୁବିଧା ଯୋଗାଇଦେବେ ବୋଲି ସୂଚନା ଦେଇଛନ୍ତି।


## ସଜ୍ଜନ କୁମାରଙ୍କ ଦେହାନ୍ତ

ନୂଆଦିଲ୍ଲୀ,୨୦।୮(ମହାଭାରତ): ଆଉ ନାହାନ୍ତି କଂଗ୍ରେସର ପୂର୍ବତନ ସାଂସଦ ସଜ୍ଜନ କୁମାର। ୧୯୮୪ ଶିଖ୍ ବିରୋଧୀ ଦଙ୍ଗା ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇଥିବା ସଜ୍ଜନ କୁମାର ଆଜି ୮୦ ବର୍ଷ ବୟରେ ପ୍ରାଣ ହରାଇଛନ୍ତି ।ଦଙ୍ଗା ସହିତ ଜଡିତ ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ସଜ୍ଜନ କୁମାର ତିହାର ଜେଲରେ ଆଜୀବନ ସଜା କାଟୁଥିଲେ। ଜେଲ ଭିତରେ ହିଁ ତାଙ୍କର ମୃତ୍ୟୁ ହୋଇଛି। ଜେଲ ଭିତରେ ଅସୁସ୍ଥତା କାରଣରୁ ସେ ଅଚେତ ହୋଇ ଯାଇଥିଲେ। ତାଙ୍କୁ ସଫଦର୍ଜଙ୍ଗ ହସ୍ପିଟାଲ ନିଆଯାଇଥିଲେ ହେଁ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା। ହସ୍ପିଟାଲରେ ଡାକ୍ତରମାନେ ତାଙ୍କୁ ବିଧିବଦ୍ଧ ଭାବେ ମୃତ ଘୋଷଣା କରିଛନ୍ତି। ସଜ୍ଜନ କୁମାର ଜଣେ ଜାଟ୍ ନେତା ଭାବେ ବେଶ ପରିଚିତ। ୧୯୮୪ ଅକ୍ଟୋବର ୩୧ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କୁ ତାଙ୍କର ଦୁଇ ଶିଖ ଅଙ୍ଗରକ୍ଷୀ ଗୁଳି ମାରି ହତ୍ୟା କରିଥିଲେ। ଏହାପରେ ଦିଲ୍ଲୀ ଓ ଉତ୍ତର ଭାରତର ବିଭିନ୍ନ ସ୍ଥାନରେ ଶିଖ ବିରୋଧୀ ଦଙ୍ଗା ଦେଖିବାକୁ ମିଳିଥିଲା। ଦିଲ୍ଲୀ ପୁଲିସ୍ ଶିଖ ବିରୋଧୀ ଦଙ୍ଗାର ମାଷ୍ଟରମାଇଣ୍ଡ ସଜ୍ଜନ କୁମାର ଥିଲେ ବୋଲି କହିଥିଲା। ଶିଖ ବିରୋଧୀ ଦଙ୍ଗାରେ କେବଳ ଦିଲ୍ଲୀରେ ୩ ହଜାର ଲୋକଙ୍କ ମୃତ୍ୟୁ ହୋଇଥିଲା।

# ଭିଜିଲାନ୍ସ ଜାଲରେ ତହସିଲଦାର

## ୫ ଲକ୍ଷ ଟଙ୍କା ନେଇ ଗଲା ବେଳେ ଧରାପଡିଲେ

ଭୁବନେଶ୍ୱର,୨୦।୮(ମହାଭାରତ): ଭିଜିଲାନ୍ସ ଜାଲରେ ପଡିଛନ୍ତି ସୁନ୍ଦରଗଡ ଜିଲ୍ଲା ଲାଠିକଟା ତହସିଲଦାର-ତଥା-ସବ୍‌ରେଜିଷ୍ଟ୍ରାର ମୁରଲୀଧର ଉର୍ମାଲ। ତାଙ୍କଠାରୁ ୫ ଲକ୍ଷ ଟଙ୍କା ଜବତ କରିଛି ଭିଜିଲାନ୍ସ। ସେ ଅସାଧୁ ଉପାୟରେ ଏହି ଟଙ୍କା ହାତେଇ ଥିବା ସନ୍ଦେହ କରୁଛି ଭିଜିଲାନ୍ସ।



ନିର୍ଭରଯୋଗ୍ୟ ସୂଚନା ଆଧାରରେ ଭିଜିଲାନ୍ସର ଏକ ଟିମ୍ ଲଠିକଟା ନିକଟସ୍ଥ ରାଜାବାସ ଛକରେ ଶ୍ରୀ ଉର୍ମାଲଙ୍କୁ ଅଟକାଇଥିଲା। ସେ ଲଠିକଟାସ୍ଥିତ ନିଜ କାର୍ଯ୍ୟାଳୟରୁ ସରକାରୀ ଗାଡି (ଭଡାରେ ଲାଗିଥିବା ସ୍କର୍ପିଓରେ)ରେ ରାଉରକେଲାସ୍ଥିତ ବାସଭବନକୁ ଯାଉଥିଲେ। ଯାଞ୍ଚ ବେଳେ ତାଙ୍କ ଗାଡିରୁ ୫ ଲକ୍ଷ ଟଙ୍କା ମିଳିଥିଲା।

ଏହି ଟଙ୍କା ସେ କେଉଁଠାରୁ ଓ କେଉଁ ଉଦ୍ଦେଶ୍ୟରେ ଆଣିଛନ୍ତି, ସେନେଇ କିଛି ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ। ଏହା ପରେ ଭିଜିଲାନ୍ସ ଟିମ୍ ଉକ୍ତ ଟଙ୍କା ସହିତ ସ୍କର୍ପିଓ ଗାଡିଟିକୁ ଜବତ କରିଥିଲା। ଏହା ସହିତ ତହସିଲଦାରଙ୍କୁ ଅଟକ ରଖି ପଚରାଉଚରା କରୁଛି ଭିଜିଲାନ୍ସ ଟିମ୍। ଆଣି ବେଳେ ତାଙ୍କ ପାଖରୁ ଏହି ଟଙ୍କା ଜବତ କରାଯାଇଛି।

୫ ଲକ୍ଷ ଟଙ୍କା ସହିତ ତହସିଲଦାର ଧରାପଡିବା ପରେ ଶ୍ରୀ ଉର୍ମାଲଙ୍କର ୩ଟି ଠିକଣାରେ ଚଢ଼ାଉ କରିଛି ଭିଜିଲାନ୍ସ। ସେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ତାଙ୍କ ଉକ୍ତ ଠିକଣାଗୁଡିକରେ ଏକକାଳୀନ ଚଢ଼ାଉ କରାଯାଇଛି।

# ଓଡିଶାର ୧.୩୭ କୋଟି ଶ୍ରମିକ ପଞ୍ଜିକୃତ

ଭୁବନେଶ୍ୱର,୨୦।୮(ମହାଭାରତ): ରାଜ୍ୟର ପ୍ରାୟ ୧କୋଟି ୩୭ଲକ୍ଷ ଶ୍ରମିକ କେନ୍ଦ୍ର ସରକାରଙ୍କ ଇ-ଶ୍ରମ ପୋର୍ଟାଲରେ ନିଜକୁ ପଞ୍ଜିକୃତ କରିଛନ୍ତି । ଏମାନଙ୍କ ମଧ୍ୟରେ ରାଜ୍ୟ ବାହାରକୁ କାମ ପାଇଁ ଯାଇଥିବା ପ୍ରବାସୀ ଶ୍ରମିକମାନେ ମଧ ରହିଛନ୍ତି ।



ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କର ପଞ୍ଜିକରଣ ପାଇଁ କେନ୍ଦ୍ର ସରକାର ଇ-ଶ୍ରମ ପୋର୍ଟାଲ ଖୋଲିଥିବାବେଳେ ସେଥିରେ ସମଗ୍ର ଦେଶରୁ ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୨ କୋଟି ଶ୍ରମିକ ନିଜକୁ ପଞ୍ଜିକୃତ କରିଛନ୍ତି। ଏମାନଙ୍କ ମଧ୍ୟରେ ଓଡିଶାର ୧କୋଟି ୩୭ଲକ୍ଷ ଶ୍ରମିକ ରହିଥିବା ଜଣାଯାଇଛି । ଓଡିଶାର ପଞ୍ଜିକୃତ ଶ୍ରମିକମାନଙ୍କ ମଧ୍ୟରେ ଗଞ୍ଜାମରୁ ସର୍ବାଧିକ ୧୨ଲକ୍ଷରୁ ଅଧିକ ଶ୍ରମିକ ଥିବାବେଳେ ବାଲେଶ୍ୱରରୁ ଦ୍ୱିତୀୟ ସର୍ବାଧିକ ୮ଲକ୍ଷ ୫୬ହଜାରରୁ ଅଧିକ ଶ୍ରମିକ ରହିଛନ୍ତି । ମୟୂରଭଞ୍ଜରୁ ୭ଲକ୍ଷ ୮୭ ହଜାରରୁ ଅଧିକ ଶ୍ରମିକ ଥିବାବେଳେ କଟକରୁ ୭ଲକ୍ଷ ୫୦ହଜାରରୁ ଅଧିକ ଶ୍ରମିକ ରହିଛନ୍ତି । ମାଲକାନଗିରି ଜିଲ୍ଲାରୁ ସବୁଠାରୁ କମ୍ ଶ୍ରମିକ ନିଜକୁ ପଞ୍ଜିକୃତ କରାଇଛନ୍ତି । ଏମାନଙ୍କ ସଂଖ୍ୟା ୨ଲକ୍ଷରୁ କମ୍ ରହିଛି ।

ପଞ୍ଜିକୃତ ଶ୍ରମିକମାନଙ୍କ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବହୁବିଧ ସୁବିଧା ସୁଯୋଗ ଘୋଷଣା କରୁଛନ୍ତି । ଏଥିରେ ବୀମା ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ସୁରକ୍ଷା, ପିଲାଙ୍କ ପାଠପଢା ଓ ବାହାଘର ଆଦି ପାଇଁ ସହାୟତା, ଶ୍ରମିକମାନଙ୍କୁ ସାଇକେଲ ପ୍ରଦାନ ଆଦି ରହିଛି। ଏହିସବୁ ଯୋଜନା ପାଇଁ ସରକାରଙ୍କ ନିକଟରେ ଶ୍ରମିକମାନଙ୍କ ତଥ୍ୟ ରହିବା ନିହାତି ଆବଶ୍ୟକ । ତେଣୁ ସମସ୍ତ ଶ୍ରମିକ ଏଥିରେ ନିଜକୁ ପଞ୍ଜିକୃତ କରିବାକୁ ସରକାରଙ୍କ ପକ୍ଷରୁ ବାରମ୍ବାର ଅନୁରୋଧ କରାଯାଉଛି । ସେହିଭଳି ଯେଉଁ ଶ୍ରମିକମାନେ ରାଜ୍ୟ ବାହାକୁ କାର୍ଯ୍ୟ ଅନ୍ୱେଷଣରେ ଯାଉଛନ୍ତି ସେମାନଙ୍କ ପାଇଁ ପଞ୍ଜିକରଣ ଏକ ପ୍ରକାର ବାଧ୍ୟତାମୂଳକ କରାଯାଇଛି। ତେବେ ଏ କ୍ଷେତ୍ରରେ ଯେତେ ସଂଖ୍ୟକ ଶ୍ରମିକ ରାଜ୍ୟ ବାହାରେ ବିଭିନ୍ନ ସ୍ଥାନର କାମ କରୁଛନ୍ତି ସେମାନେ ସମସ୍ତେ ନିଜକୁ ପଞ୍ଜିକୃତ କରୁନାହାନ୍ତି।

ବିଗତ ତିନି ବର୍ଷ ମଧ୍ୟରେ ରାଜ୍ୟ ବାହାରକୁ କାମ ପାଇଁ ଯାଇଥିବା ଯେତେ ସଂଖ୍ୟକ ଶ୍ରମିକ ନିଜର ତଥ୍ୟ ପ୍ରଦାନ କରିଛନ୍ତି ସେଥି ମଧ୍ୟରେ ସର୍ବାଧିକ ପଡୋଶୀ ପଶ୍ଚିମବଙ୍ଗ, ଝାଡଖଣ୍ଡ, ବିହାର ସମେତ ତାମିଲନାଡୁ ଆଦି ରାଜ୍ୟକୁ ଯାଇଥିବା ଲକ୍ଷ୍ୟ କରାଯାଇଛି। ଗୁଜୁରାଟରେ କାମ କରିବାକୁ ଓଡିଶାରୁ ହଜାର ହଜାର ଶ୍ରମିକ ଯାଉଥିବାବେଳେ ଗତ ତିନିବର୍ଷରେ କିନ୍ତୁ ଏମାନଙ୍କ ସଂଖ୍ୟା ୨ଶହରୁ କମ୍ ଦର୍ଶାଯାଇଛି । ତେବେ ଏହି ତାଲିକାରୁ ଜଣାଯାଇଛି ଯେ ଓଡିଶାର ଶ୍ରମିକମାନେ ଉତ୍ତରପୂର୍ବ ରାଜ୍ୟକୁ ଯିବାପାଇଁ ସେତେଟା ଆଗ୍ରହୀ ନୁହନ୍ତି ।

# ପନୀର ଜଲସା

**ଆବଶ୍ୟକ ସାମଗ୍ରୀ:** ପନୀର, ରିଫାଇନ, ଜୀରା, ହଳଦି ଗୁଣ୍ଡ, କଟା ଯାଇଥିବା ଅଦା, ରସୁଣ, କଞ୍ଚାଲଙ୍କା, ପିଆଜ, ଟମାଟୋ, କ୍ୟାପସିକମ ,ଲୁଣ, ଟମାଟୋ ସସ୍, ଲଙ୍କାଗୁଣ୍ଡ। ଏହାବ୍ୟତୀତ ଆଛର ମସଲା ପାଇଁ ସୋରିଷ, ଜୀରା, ମେଥି, କଳାଜିରା ଓ ପାନମହୁରି।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ କରେଇରେ ତେଲ ଗରମ କରି ପନୀରକୁ ହାଲକା ଭାଜି ବାହାର କରି ଦିଅନ୍ତୁ। ଏହାପରେ ତେଲରେ ଜୀରା, କଟା ଯାଇଥିବା ଅଦା, ରସୁଣ, କଞ୍ଚାଲଙ୍କା, ପିଆଜ, ଟମାଟୋ, କ୍ୟାପସିକମ, ହଳଦି ଗୁଣ୍ଡ ଓ ଲୁଣ ପକାଇ ଭାଜନ୍ତୁ। ପରେ ସେଥିରେ ଭଜା ପନିର, ଟମାଟୋ ସସ୍, ଲଙ୍କାଗୁଣ୍ଡ, ଓ ଛଟ ମସଲା ପକାନ୍ତୁ। କିଛି ସମୟ ପରେ ଆଛର ମସଲା ପକାଇ ଅଳ୍ପ ପାଣି ଦେଇ ଭଲ ଭାବେ ଫୁଟାନ୍ତୁ। ଏହାପରେ ଗରାମଗରମ ପ୍ଲେଟରେ ପରସନ୍ତୁ।



ଖବର

# ଆସୁଛି 'ଜିନ୍ଦେଗୀ ନା ମିଲେଗୀ ଦୋବାରା'ର ସିକ୍ୱେଲ୍



ଜୋୟା ଅଖତରଙ୍କ ନିର୍ଦ୍ଦେଶିତ 'ଜିନ୍ଦେଗୀ ନା ମିଲେଗୀ ଦୋବାରା' ୨୦୧୧ ମସିହାରେ ରିଲିଜ୍ ହୋଇଥିଲା । ଏହି ଫିଲ୍ମରେ ହ୍ରିତିକ ରୋଶନ, ଫରହାନ ଅଖତର ଏବଂ ଅଭୟ ଦେଓଲ ଲିଡ୍ ରୋଲରେ ଥିବାବେଳେ ନସିରୁଦ୍ଦିନ ଶାହ, କ୍ୟାଟ୍ରିନା କୈଫ ଓ କଳ୍କି କୋଚ୍ଲିନ ମଧ୍ୟ ନଜର ଆସିଥିଲେ । ଏବେ ଯେଉଁ ଫିଲ୍ମଗୁଡ଼ିକର ସିକ୍ୱେଲକୁ ଦର୍ଶକମାନେ ଅପେକ୍ଷା କରୁଛନ୍ତି, ସେଥିରେ ଏହି ଫିଲ୍ମ ମଧ୍ୟ ସାମିଲ ରହିଛି । ତେବେ ଦୀର୍ଘଦିନ ଧରି ଏହାର ପାର୍ଟ-୨ ଆସିବା ନେଇ ଚର୍ଚ୍ଚା ହେଉଥିଲା । ଯାହାକୁ ଏବେ ଜୋୟା ଅଖତର ନିଜେ ଏହାକୁ କନଫର୍ମ କରିଛନ୍ତି ।'ଜିନ୍ଦେଗୀ ନା ମିଲେଗୀ ଦୋବାରା'କୁ ୧୫ ବର୍ଷ ପୂରିଛି । ଏହି ଅବସରରେ ଜୋୟା ଅଖତର କହିଛନ୍ତି ଯେ ସେ ଫିଲ୍ମର ସିକ୍ୱେଲ ଉପରେ କାମ କରୁଛନ୍ତି । ତେବେ ଏହି ଚର୍ଚ୍ଚା ଆରମ୍ଭ ହୋଇଥିଲା ୨୦୨୫ରେ 'ୟସ ଆୟରଲ୍ୟାଣ୍ଡ'ର ଏକ ବିଜ୍ଞାପନ ପରେ । ସେଥିରେ ହ୍ରିତିକ ରୋଶନ, ଅଭୟ ଦେଓଲ ଓ ଫରହାନ ଅଖତର ଏକାଠି ନଜର ଆସିଥିଲେ । ଏହାପରେ 'ଜିନ୍ଦେଗୀ ନା ମିଲେଗୀ ଦୋବାରା୨'କୁ ନେଇ ଚର୍ଚ୍ଚା ଆହୁରି ବଢ଼ିଥିଲା । ନିକଟରେ 'ମନସୁନ୍ ଫିଲ୍ମ ଫେଷ୍ଟିଭାଲ୍'ରେ ରିପୋର୍ଟରଙ୍କ ସହ କଥା ହେବା ସମୟରେ ଜୋୟା ଅଖତର ସିକ୍ୱେଲ ଉପରେ କାମ ଚାଲିଥିବା କଥା କହିଛନ୍ତି ।ଜୋୟା ଅଖତର କହିଛନ୍ତି, "ଆମେ ଏହା ଉପରେ କାମ କରୁଛୁ । ଆଗକୁ କ'ଣ ହେବ ତାହା ଆମେ ଜାଣିନାହୁଁ । ଯଦି ଆମେ ଏଭଳି ଏକ ସ୍ଥାନରେ ପହଞ୍ଚୁ, ଯେଉଁଠାରେ ଆଜିର ସମୟରେ ଏହି ଚରିତ୍ରଗୁଡ଼ିକୁ ପୁଣି ଦେଖାଇବା ଠିକ୍ ଲାଗେ, ତେବେ ଏହା ବହୁତ ଭଲ ହେବ।"ଏହି ସମୟରେ ସେ ୨୦୨୫ରେ ହ୍ରିତିକ, ଅଭୟ ଓ ଫରହାନଙ୍କ ସହ ହୋଇଥିବା ବିଜ୍ଞାପନ ବିଷୟରେ ମଧ୍ୟ କହିଥିଲେ । ବିଜ୍ଞାପନକୁ ଦେଖି ଅନେକ ଲୋକ ଏହାକୁ 'ଜିନ୍ଦେଗୀ ନା ମିଲେଗୀ ଦୋବାରା ୨'ର ଟିଜର କିମ୍ବା ଟ୍ରେଲର ବୋଲି ଭାବିଥିଲେ । ଜୋୟା କହିଛନ୍ତି, "ଲୋକମାନେ ଭାବିଥିଲେ ଏହା ଟ୍ରେଲର । ପ୍ରଥମେ ସମସ୍ତେ ବହୁତ ଉତ୍ସାହିତ ହୋଇଥିଲେ । ପରେ ଏହା ବିଜ୍ଞାପନ ବୋଲି ଜାଣିବା ପରେ ମୋତେ ଡାଇରେକ୍ଟ ମେସେଜ୍‌ରେ ଅନେକ ଲୋକ ଗାଳି ମଧ୍ୟ ଦେଇଥିଲେ ।

# ଉପହାରରେ ଦିଅନ୍ତୁ ନାହିଁ ପାଣି ପାତ୍ର



ଜଳ ମୁଖ୍ୟତଃ କେଉଁ ଗ୍ରହ ସହ ଜଡ଼ିତ ଓ ଜୀବନରେ ଏହାର ପ୍ରଭାବ କ'ଣ, ତାହା ହୁଏତ ସର୍ଭିଙ୍କୁ ଜାଣାନଥାଏ। ତେବେ ଆସନ୍ତୁ ଜାଣିବା ଜଳ ସହ ଗ୍ରହର କ'ଣ ରହିଛି ସମ୍ବନ୍ଧ।

ଜଳର ମୁଖ୍ୟତଃ ଚନ୍ଦ୍ରମା ଓ ଶୁକ୍ର ଗ୍ରହଙ୍କ ସହ ସମ୍ବନ୍ଧ ରହିଛି। କିଛି ମାତ୍ରାର ଏହାର ସମ୍ବନ୍ଧ ମଙ୍ଗଳ ଗ୍ରହଙ୍କ ସହ ମଧ୍ୟ ରହିଛି। ଜଳର ସଠିକ ପ୍ରୟୋଗ କରିବା ଦ୍ୱାରା ଜାତକରେ ଶୁକ୍ର ଓ ଚନ୍ଦ୍ରମାଙ୍କ ସ୍ଥିତି ଉତ୍ତମ ରହିଥାଏ।

ଶୁକ୍ରଙ୍କ ସ୍ଥିତି ମଜଭୂତ କରିବା ପାଇଁ ଏପରି କରନ୍ତୁ ଜଳର ପ୍ରୟୋଗ -
ପ୍ରତିଦିନ ୨ଥର ସ୍ନାନ କରନ୍ତୁ।
ସ୍ନାନ ଜଳରେ କିଛି ମାତ୍ରାରେ ଗୋଲାପ ଜଳ ମିଶାନ୍ତୁ।
କାଚ ଗ୍ଲାସରେ ନିୟମିତ ଜଳ ପିଅନ୍ତୁ।
ପାଣି ପାତ୍ର ଉପହାରରେ ଦିଅନ୍ତୁ ନାହିଁ।


ଚନ୍ଦ୍ରମାଙ୍କ ସ୍ଥିତି ସୁଦୃଢ ଓ ମାନସିକ ଶାନ୍ତି ପାଇଁ ଏପରି କରନ୍ତୁ ଜଳର ପ୍ରୟୋଗ -
ଘରର ବଗିଚରେ ବହୁ ପ୍ରକାରର ଫୁଲର ବୃକ୍ଷ ଲଗାନ୍ତୁ ଓ ନିୟମିତ ସେଥିରେ ଜଳ ଅର୍ପଣ କରନ୍ତୁ।
ବର୍ଷାର ଜଳ ଏକ କାଚ ପାତ୍ରରେ ନେଇ କିଛି ସମୟ ଯାଏଁ ନିଜ ଶୟନ କକ୍ଷରେ ରଖନ୍ତୁ।
ଚନ୍ଦ୍ରମାଙ୍କ ସ୍ଥିତି ମଜଭୂତ କରିବା ପାଇଁ ସ୍ନାନ କରିବା ସମୟରେ ପ୍ରଥମେ ନାଭିରେ ଜଳ ପକାଇ ସ୍ନାନ କରନ୍ତୁ।

# ଦୈନନ୍ଦିନ ଖାଦ୍ୟକୁ ଗୁରୁତ୍ୱ ଦେଲେ ଦୂର ହେବ ହୃଦଘାତ ସମସ୍ୟା



ହୃଦ୍‌ଘାତ ଆଜିକାଲିକା ସମୟ ପାଇଁ ଏକ ସାଧାରଣ କଥା। ଅନେକ ଲୋକଙ୍କର ଏହି ସମସ୍ୟାରେ ପ୍ରାଣହାନୀ ଘଟୁଛି। ଏହା ନିୟନ୍ତ୍ରଣାଧୀନ ନହେଲେ ନିମିଷକରେ ଜୀବନ ଛଳି ଯାଇପାରେ। ବିଶେଷ କରି ଖାଇବା ପିଇବାରେ ଅବହେଳା ହେତୁ ହୃଦ୍‌ଘାତ ହୋଇଥାଏ। ନିଜର ଠିକ୍ ଭାବେ ଯତ୍ନ ନେଲେ ଆପଣ ନିଜକୁ ହୃଦଘାତଠାରୁ ଦୂରେଇ ରଖିପାରିବେ। ଦୈନନ୍ଦିନ କାବ୍ରୋହାଇଡ୍ରେଟ୍ସ, ପ୍ରୋଟିନ୍, ଫ୍ୟାଟ୍, ଭିଟାମିନ୍ ଏବଂ ଫାଇବର୍ ଯୁକ୍ତ କିଛି ନା କିଛି ଖାଦ୍ୟ ଖାଆନ୍ତୁ। ଯଦି ଆପଣ ଓଜନ କମାଇବାକୁ ଚାହୁଁଥାନ୍ତି ତେବେ ପ୍ରୋଟିନ୍ ଖାଇବା ଟିକେ କମ୍ କଲେ ଚଳିବ। ମାତ୍ରାଧିକ ଓଜନ ମଧ୍ୟ ହୃଦ୍‌ଘାତର କାରଣ ହୋଇଥାଏ। ପ୍ରଚୁର ପରିମାଣର ଫଳ ଓ ସବୁଜ ପରିବା ଖାଆନ୍ତୁ। ବିଶେଷ କରି ଶାଗ ଖାଇବାକୁ ଆଦୌ ଭୁଲନ୍ତୁ ନାହିଁ। ବାଦାମ ଓ ବିଭିନ୍ନ ପ୍ରକାରର ମଞ୍ଜି ଖାଦ୍ୟରେ ସାମିଲ୍ କରନ୍ତୁ। ଶସ୍ୟ ଜାତୀୟ ଖାଦ୍ୟ ଓ ମାଛ ଖାଇବା ଦ୍ୱାରା ବ୍ୟକ୍ତି ସୁସ୍ଥ ରହିଥାଏ। ଜଣେ ସଂପୂର୍ଣ୍ଣ ସୁସ୍ଥ ବ୍ୟକ୍ତିଙ୍କୁ ହୃଦଘାତ କବଳିତ କରିପାରେ ନାହିଁ। ବିଶେଷ କରି ଘରେ ପ୍ରସ୍ତୁତ କରାଯାଉଥିବା ଖାଦ୍ୟ ଖାଇବାକୁ ଚେଷ୍ଟା କରନ୍ତୁ। ବାହାର ଖାଦ୍ୟ ଯେତେ ନଖାଇବେ ସେତେ ଭଲ। ମନେ ରଖନ୍ତୁ ଆପଣଙ୍କର ଯଦି ସିଗାରେଟ୍ କିମ୍ୱା ମଦ୍ୟପାନର ଅଭ୍ୟାସ ଅଛି ତେବେ ଏହାକୁ ନିଶ୍ଚିତ ଭାବେ ଛାଡ଼ିବାକୁ ପଡ଼ିବ। ଏସବୁ ମାନିବା ଦ୍ୱାରା ହୃଦ୍‌ଘାତକୁ ଏଡ଼ାଇ ଦିଆଯାଇପାରେ।

# ରହସ୍ୟମୟ ଶିବ ମନ୍ଦିର: ଶିବଲିଙ୍ଗ ଉପରେ ପ୍ରାକୃତିକ ଭାବେ ନିରନ୍ତର ଜଳାଭିଷେକ




ରାମଗଡ଼: ଭାରତରେ ଏଭଳି ଅନେକ ପ୍ରାଚୀନ ମନ୍ଦିର ରହିଛି, ଯାହା ସହ ଜଡ଼ିତ ରହିଛି ଅନେକ ରହସ୍ୟ ଓ ଧାର୍ମିକ ବିଶ୍ୱାସ। ଝାଡ଼ଖଣ୍ଡର ରାମଗଡ଼ ଜିଲ୍ଲାରେ ଥିବା ଏକ ପ୍ରାଚୀନ ଶିବ ମନ୍ଦିର ମଧ୍ୟ ଏହି କାରଣରୁ ଭକ୍ତଙ୍କ ମଧ୍ୟରେ ବେଶ୍ ଚର୍ଚ୍ଚିତ। ଏଠାରେ ଶିବଲିଙ୍ଗ ଉପରେ ବର୍ଷର ୧୨ ମାସ ନିରନ୍ତର ଜଳଧାରା ପଡୁଥିବା ବିଶ୍ୱାସ କରାଯାଏ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଏହି ଜଳଧାରା ପାଇଁ କୌଣସି ଭକ୍ତଙ୍କୁ ଜଳ ଅର୍ପଣ କରିବାକୁ ପଡ଼େ ନାହିଁ। ପ୍ରାକୃତିକ ଭାବେ ଏକ ନିରନ୍ତର ଜଳଧାରା ଶିବଲିଙ୍ଗ ଉପରେ ପଡ଼ିଥାଏ। ଏହି ରହସ୍ୟ ହିଁ ମନ୍ଦିରଟିକୁ ଅନ୍ୟ ଶିବ ମନ୍ଦିରଠାରୁ ସ୍ୱତନ୍ତ୍ର ପରିଚୟ ଦେଇଛି।୧୯୨୫ରେ ଖନନ ବେଳେ ମିଳିଥିଲା ମନ୍ଦିର କଥିତ ତଥ୍ୟ ଅନୁସାରେ, ୧୯୨୫ ମସିହାରେ ବ୍ରିଟିଶ ଶାସନ ସମୟରେ ଅଞ୍ଚଳରେ ଜଳ ଯୋଗାଣ ପାଇଁ ଖନନ କାର୍ଯ୍ୟ ଚାଲିଥିଲା। ଏହି ସମୟରେ ମାଟି ତଳେ ଏକ ଗମ୍ବୁଜ ଆକୃତିର ଗଠନ ଦେଖିବାକୁ ମିଳିଥିଲା। ପରେ ଅଧିକ ଖନନ କରାଯିବାରୁ ମାଟି ତଳେ ପୋତି ହୋଇ ରହିଥିବା ଏକ ପ୍ରାଚୀନ ମନ୍ଦିରର ସନ୍ଧାନ ମିଳିଥିବା କୁହାଯାଏ। ମନ୍ଦିର ଭିତରେ ଏକ ଶିବଲିଙ୍ଗ ଥିବା ସହ ତାହାର ଉପରେ ମାତା ଗଙ୍ଗାଙ୍କ ଏକ ଧଳା ପ୍ରତିମା ମଧ୍ୟ ମିଳିଥିବା ଦାବି କରାଯାଏ। ଗଙ୍ଗାଙ୍କ ପ୍ରତିମାରୁ ଝରୁଛି ଜଳ!

ମନ୍ଦିରର ସବୁଠାରୁ ବଡ଼ ରହସ୍ୟ ହେଉଛି ଏହି ଜଳଧାରା। ଧାର୍ମିକ ବିଶ୍ୱାସ ଅନୁସାରେ, ମାତା ଗଙ୍ଗାଙ୍କ ପ୍ରତିମାରୁ ଜଳ ପ୍ରବାହିତ ହୋଇ ସିଧାସଳଖ ତଳେ ଥିବା ଶିବଲିଙ୍ଗ ଉପରେ ପଡୁଛି। ଏହି ଜଳଧାରା ଦ୍ୱାରା ବର୍ଷର ସବୁ ସମୟରେ ଶିବଲିଙ୍ଗର ଅଭିଷେକ ହେଉଥିବା ଭକ୍ତମାନେ ବିଶ୍ୱାସ କରନ୍ତି। ତେବେ ଏହି ଜଳ କେଉଁଠାରୁ ଆସୁଛି ଏବଂ ଏହାର ପ୍ରାକୃତିକ ଉତ୍ସ କ'ଣ, ସେନେଇ ଏବେ ବି ରହସ୍ୟ ରହିଛି। ଜଳର ଉତ୍ସ ଜାଣିବା ପାଇଁ ତଦନ୍ତ ହୋଇଥିବା ଦାବି କରାଯାଉଥିଲେ ମଧ୍ୟ ଏହାର ସ୍ପଷ୍ଟ ଉତ୍ତର ମିଳିନାହିଁ।ମନ୍ଦିରର ରହସ୍ୟ କେବଳ ଶିବଲିଙ୍ଗ ଉପରେ ପଡୁଥିବା ଜଳଧାରାରେ ସୀମିତ ନୁହେଁ। ମନ୍ଦିର ପରିସରରେ ଥିବା ଦୁଇଟି ହ୍ୟାଣ୍ଡପମ୍ପକୁ ନେଇ ମଧ୍ୟ ସ୍ଥାନୀୟ ଅଞ୍ଚଳରେ ଅନେକ ଆଲୋଚନା ହୁଏ। କୁହାଯାଏ, ବର୍ଷା କମିବା କିମ୍ୱା ଗରମ ବଢ଼ିବା ସମୟରେ ମଧ୍ୟ ଏହି ହ୍ୟାଣ୍ଡପମ୍ପରୁ ପାଣି ମିଳୁଥାଏ। ଏହି ଜଳଧାରାର ଭୂତଳ ଜଳସ୍ରୋତ ସହ କିପରି ସଂଯୋଗ ରହିଛି, ତାହା ସ୍ପଷ୍ଟ ନୁହେଁ। ଶିବଲିଙ୍ଗ ଉପରେ ନିରନ୍ତର ପଡୁଥିବା ଜଳକୁ ଭକ୍ତମାନେ ପବିତ୍ର ବୋଲି ମାନନ୍ତି ଏବଂ ଏହାକୁ ପ୍ରସାଦ ଭାବେ ଗ୍ରହଣ କରନ୍ତି। ଭଗବାନ ଶିବଙ୍କ ନିକଟରେ ଶ୍ରଦ୍ଧାର ସହ ପ୍ରାର୍ଥନା କଲେ ମନସ୍କାମନା ପୂରଣ ହୁଏ ବୋଲି ମଧ୍ୟ ସାଧାରଣରେ ବିଶ୍ୱାସ ରହିଛି।

# ମାନସିକ ଦୁଶ୍ଚିନ୍ତା ଦୂର କରେ ଦହି

କ୍ଷୀରରୁ ପ୍ରସ୍ତୁତ ଅନେକ ପଦାର୍ଥ ସ୍ୱାସ୍ଥ୍ୟ ପାଇଁ ବେଶ ଲାଭଦାୟକ। ଏହା ଖାଇବାକୁ ମଧ୍ୟ ସ୍ୱାଦିଷ୍ଟ। ଏଥିରେ ପୁଷ୍ଟିଯୁକ୍ତ, ଭିଟାମିନ,ପ୍ରୋଟିନ ଓ କ୍ୟାଲସିୟମ ଭଳି ଅତ୍ୟାବଶ୍ୟକ



ପୋଷକତ□ ରହିଛି। ଏହା ମଧ୍ୟରୁ ଦହି ହେଉଛି ଗୋଟିଏ। ଦହିର ସେବନ କରିବା ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ। ବିଶେଷ କରି ଖରାଦିନେ ନିୟମିତ ନିଜ ଖାଦ୍ୟରେ ଦହି ସାମିଲ କରନ୍ତୁ। ଏହାଦ୍ୱାରା ସ୍ୱାସ୍ଥ୍ୟ ଜନିତ ଅନେକ ସମସ୍ୟା ଦୂର ହୋଇଥାଏ। ଏହା ପାଚନ ତନ୍ତ୍ରକୁ ସୁସ୍ଥ ରଖିଥାଏ।

ଗବେଷଣାରୁ ଜଣାପଡିଛି, ଦହିରେ ଅନେକ ପୋଷକ ତ□ ରହିଛି। ଯାହା ଶରୀର ପାଇଁ ନିତାନ୍ତ ଆବଶ୍ୟକ। ଏଥିରେ କ୍ୟାଲସିୟମର ମାତ୍ରା ଖୁବ ଅଧିକ ଥିବାରୁ ହାଡ ପାଇଁ ଖୁବ ଉପକାରୀ। ହାଡକୁ ସୁସ୍ଥ ରଖିବାରେ ମଧ୍ୟ ସହାୟକ ହୋଇଥାଏ। ଏକ କପ ଦହିରୁ ଦୈନିକ କ୍ୟାଲସିୟମର ମାତ୍ରା ଆବଶ୍ୟକ ଅନୁଯାୟୀ ୪୯ ପ୍ରତିଶତ ମିଳିଥାଏ। ଜାଣନ୍ତୁ ଖରାଦିନେ ନିୟମିତ ଦହି ଖାଇଲେ କି କି ଲାଭ ମିଳିଥାଏ। ଗବେଷଣାରୁ ଜଣାପଡିଛି, ଦହି ହାଲକା ମାତ୍ର ଅନେକ ପୁଷ୍ଟିଯୁକ୍ତ। ଏହା ଶରୀରରେ ଜଳୀୟଅଂଶ ମାତ୍ରାକୁ ସଠିକ ରଖିବା ସହ ଶକ୍ତି ଯୋଗାଇଥାଏ। ଖରାଦିନେ ଦହି ଖାଇବା ଦ୍ୱାରା ଖରାର କୁପ୍ରଭାବରୁ ରକ୍ଷା ମିଳିଥାଏ। ଶରୀରକୁ ଭିତରୁ ସତେଜ ରଖିବା ସହ କାର୍ଯ୍ୟକରିବାକୁ ଇଚ୍ଛାଶକ୍ତି ବୃଦ୍ଧି କରିଥାଏ। ଦହି ସେବନ ଦ୍ୱାରା ଶରୀରରେ ଉତ୍ତମ ବ୍ୟାକ୍ଟେରିଆ ବୃଦ୍ଧି ହୋଇଥାଏ। ଯାହା ଖାଦ୍ୟକୁ ହଜମ କରିବାରେ ସହାୟକ ହୋଇଥାଏ। ପେଟ ଜନିତ ଅନେକ ସମସ୍ୟା ଦୂର କରିଥାଏ। ଏହାସହ କୋଷ୍ଠକାଠିନ୍ୟ, ବଦହଜମି, ପେଟରେ ଜଳାପୋଡା ଅନୁଭବ ହେବା ମଧ୍ୟ ଦୂର ହୋଇଥାଏ। ଖରାଦିନେ ତ୍ୱଚ୍ଛ ପାଇଁ ଧ୍ୟାନ ଦେବା ମଧ୍ୟ ଆବଶ୍ୟକ। ତେଣୁ ଏହି ସମୟରେ ଦହି ସେବନ କରିବା ଏକ ଉତ୍ତମ ବିକଳ୍ପ। ଦହି ଖାଇବା ସହ ଏହାକୁ ତ୍ୱଚ୍ଛରେ ମଧ୍ୟ ଲଗାଇପାରିବେ। ଖରାର କୁପ୍ରଭାବରୁ ରକ୍ଷା ପାଇବା ପାଇଁ ଦହିର ଫେସପ୍ୟାକ ମଧ୍ୟ ବ୍ୟବହାର କରିପାରିବେ। ଏହା ମୁହଁର କୋଷିକାକୁ ସୁସ୍ଥ ରଖିବା ପାଇଁ ସହାୟକ ହୋଇଥାଏ। ମାନସିକ ଦୁଶ୍ଚିନ୍ତା ଓ ବ୍ୟତିବ୍ୟସ୍ତ ରହୁଥିବା ବ୍ୟକ୍ତି ବିଶେଷ ଦୈନିକ ନିଜ ଖାଦ୍ୟରେ ଦହି ସାମିଲ କରିବା ଦ୍ୱାରା ଏହି ସମସ୍ୟା ଦୂର ହୋଇଥାଏ। ଦହି ମସ୍ତିଷ୍କକୁ ଶାନ୍ତ କରିବାରେ ସହାୟକ ହୋଇଥାଏ।

# ୧୦୦ ଶଯ୍ୟା ବିଶିଷ୍ଟ ଆୟୁର୍ବେଦିକ ଚିକିତ୍ସାଳୟର ଭିତିପ୍ରସ୍ତର ସ୍ଥାପନ

**ଭୁବନେଶ୍ୱର,୨୦।୮ (ମହାଭାରତ):** ଭୁବନେଶ୍ୱରସ୍ଥିତ ୧୦୦ ଶଯ୍ୟା ବିଶିଷ୍ଟ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟର ଉନ୍ନତିକରଣ ଏବଂ ଫାର୍ମାସୀ ୱେ଼ରହାଉସ ଗୃହ ନିର୍ମାଣର ଶୁଭ ଭିତିପ୍ରସ୍ତର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗଙ୍କ ଦ୍ୱାରା ସ୍ଥାପନ କରାଯାଇଛି । ଏହି ଅବସରରେ ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ପଦକ୍ଷେପ ରାଜ୍ୟରେ ସରକାରୀ ଆୟୁର୍ବେଦ ଚିକିତ୍ସା ସେବାର ଭିତିଭୂମିକୁ ଆହୁରି ସୁଦୃଢ଼ କରିବା ସହ ରୋଗୀମାନଙ୍କୁ ଉନ୍ନତମାନର ଚିକିତ୍ସା ସୁବିଧା ପ୍ରଦାନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ । ମନ୍ତ୍ରୀ ଏହି ଅବସରରେ କହିଛନ୍ତି ଯେ " ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ମାର୍ଗଦର୍ଶନରେ ଆୟୁର୍ବେଦ ସମେତ ଭାରତର ପାରମ୍ପରିକ ଚିକିତ୍ସା ପଦ୍ଧତିଗୁଡ଼ିକର ସଂରକ୍ଷଣ, ପ୍ରୋତ୍ସାହନ ଓ ଆଧୁନିକୀକରଣକୁ ଗୁରୁତ୍ୱ ଦିଆଯାଉଛି । ଏହାକୁ ଆଗେଇ ନେଇ ରାଜ୍ୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟଗୁଡ଼ିକର ଗୁଣାତ୍ମକ



ଉନ୍ନତି, ଆଧୁନିକୀକରଣ ଓ ଭିତିଭୂମି ସୁଦୃଢ଼ୀକରଣ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି ।" ଭୁବନେଶ୍ୱରର ୧୦୦ ଶଯ୍ୟା ବିଶିଷ୍ଟ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟର ଉନ୍ନତିକରଣ ଦ୍ୱାରା ଚିକିତ୍ସା ସେବାର ଗୁଣବତା ବୃଦ୍ଧି ପାଇବା ସହ ରୋଗୀମାନଙ୍କ ପାଇଁ ଅଧିକ ସୁବିଧାଜନକ ଓ ରୋଗୀ-କେନ୍ଦ୍ରିକ ପରିବେଶ ସୃଷ୍ଟି ହେବ । ସେହିପରି ଫାର୍ମାସୀ ୱେ଼ରହାଉସ ଗୃହ ନିର୍ମାଣ ଦ୍ୱାରା ଔଷଧ ଓ ଆବଶ୍ୟକୀୟ ସାମଗ୍ରୀର ସୁସଂଗଠିତ ସଂରକ୍ଷଣ ଏବଂ ପରିଚାଳନାରେ ଉନ୍ନତି ଆସିବ । ସରକାରଙ୍କ ଏହି ସମସ୍ତ ପଦକ୍ଷେପର ମୁଖ୍ୟ ଲକ୍ଷ୍ୟ ହେଉଛି ସୁରକ୍ଷିତ, ଗୁଣାତ୍ମକ, ବୈଜ୍ଞାନିକ ମାନଦଣ୍ଡ ଆଧାରିତ ଏବଂ ରୋଗୀ-କେନ୍ଦ୍ରିକ ଆୟୁର୍ବେଦ ଚିକିତ୍ସା ସେବାକୁ ସାଧାରଣ ଲୋକଙ୍କ ପାଇଁ ଅଧିକ ସୁଲଭ ଓ ସୁଦୃଢ଼ କରିବେ । ଏହି ଭିତିଭୂମି ବିକାଶ ଫଳରେ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟର ସେବା ମାନ ଆହୁରି ଉନ୍ନତ ହେବା ସହ ଜନସାଧାରଣଙ୍କ ମଧ୍ୟରେ ଆୟୁର୍ବେଦ ଚିକିତ୍ସା ପ୍ରତି ଆସ୍ଥା, ଗ୍ରହଣୀୟତା ଓ ଚାହିଦା ଆହୁରି ବୃଦ୍ଧି ପାଇବ ବୋଲି ଆଶା ପ୍ରକାଶ କରାଯାଇଛି । ସେହିପରି ନିରାମୟ ଏବଂ ନିଦାନରେ ମାଗଣା ଟେଷ୍ଟିଂ ଏବଂ ଔଷଧ ସୁବିଧା ମଧ୍ୟ ଏହାକୁ ଅଧିକ ଲୋକାଭିମୁଖୀ କରିଛି । ବର୍ତମାନ ରାଜ୍ୟ ସରକାରଙ୍କ ଦ୍ୱାରା ରାଜ୍ୟରେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରର ମୁରୁଗାଘୁଟୁରେ ଏକ ନୂତନ ଆୟୁର୍ବେଦିକ ମେଡିକାଲ କଲେଜ ଏବଂ ହସ୍ପିଟାଲ ନିର୍ମାଣ ପାଇଁ ପ୍ରଶାସନିକ ଅନୁମୋଦନ ପ୍ରଦାନ କରାଯାଇଛି । ଅଧ୍ୟାପକଙ୍କ ଚୁକ୍ତିଭିତିକ ପାରିଶ୍ରମିକ ୭୦,୦୦୦/- ଟଙ୍କା ସ୍ଥିର କରାଯାଇଛି ଏବଂ ପାଠକ ଏବଂ ପ୍ରଫେସରଙ୍କ ଚୁକ୍ତିଭିତିକ ପାରିଶ୍ରମିକ ଯଥାକ୍ରମେ ୪୦,୦୦୦/- ଟଙ୍କାରୁ ୮୦,୦୦୦/- ଟଙ୍କା ଏବଂ ୫୦,୦୦୦/- ଟଙ୍କାରୁ ପ୍ରତିମାସ ୧,୦୦,୦୦୦/- ଟଙ୍କାକୁ ବୃଦ୍ଧି କରାଯାଇଛି । ଆୟୁର୍ବେଦିକ ଏବଂ ହୋମିଓପାଥିକ ମେଡିକାଲ କଲେଜଗୁଡ଼ିକର ସରକାରୀ ଶିକ୍ଷା ବିଭାଗର ଛାତ୍ରଙ୍କ ବୃତି ମାସିକ ଦରମା ୧୭,୦୦୦ ଟଙ୍କାରୁ ୩୦,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିପରି, ସରକାରୀ ଆୟୁର୍ବେଦିକ ଏବଂ ହୋମିଓପାଥିକ ମେଡିକାଲ କଲେଜର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ବର୍ଷର ପିଜି ଛାତ୍ରଙ୍କ ଷ୍ଟାଇପେଣ୍ଡକୁ ମାସିକ ଯଥାକ୍ରମେ ୩୧,୦୦୦ ଟଙ୍କା, ୩୨,୦୦୦ ଟଙ୍କା ଏବଂ ୩୩,୦୦୦ ଟଙ୍କାରୁ ୪୮,୦୦୦ ଟଙ୍କା, ୫୨,୦୦୦ ଟଙ୍କା ଏବଂ ୫୫,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି ଯାହା ସରକାରଙ୍କ ଆୟୁର୍ବେଦିକ ଚିକିତ୍ସା ଏବଂ ଶିକ୍ଷା ପ୍ରତି ଗୁରୁତ୍ୱ ଦର୍ଶାଉଛି ।

## ସୁରକ୍ଷିତ ମାତୃତ୍ୱ, ନବଜାତ ଓ ଶିଶୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୦।୮ (ମହାଭାରତ):** ଭୁବନେଶ୍ୱରଠାରେ "ଷ୍ଟେଟ ଲେଭଲ ଟ୍ରେନିଂ ଅନ୍ ମାଟରନାଲ ଆଣ୍ଡ ଚାଇଲ୍ଡ ହେଲ୍ଥ ଇନ୍ ହାଇ ପ୍ରାୟୋରିଟି ବ୍ଲକସ୍ କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ଗର୍ଭବତୀ ମା'ମାନଙ୍କର ସୁରକ୍ଷିତ ମାତୃତ୍ୱ, ନବଜାତ ଓ



ଶିଶୁ ସ୍ୱାସ୍ଥ୍ୟ, ପୋଷଣ, ଟୀକାକରଣ ସହ ସମୟୋପଯୋଗୀ ସ୍ୱାସ୍ଥ୍ୟ ସେବା ପ୍ରଦାନ ଭଳି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ଅବସରରେ ମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାର ପ୍ରତ୍ୟେକ ମା' ଓ ପ୍ରତ୍ୟେକ ନବଜାତ ଶିଶୁଙ୍କ ସୁରକ୍ଷା ଓ କଲ୍ୟାଣକୁ ଲୋକଙ୍କ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି । ଏହି ପ୍ରୟାସର ଅଂଶ ଭାବେ ରାଜ୍ୟରେ ମୋଟ ୧୧୭ଟି ବ୍ଲକ ଚିହ୍ନଟ କରାଯାଇ ଅଗ୍ରାଧିକାର ଭିତିରେ ସେଠାରେ ବିଶେଷ ପଦକ୍ଷେପ ଗ୍ରହଣ କରାଯାଉଛି । ମୋର ବିଶ୍ୱାସ ଆମ ସ୍ୱାସ୍ଥ୍ୟକର୍ମୀମାନଙ୍କର ଜ୍ଞାନ, ପ୍ରତିବଦ୍ଧତା ଓ ନେତୃତ୍ୱ ମା' ଓ ନବଜାତ ଶିଶୁଙ୍କ ଜୀବନ ରକ୍ଷାରେ ପରିବର୍ତନ ଆଣିପାରିବ ଏବଂ ଆମ ସମସ୍ତଙ୍କର ସାମୂହିକ ପ୍ରୟାସ ଦ୍ୱାରା ମାତୃ ଓ ନବଜାତ ମୃତ୍ୟୁହାରକୁ ହ୍ରାସ କରିବାର ଲକ୍ଷ୍ୟକୁ ପୂରଣ କରିବ । ଏହି ଅବସରରେ ସ୍ୱାସ୍ଥ୍ୟ ବିଭାଗର ସଚିବ, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା, ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## ରାଜ୍ୟସ୍ତରୀୟ ଉର୍ଦ୍ଦୁ କବି ସମ୍ମିଳନୀ

**ଭୁବନେଶ୍ୱର,୨୦।୮ (ମହାଭାରତ):** ୮୦ ତମ ସ୍ୱାଧୀନତା ଦିବସ ପାଳନ ପରିପ୍ରେକ୍ଷୀରେ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ବୁଧବାର ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ରାଜ୍ୟ ସ୍ତରୀୟ ଉର୍ଦ୍ଦୁ କବି ସମ୍ମିଳନୀ (ମୁଶାଏରା) ଆୟୋଜିତ ହୋଇଯାଇଛି । ରାଜ୍ୟ ସ୍ତରୀୟ ଉର୍ଦ୍ଦୁ କବି ସମ୍ମିଳନୀରେ ପ୍ରାୟ ୪୬ ଜଣ କବି ଉର୍ଦ୍ଦୁ କବିତା ପାଠ କରିଥିଲେ । ଏଥିରେ ବିଶେଷ ଭାବରେ ଦେଶାତ୍ମବୋଧକ କବିତା ପାଠ କରାଯାଇଥିଲା । ଆଜିର କାର୍ଯ୍ୟକ୍ରମରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ମନସ୍ୱିନୀ ସାହୁ, ରେଭେନ୍ସା ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ପ୍ରଫେସର ଅଞ୍ଜୁମନ ଆରା, ବିଜେବି ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଗୁଲାମ ମୋଇନୁଦ୍ଦିନ ଖାନ୍, ପୂର୍ବତନ ଶାସନ ସଚିବ, ଜମି ସଂସ୍କାର, ଓଡ଼ିଶା, କଟକ ଜନାବ ସୟଦ ମହମ୍ମଦ ଅକଦସ୍ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ରାଜ୍ୟ ସ୍ତରୀୟ କବିତା ପାଠ ଉତ୍ସବ ଦେଶଭକ୍ତି ଓ ଭାଇଚାରାର ଏକ ସୁନ୍ଦର ସମନ୍ୱୟ । ବିଶେଷ ଭାବରେ ଦେଶାତ୍ମବୋଧକ କବିତା ପାଠ ମାଧ୍ୟମରେ ଦେଶପ୍ରେମ ଓ ନିଜ ମାତୃଭୂମି ପ୍ରତି ରହିଥିବା ଭଲ ପାଇବାର ବାର୍ତାକୁ ଲୋକଙ୍କ ନିକଟରେ ପହଂଚାଇବାର ଏହି ପ୍ରୟାସ ଅତୀବ ପ୍ରଂଶସନୀୟ ବୋଲି ଅତିଥିମାନେ ମତପ୍ରକାଶ କରିବା ସହ ସମସ୍ତ କବିମାନଙ୍କୁ ସାଧୁବାଦ ଜଣାଇଥିଲେ । କାର୍ଯ୍ୟକ୍ରମରେ ୬ଜଣ ବରିଷ୍ଠ କବିଙ୍କୁ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ସଚିବ ଶ୍ରୀମତୀ ଶୁଚିସ୍ମିତା ମନ୍ତ୍ରୀ ଆଜିର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଆମ ବସ୍‌ରେ ଯାତ୍ରୀ ସୁରକ୍ଷା, ସେବାର ଗୁଣବତା ସମୀକ୍ଷା

**ଭୁବନେଶ୍ୱର,୨୦।୮ (ମହାଭାରତ):** କମ୍ପ୍ରିହେନ୍ସିଭ୍ ରିଜିଓନାଲ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍)ର କାର୍ଯ୍ୟକଳାପ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ବୈଠକରେ ଅଧ୍ୟକ୍ଷତା କରି 'ଆମ ବସ୍' ସେବାର ଗୁଣବତା, ସୁରକ୍ଷା ଓ ବିଶ୍ୱସନୀୟତାକୁ ଆହୁରି ସୁଦୃଢ଼ କରିବା ପାଇଁ ସମନ୍ୱିତ ଓ ସମୟବଦ୍ଧ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ କ୍ରୁଟ୍ ର ପରିଚାଳନା ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲମ୍, ଅତିରିକ୍ତ ସଚିବ- ତଥା -ଜିଏମ୍ ସହଦେବ ସମାଧିଆ, ଗୃହ ଓ ନଗର ଉନ୍ନୟନ ବିଭାଗର ଯୁଗ୍ମ ସଚିବ ଶ୍ରୀମତୀ ମମତାରାଣୀ ନାଏକ, କ୍ରୁଟ୍ ର ଆର୍ଥିକ ପରାମର୍ଶଦାତା, ଓଏସ୍ ଡି, ମ୍ୟାନେଜର (ଅପରେସନ)ଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ବୈଠକରେ କ୍ରୁଟ୍ ର ସାମଗ୍ରିକ ପରିଚାଳନା କାର୍ଯ୍ୟଦକ୍ଷତା, ବସ୍ ଓ ରୁଟ୍ ପରିଚାଳନା, ସଡ଼କ



ସୁରକ୍ଷା, ଯାତ୍ରୀ ସେବା, ପରିଚାଳନା, ଡିଜିଟାଲ୍ ବ୍ୟବସ୍ଥା, ଆର୍ଥିକ ସ୍ଥାୟିତ୍ୱ, ଭିତିଭୂମି ଏବଂ ଭବିଷ୍ୟତ ସମ୍ପ୍ରସାରଣ ଯୋଜନା ଆଦିର ବିସ୍ତୃତ ସମୀକ୍ଷା କରାଯାଇଥିଲା । ସେବା ପ୍ରଦାନ ବ୍ୟବସ୍ଥାର ନିରନ୍ତର ନିରୀକ୍ଷଣ କରି ଯେଉଁଠାରେ ଅଭାବ ବା ତ୍ରୁଟି ପରିଲକ୍ଷିତ ହେଉଛି, ସେଠାରେ ତୁରନ୍ତ ସୁଧାରମୂଳକ ପଦକ୍ଷେପ ନେବାକୁ ଶ୍ରୀମତୀ ପାଢ଼ୀ ପରାମର୍ଶ ଦେଇଥିଲେ । ନିରାପଦ, ବିଶ୍ୱସନୀୟ, ଦକ୍ଷ ଓ ଯାତ୍ରୀ-ଅନୁକୂଳ ସାଧାରଣ ପରିବହନ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ସେ ପ୍ରାଥମିକତା ଦେଇଥିଲେ । ବର୍ତମାନ କ୍ରୁଟ୍ ପକ୍ଷରୁ ସାତଟି ସହରରେ ୭୭୦ଟି ବସ୍ ଚଳାଚଳ କରୁଛି । ଏଥିରେ ୩୯୦ଟି ଇଲେକ୍ଟ୍ରିକ୍ ବସ୍ ରହିଛି । ୧୩୮ଟି ରୁଟ୍ ରେ ଏହି ବସ୍ ଗୁଡ଼ିକ ଚଳାଚଳ କରି ପ୍ରତିଦିନ ପ୍ରାୟ ୩.୫ ଲକ୍ଷ ଯାତ୍ରୀଙ୍କୁ ସେବା ଯୋଗାଇ ଦେଉଛି । ଇଂଟେଲିଜେଂଟ ଟ୍ରାନ୍ସପୋର୍ଟ ମ୍ୟାନେଜମେଂଟ ସିଷ୍ଟମ୍, ଜି ପି ଏସ୍ ଆଧାରିତ ଯାନ ଟ୍ରାକିଂ, କମାଣ୍ଡ ଆଣ୍ଡ କଂଟ୍ରୋଲ୍ ସେଂଟର ମନିଟରିଂ, ସି ସି ଟି ଭି , ଯାତ୍ରୀ ସୂଚନା ବ୍ୟବସ୍ଥା ଏବଂ ଅପରେସନାଲ୍ ଡ୍ୟାସବୋର୍ଡ ଭଳି ପ୍ରଯୁକ୍ତିଭିତିକ ବ୍ୟବସ୍ଥା ମାଧ୍ୟମରେ କ୍ରୁଟ୍ ର ପରିଚାଳନାକୁ ଆହୁରି ସୁଦୃଢ଼ କରାଯାଉଛି । ବୈଠକରେ ମାନବ ସମ୍ବଳ ସୁଦୃଢ଼ୀକରଣ ଓ କର୍ମଚାରୀ କଲ୍ୟାଣ ଦିଗ ମଧ୍ୟ ସମୀକ୍ଷା କରାଯାଇଥିଲା । କ୍ରୁଟ୍ ପକ୍ଷରୁ ପୁନଃପ୍ରଶିକ୍ଷଣକୁ ବ୍ୟାପକ କରାଯାଇଥିବାବେଳେ ଇଲେକ୍ଟ୍ରିକ୍ ବସ୍ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ, ସାଇକୋମେଟ୍ରିକ୍ ମୂଲ୍ୟାୟନ ଏବଂ ସ୍ୱାସ୍ଥ୍ୟ ସମ୍ପର୍କିତ ପଦକ୍ଷେପ ନିଆଯାଇଛି । କ୍ରୁଙ୍କ କାର୍ଯ୍ୟଦକ୍ଷତାକୁ ନିର୍ଦ୍ଦିଷ୍ଟ କେ ପି ଆଇ ସହ ସଂଯୁକ୍ତ କରାଯାଇଛି । କ୍ରୁଟ୍ ?ର ସମସ୍ତ 'କ୍ରୁ' ସଦସ୍ୟ 'ସୁବାହକ' ପ୍ରଶିକ୍ଷଣ ମାଧ୍ୟମରେ ପ୍ରମାଣିତ ହୋଇଥିବାବେଳେ ୧୧୮ ଜଣ 'କ୍ରୁ' ସଦସ୍ୟଙ୍କୁ କାର୍ଯ୍ୟଦକ୍ଷତା ଆଧାରିତ ସ୍ୱୀକୃତି ପ୍ରଦାନ କରାଯାଇଛି । କ୍ରୁଟ୍‌ର ଆର୍ଥିକ ସ୍ଥାୟିତ୍ୱ ଓ ଅନୁଷ୍ଠାନଗତ ସୁଦୃଢ଼ୀକରଣ ମଧ୍ୟ ବୈଠକରେ ସମୀକ୍ଷା କରାଯାଇଥିଲା । ସୁଲଭ ଭଡ଼ା ଏବଂ ଜନସେବା ଦାୟିତ୍ୱ ସତ୍ତ୍ୱେ କ୍ରୁଟ୍ ର ଖର୍ଚ୍ଚ ଆଦାୟ ଅନୁପାତରେ ଉନ୍ନତି ଘଟିଛି ଏବଂ ବର୍ତମାନ ଏହା ପ୍ରାୟ ୬୫ ପ୍ରତିଶତ ରହିଛି । ଭବିଷ୍ୟତ ପଦକ୍ଷେପ ମଧ୍ୟରେ ସାଂଗଠନିକ ପୁନର୍ଗଠନ, ସ୍ୱୟଂଚାଳିତ ବିକ୍ରେତା ଓ ବିଲିଂ ପରିଚାଳନା, ସମ୍ପତିରୁ ରାଜସ୍ୱ ସୃଷ୍ଟି, କୃତ୍ରିମ ବୁଦ୍ଧିମତା ଆଧାରିତ ସମୟସୂଚୀ ପ୍ରସ୍ତୁତି ଏବଂ ପର୍ଯ୍ୟାୟକ୍ରମେ ସେବା ସମ୍ପ୍ରସାରଣ ଆଦି ରହିଛି ।

# ବିଜ୍ଞାନ-ଭିତିକ ବିକାଶ ପାଇଁ ରୋଡ୍ ମ୍ୟାପ୍ ଚୂଡ଼ାନ୍ତ

**ଭୁବନେଶ୍ୱର,୨୦।୮ (ମହାଭାରତ):** ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ନିକଟରେ ତାଙ୍କର ଦୁଇ ଦିନିଆ ନୂଆଦିଲ୍ଲୀ ଗସ୍ତ ଶେଷ କରିଛନ୍ତି । ଏହି ଅବସରରେ ଶ୍ରୀ ପାତ୍ର କେନ୍ଦ୍ରମନ୍ତ୍ରୀ ଡ. ଜିତେନ୍ଦ୍ର ସିଂହଙ୍କୁ ସାକ୍ଷାତ କରି ପୂର୍ବ ଭାରତର ବିଜ୍ଞାନ-ଭିତିକ ବିକାଶ ପାଇଁ ଏକ ସମନ୍ୱିତ ରୋଡ୍‌ମ୍ୟାପ୍ ଚୂଡ଼ାନ୍ତ ଉପରେ ଆଲୋଚନା କରିଛନ୍ତି । ଉଭୟ ମନ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ଆଲୋଚନାରୁ ଜଣାପଡିଛି ଯେ ଜାତୀୟ ବାୟୋ-ଇ୩ ଢାଂଚା (ଅର୍ଥନୀତି, ପରିବେଶ ଏବଂ ରୋଜଗାର ପାଇଁ ଜୈବପ୍ରଯୁକ୍ତିବିଦ୍ୟା) କୁ ଆଗକୁ ନେବା ପାଇଁ ଭୁବନେଶ୍ୱରସ୍ଥିତ ଜୈବ ବିଜ୍ଞାନ ସଂସ୍ଥାର ସମ୍ପ୍ରସାରଣ ପାଇଁ ଅତିରିକ୍ତ ୫୦ ଏକର ଜମି ପାଇଁ ପଦକ୍ଷେପ ନିଆଯିବ । ଏଥିସହ କେନ୍ଦ୍ରୀୟ ବଜେଟରେ ଚଳିତ ଆର୍ଥିକ ବର୍ଷ ପାଇଁ ଓଡ଼ିଶାରେ ଅନୁସନ୍ଧାନ, ପ୍ରକ୍ରିୟାକରଣ, ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ସାମରିକ ସାମଗ୍ରୀ ନିର୍ମାଣ ଉପରେ ଧ୍ୟାନ ଦେଇ ଏକ ସ୍ୱତନ୍ତ୍ର ବିରଳ ମୃତ୍ତିକା କରିଡୋର୍ ପ୍ରତିଷ୍ଠା କରାଯିବ । ଆଗାମୀ ପର୍ଯ୍ୟାୟରେ ଓଡ଼ିଶା ମେରାଇନ୍ ବାୟୋଟେକ୍ନୋଲୋଜି ରିସର୍ଚ୍ଚ ଆଣ୍ଡ ଇନୋଭେସନ୍ କୋରିଡୋର୍ କୁ ଭୂ -ବିଜ୍ଞାନ, ସିଏସଆଇଆର ଏବଂ ଜୈବପ୍ରଯୁକ୍ତିବିଦ୍ୟା ବିଭାଗ ସହିତ ନିବିଡ଼ ଭାବରେ ଯୋଡ଼ିବାକୁ ଚେଷ୍ଟା କରାଯିବ । ଏହି ଅବସରରେ ଓଡ଼ିଶାରେ ସରକାରୀ ଓ ବେସରକାରୀ ଭାଗିଦାରୀତାରେ ଏକ ସ୍ପେସ୍ ରିସର୍ଚ୍ଚ ଆଣ୍ଡ ମାନୁଫ୍ୟାକ୍ଚରିଂ ସେଂଟର ବିକଶିତ କରିବା ପାଇଁ ଇସ୍ରୋ



ସହିତ ସହବନ୍ଧିତା ସୁଦୃଢ଼ କରିବାକୁ ଘୋଷଣା କରାଯାଇଛି । ସ୍ଥାୟୀ ସାମୁଦ୍ରିକ ଅର୍ଥନୀତି ପାଇଁ ଡିପ୍ ଓସନ୍ ମିଶନ୍ ସହିତ ଓଡ଼ିଶା ଡିପ୍ ସି ଫିସିଂ ମିଶନ୍ (୨୦୨୬-୨୦୩୬)ର ସମନ୍ୱୟ କରାଯାଇ ଉପକୂଳ ଓ ଗଭୀର ସମୁଦ୍ର ଅର୍ଥନୀତିର ସୁଦୃଢ଼ୀକରଣ କରାଯିବ । ଏହି ଅବସରରେ ଯୁବପିଢ଼ିଙ୍କ ମଧ୍ୟରେ ନବସୃଜନ ଓ ବୈଜ୍ଞାନିକ ସଚେତନତା ବୃଦ୍ଧି ପାଇଁ ଓଡ଼ିଶାରେ ଏକ ଅତ୍ୟାଧୁନିକ 'ସାଇନ୍ସ ସିଟି' ପ୍ରତିଷ୍ଠା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା । ସାମୁଦ୍ରିକ ପରିବେଶ ସୁରକ୍ଷା ପାଇଁ ଓଡ଼ିଶାର ଉପକୂଳ ଜିଲ୍ଲାଗୁଡ଼ିକ ଜାତୀୟ 'ସ୍ୱଚ୍ଛ ସାଗର, ସୁରକ୍ଷିତ ସାଗର' ଅଭିଯାନରେ ସକ୍ରିୟ ଅଂଶଗ୍ରହଣ କରିବେ । ଏହି କେନ୍ଦ୍ର-ରାଜ୍ୟ ସହଯୋଗିତା ସମୁଦ୍ର ସମ୍ପଦ, ଗୁରୁତ୍ୱପୂର୍ଣ୍ଣ ଖଣିଜ, ଜୈବପ୍ରଯୁକ୍ତିବିଦ୍ୟା ଏବଂ ମହାକାଶ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଓଡ଼ିଶାକୁ ଭାରତର ପୂର୍ବ ଉପକୂଳବର୍ତୀ ଅଂଚଳର ବିକାଶ ପାଇଁ ମୁଖ୍ୟ ବାହକ ଭାବେ ଗଢ଼ିତୋଳିବ । ସେହିଭଳି ମନ୍ତ୍ରୀ ଶ୍ରୀ ପାତ୍ର କେନ୍ଦ୍ର ଖାଦ୍ୟ ଓ ସାଧାରଣ ବଂଟନ ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ସାକ୍ଷାତ କରି ଓଡ଼ିଶାରେ ଧାନ ଓ ଚାଉଳ ସଂଗ୍ରହ, ଏଫ୍.ସି.ଆଇ. ଦ୍ୱାରା ଚାଉଳ ଉଠାଣ, ରକ୍ଷଣାବେକ୍ଷଣ ଖର୍ଚ୍ଚ ଏବଂ କେନ୍ଦ୍ରୀୟ ସବସିଡି ପ୍ରାପ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି । ନୂଆଦିଲ୍ଲୀଠାରେ ହୋଇଥିବା ଏହି ସାକ୍ଷାତ-ଆଲୋଚନାରେ ଏଫ୍.ସି.ଆଇ. ଦ୍ୱାରା ଚାଉଳ ଉଠାଣ ତ୍ୱରାନ୍ୱିତ କରିବା, ଉସୁନା ଚାଉଳ ଲକ୍ଷ୍ୟଧାର୍ଯ୍ୟ ସଂଶୋଧନ କରିବା, ଧାନର ରକ୍ଷଣାବେକ୍ଷଣ ଖର୍ଚ୍ଚ ସଂଶୋଧନ କରିବା ଆଦି ବିଷୟରେ ଆଲୋଚନା ହୋଇଥିଲା ।

## ସାଇବର ଅପରାଧ ଏବଂ ଟ୍ରାଫିକ ସୁରକ୍ଷା ସଚେତନତା

**ଭୁବନେଶ୍ୱର,୨୦।୮ (ମହାଭାରତ):** ଫିକି ଏଫଏଲଓ ଭୁବନେଶ୍ୱର ଚାପ୍ଟରର ସହଯୋଗରେ କମିଶନରେଟ୍ ପୋଲିସ, ଭୁବନେଶ୍ୱର-କଟକ ପକ୍ଷରୁ ଫିକି ଏଫଏଲଓ ଭୁବନେଶ୍ୱର ଚାପ୍ଟରର ସଦସ୍ୟମାନଙ୍କ ପାଇଁ ସାଇବର ଅପରାଧ ନିବାରଣ, ଡିଜିଟାଲ୍ ସୁରକ୍ଷା ଏବଂ ଟ୍ରାଫିକ ସଚେତନତା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ସାଇବର ଅପରାଧ ବାବଦରେ ମହିଳାମାନଙ୍କୁ ସଚେତନ କରାଇବା ସହ ଏହାର ବିପଦରୁ ସେମାନଙ୍କୁ, ସେମାନଙ୍କ ପରିବାର ଏବଂ ବ୍ୟବସାୟକୁ ସୁରକ୍ଷା ଦେବା ପାଇଁ ବ୍ୟବହାରିକ ଜ୍ଞାନ ଦାୟିତ୍ୱପୂର୍ଣ୍ଣ ଆଚରଣ ଏବଂ ଟ୍ରାଫିକ ସୁରକ୍ଷା ବିଷୟରେ ଅଧିକ ତଥ୍ୟ ଏବଂ ଧାରଣା ଦେବା ଉଦ୍ଦେଶ୍ୟରେ ଏହି ଆୟୋଜନ କରାଯାଇଛି । ବିଭିନ୍ନ ଅଧିବେଶନରେ ସ୍ୱରାଜ ଦେବତା, ଅତିରିକ୍ତ ଡିସିପି, ଆଇଟି ଏବଂ ସୋସିଆଲ ମିଡିଆ ସେଲ୍; ଅକ୍ଷୟ କୁମାର ନାୟକ, ଏସିପି, ଆଇଟି ଏବଂ ସୋସିଆଲ ମିଡିଆ ସେଲ୍; ଏବଂ ସମ୍ପିତ କୁମାର ମାଝୀ, ଅତିରିକ୍ତ ଡିସିପି, ଟ୍ରାଫିକ୍ ପ୍ରମୁଖ ସାଇବର ବିପଦ, ଅନଲାଇନ୍ ଠକେଇ, ପ୍ରତିରୋଧକ ପଦକ୍ଷେପ, ସାଇବର ସୁରକ୍ଷା ଅଭ୍ୟାସ ଏବଂ ଟ୍ରାଫିକ ସଚେତନତା ଉପରେ ସରଗର୍ଭକ ବକ୍ତବ୍ୟ ରଖିଥିଲେ । ପ୍ରଶ୍ନୋତର ଅଧିବେଶନରେ ବରିଷ୍ଠ ପୋଲିସ ଅଧିକାରୀମାନେ ସଦସ୍ୟମାନଙ୍କ ବିଭିନ୍ନ ପ୍ରଶ୍ନର ଉତର ଦେବା ସହ ସାଇବର ସତର୍କତା ବାବଦରେ ମାର୍ଗଦର୍ଶନ ଦେଇଥିଲେ । ଫିକି ଏଫଏଲଓ ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷା ବିଯୋତ ପ୍ରୋଜ୍ଞା ତ୍ରିପାଠି, କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ଏବଂଏଫଏଲଓ ସଦସ୍ୟମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଅବସରରେ ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷା ମହିଳା ଏବଂ ଆଇନ-ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକ ମଧ୍ୟରେ ଏକ ଦୃଢ଼ ସଂଯୋଗ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ମହିଳାମାନଙ୍କ ଜୀବନ, ବ୍ୟବସାୟ ଏବଂ ଆର୍ଥିକ କାର୍ଯ୍ୟକଳାପ ଡିଜିଟାଲ୍ ଦୁନିଆ ସହିତ କ୍ରମଶଃ ସଂଯୁକ୍ତ ହେଉଥିବା ସେ ଉଲ୍ଲେଖ କରିଥିଲେ ।

ଏକ ସୁରକ୍ଷିତ ଏବଂ ଅଧିକ ସୂଚନାପ୍ରଦ ସମାଜ ଗଠନ ପ୍ରତି ଫିକି ଏଫଏଲଓ ଭୁବନେଶ୍ୱର ଚାପ୍ଟର ଏବଂ କମିଶନରେଟ୍ ପୋଲିସର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଥିବା ଏହି କାର୍ଯ୍ୟକ୍ରମ ମହିଳା ଏବଂ ସମାଜ ପାଇଁ ଏକ ସୁରକ୍ଷିତ ଡିଜିଟାଲ୍ ଏବଂ ଭୌତିକ ପରିବେଶ ଗଠନରେ ନାଗରିକ ଏବଂ ପୋଲିସ ମଧ୍ୟରେ ସମନ୍ୱୟ ଆଣିଛି ।

## ଟ୍ରେନରେ ଅସ୍ଥାୟୀ ଭାବେ କୋଚ୍ ସଂଖ୍ୟା ବୃଦ୍ଧି

**ଭୁବନେଶ୍ୱର,୨୦।୮ (ମହାଭାରତ):** ଯାତ୍ରୀମାନଙ୍କୁ ଅଧିକ ଆରାମଦାୟକ ସୁବିଧା ଯୋଗାଇଦେବା ଏବଂ ଆଗାମୀ ସପ୍ତାହରେ ବଢୁଥିବା ଯାତ୍ରୀଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଭାରତୀୟ ରେଳପଥ ପକ୍ଷରୁ କେତେକ ଗୁରୁତ୍ୱପୂର୍ଣ୍ଣ ଏକ୍ସପ୍ରେସ ଟ୍ରେନରେ ଅସ୍ଥାୟୀ ଭାବେ ଅତିରିକ୍ତ କୋଚ୍ ସଂଯୋଗ କରାଯାଉଛି । ଟ୍ରେନ୍ ନମ୍ବର ୧୨୮୩୭ ହାୱଡ଼ା-ପୁରୀ ଏକ୍ସପ୍ରେସରେ ଅଗଷ୍ଟ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ସ୍ଲିପର କ୍ଲାସ କୋଚ ଅସ୍ଥାୟୀ ଭାବେ ସଂଯୋଜନ କରାଯିବ । ସେହିଭଳି, ଟ୍ରେନ ନମ୍ବର ୧୮୦୩୦ ଶାଲିମାର-ଲୋକମାନ୍ୟ ତିଳକ ଟର୍ମିନସ ଏକ୍ସପ୍ରେସରେ ଅଗଷ୍ଟ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ଗୋଟିଏ ଏସି ୩-ଟାୟାର ଏବଂ ଗୋଟିଏ ସ୍ଲିପର୍ କ୍ଲାସ କୋଚ୍ ସଂଯୋଜନ କରାଯିବ । ସେହିପରି, ଟ୍ରେନ ନମ୍ବର ୧୮୦୩୯ ଶାଲିମାର-ପୁରୀ ଏକ୍ସପ୍ରେସରେ ଅଗଷ୍ଟ ୧୬ ତାରିଖରେ ଦୁଇଟି ସ୍ଲିପର୍ କ୍ଲାସ୍ କୋଚ୍ ସଂଯୋଜନ କରାଯିବ । ଟ୍ରେନ ନମ୍ବର ୧୮୦୪୫ ଶାଲିମାର-ଚାର୍ଲାପଲ୍ଲୀ ଏକ୍ସପ୍ରେସ ଅଗଷ୍ଟ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ଗୋଟିଏ ଏସି ୩-ଟାୟାର କୋଚ୍ ସଂଯୋଜନ କରାଯିବ । ଟ୍ରେନ ନମ୍ବର ୧୮୦୬୩ ସାନ୍ତ୍ରାଗାଛି-ଯାଲାହାଙ୍କା ଏକ୍ସପ୍ରେସରେ ଅଗଷ୍ଟ ୨୦ ତାରିଖରେ ଗୋଟିଏ ଏସି ୩-ଟାୟାର କୋଚ୍ ସଂଯୋଜନ କରାଯିବ । ଏଥିସହିତ, ଟ୍ରେନ ନମ୍ବର ୧୮୧୦୭ ରାଉରକେଲା-ଜଗଦଲପୁର ଏକ୍ସପ୍ରେସରେ ଅଗଷ୍ଟ ୧୫ ଓ ୧୬ ତାରିଖରେ ଗୋଟିଏ ସ୍ଲିପର କ୍ଲାସ କୋଚ୍ ସଂଯୋଜନ କରାଯିବ ।

# ଭାରତ ନେଟ୍ ପରିଯୋଜନା ଫେଜ୍-୩ର ସମୀକ୍ଷା ବୈଠକ

**ଭୁବନେଶ୍ୱର,୨୦।୮ (ମହାଭାରତ):** ଭୁବନେଶ୍ୱରସ୍ଥିତ ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର (ଓକାକ୍) ଠାରେ ଡିଜିଟାଲ ଭାରତ ନିଧି ଅଧୀନରେ ରାଜ୍ୟରେ ଚାଲିଥିବା ବିଭିନ୍ନ ଟେଲିକମ୍ ପ୍ରକଳ୍ପର ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ଏହି ବୈଠକର ଅଧ୍ୟକ୍ଷତା କରି ରାଜ୍ୟର ସୁଦୂର ଓ ଗ୍ରାମାଂଚଳରେ ମୋବାଇଲ୍ ଏବଂ ଇଂଟରନେଟ୍ ସେବାର ପ୍ରସାର, ୪ଜି ସଂଯୋଗୀକରଣ ଏବଂ ନୂତନ ଟେଲିକମ୍ ଟାୱାର ସ୍ଥାପନର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଛନ୍ତି । ବିଶେଷକରି ଦୁର୍ଗମ ଓ ଗ୍ରାମାଂଚଳରେ ନେଟୱର୍କ ସଂଯୋଗୀକରଣକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହ ରାଜ୍ୟର ୬,୭୯୯ଟି ଗ୍ରାମ ପଂଚାୟତକୁ ଆଇପି ଏମ୍ପିଏଲଏସ ପ୍ରଯୁକ୍ତି ସହ ରିଂ ଟୋପୋଲୋଜିରେ ଅପଗ୍ରେଡ୍ କରାଯିବା ଏବଂ ଗ୍ରାମ ସ୍ତର ପର୍ଯ୍ୟନ୍ତ ଏଫଟିଟିଏଚ୍ ସଂଯୋଗ ବିସ୍ତାର କରାଯିବା ନିମନ୍ତେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ତତ୍ତ୍ୱାବଧାନରେ ଡିଜିଟାଲ ଇଣ୍ଡିଆ ମିଶନର 'ଭାରତ ନେଟ୍ ପରିଯୋଜନା'



ଫେଜ୍-୩ର ମଧ୍ୟ ସମୀକ୍ଷା କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଏହାକୁ ଆଗାମୀ ୩ ବର୍ଷରେ ଶେଷ କରାଯିବାକୁ ନେଇ ହୋଇଥିବା ନିଷ୍ପତିକୁ ସମୟାନୁବର୍ତୀ ହୋଇ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟର ପ୍ରତ୍ୟେକ ଗାଁକୁ ଇଂଟରନେଟ୍ ସେବା ସହିତ ଯୋଡ଼ିବା ଏବଂ ଲୋକଙ୍କ ନିକଟରେ ଡିଜିଟାଲ୍ ସେବା ପହଂଚାଇବା ସରକାରଙ୍କ ପ୍ରମୁଖ ଲକ୍ଷ୍ୟ । ଏହି ଲକ୍ଷ୍ୟ ପୂରଣ ପାଇଁ ନେଟୱର୍କ ସଂଯୋଗୀକରଣରେ ଥିବା ଅବ୍ୟବସ୍ଥା ଓ ଅଭାବକୁ ଦୂର କରିବା ସହ ଟାୱାର ସ୍ଥାପନ ଏବଂ ୪ଜି ସେବାର ପ୍ରସାରକୁ ତ୍ୱରାନ୍ୱିତ କରିବାକୁ ଟେଲିକମ୍ କମ୍ପାନୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମୌସୁମୀ, ବନ୍ୟା ସମୟରେ ନେଟୱର୍କ ମେସିନ ଗୁଡିକର ସଂରକ୍ଷଣ,ପ୍ରମୁଖ ସ୍ଥାନଗୁଡିକରେ ଦୁର୍ବଳ ଇଣ୍ଟରନେଟ, ମେଡ଼ିକାଲ ଗୁଡିକରେ ଜରୁରୀ ଇଣ୍ଟରନେଟ ସେବା ପାଇଁ ଧ୍ୟାନ ଦେବାକୁ ମାନ୍ୟବର ମନ୍ତ୍ରୀ କହିଛନ୍ତି । ଡିସେମ୍ବର ୨୦୨୬ ସୁଦ୍ଧା ରାଜ୍ୟରେ ନେଟୱର୍କ ସଂଯୋଗୀକରଣରେ ଉନ୍ନତି ଆଣିବା ପାଇଁ ବୈଠକରେ ଉପସ୍ଥିତ ସମସ୍ତ ଟେଲିକମ୍ ଅପରେଟରମାନେ ଜଣାଇଛନ୍ତି । ଡିଜିଟାଲ୍ ସଂଯୋଗୀକରଣ ଫଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଇ-ଗଭର୍ଣ୍ଣାନ୍ସ, ଆର୍ଥିକ ସେବା ଓ ରୋଜଗାର ଭଳି କ୍ଷେତ୍ରରେ ଦୁର୍ଗମ ଅଂଚଳର ଲୋକମାନେ ଯେପରି ସୁଫଳ ପାଇପାରିବେ, ସେଥିପାଇଁ ଟେଲିକମ୍ ଭିତିଭୂମିର ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ମାନ୍ୟବର ମନ୍ତ୍ରୀ ବୈଠକରେ ଜୋର ଦେଇଛନ୍ତି । ଏହି ସମୀକ୍ଷା ବୈଠକରେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ବିଭାଗର ଅଧିକାରୀ, ଓକାକର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼ ପ୍ରଦୀପ କୁମାର ରାଉତ ଏବଂ ବିଏସଏନଏଲ ସମେତ ବିଭିନ୍ନ ଟେଲିକମ୍ ଅପରେଟରଙ୍କ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଦୁର୍ବଳ ହେଉଛି ଇଣ୍ଡିମେଣ୍ଟ

୨୦୨୯ରେ ଏହା କ୍ରମାଗତ ଚତୁର୍ଥ ଥର ଲାଗି ଏନଡିଏର ବିଜୟରେ ସହାୟକ ହେବ। ଗତ ସାଧାରଣ ନିର୍ବାଚନ ବେଳେ ବିଜେପି ନେତୃତ୍ୱାଧିନ ଏନଡିଏର ନାରା ଥିଲା ଅବ କି ବାର ଚାର ଶୋ ପାର। ଅର୍ଥାତ ଏଥର ଲୋକସଭାରେ ଏନଡିଏ ୪୦୦ରୁ ଅଧିକ ଆସନ ଦଖଲ କରିବ। କିନ୍ତୁ ତାହା ହୋଇପାରିଲା ନାହିଁ। ବିଜେପି ଏକାକି ୨୪୦ ଆସନ ଜିତିଲା, ଏନଡିଏର ସଂଖ୍ୟା ୩୦୦ ତଳେ ଅଟକି ଗଲା। ୟୁପି, ମହାରାଷ୍ଟ୍ର, ରାଜସ୍ଥାନ, ପଶ୍ଚିମବଙ୍ଗ ଆଦି ରାଜ୍ୟରେ ବିଜେପିର ପ୍ରଦର୍ଶନ ସନ୍ତୋଷଜନକ ନହେବାରୁ ଏନଡିଏ ୩୦୦ ଟପିପାରିଲାନି। ତେଣୁ ଏନଡିଏକୁ ନିରାଶ ହେବାକୁ ପଡ଼ିଲା। ଯାହା ବି ହେଉ କେନ୍ଦ୍ରରେ ସରକାର ଗଠିତ ହେଲା। କିନ୍ତୁ ସଂଖ୍ୟା କମ ହେତୁ ଅନେକ ସମୟରେ ଏନଡିଏକୁ ସଂସଦରେ ସାଲିସ କରିବାକୁ ପଡୁଛି। ସମ୍ବିଧାନ ସଂଶୋଧନ ବିଲ୍ ଗୃହୀତ କରାଇବାକୁ ହେଲେ ସଂସଦର ଉଭୟ ଗୃହରେ ଦୁଇ ତୃତୀୟାଂଶ ସଭ୍ୟଙ୍କ ସମର୍ଥନର ଆବାଶ୍ୟକତା ରହିଛି। ଲୋକସଭା କିମ୍ୱା ରାଜ୍ୟସଭାରେ ଏନଡିଏ ସପକ୍ଷରେ ଏହି ସଂଖ୍ୟା ନାହିଁ। ଏଥିପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଆଗତ ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ବିଲ୍ କାଟ ଖାଇଗଲା। ଏହା ମୋଦି ସରକାରଙ୍କ ପ୍ରତି ଶକ୍ତ ଧକ୍କା ହେଲା। ଏହି ପରିପ୍ରେକ୍ଷୀରେ ଏନଡିଏ ପକ୍ଷରୁ ଏବେ ସଂସଦରେ ସଂଖ୍ୟା ବୃଦ୍ଧି ଲାଗି ଯୋଜନାବଦ୍ଧ ପ୍ରୟାସ ଆରମ୍ଭ ହୋଇଛି। ଉଦ୍ଦେଶ୍ୟ ହେଲା ୨୦୨୯ ପୂର୍ବରୁ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ଗୃହୀତ କରାଇବା ଏବଂ ଏହି ଆଧାରରେ ମହିଳା ସଂରକ୍ଷଣ ବିଲ ମଧ୍ୟ ଗୃହୀତ କରାଇ ପରବର୍ତ୍ତୀ ନିର୍ବାଚନ ଲଢ଼ିବା। କିନ୍ତୁ ବିରୋଧୀ ଦଳ ଏଥିରେ ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି। ଏହାକୁ ଅନୁଭବ କରି ବିଜେପି ସଂସଦରେ ନିଜର କଳେବର ବୃଦ୍ଧି ସହ ବିରୋଧୀଙ୍କ ପକ୍ଷ ଛେଦନ ଲାଗି ପ୍ରୟାସ କରୁଛି। କିଛିଟା ସଫଳତା ମଧ୍ୟ ମିଳିଛି। ବିରୋଧୀ ଇଣ୍ଡିମେଣ୍ଟର ଚତୁର୍ଥବୃହତ୍ତମ ଦଳ ଡିଏମକେ ମେଣ୍ଟରୁ ଓହରିଯାଇଛି। ଏହା ଏନଡିଏରେ ସାମିଲ ହେବ ବୋଲି କୁହାଯାଇପାରିବ ନାହିଁ। କିନ୍ତୁ ରାଜନୀତିରେ ସବୁ କିଛି ସମ୍ଭବ। ସେହିପରି ଟିଏମସି ସଂସଦୀୟ ଦଳରେ ବିଭାଜନ ସ୍ପଷ୍ଟ ହୋଇଯାଇଛି। ଟିଏମସିର ୨୦ ଜଣ ସାଂସଦ ଏକାଠି ହୋଇ ଲୋକସଭାରେ ଅଲଗା ବସିବାକୁ ଏବଂ ଏନଡିଏ ସହ ରହିବାକୁ ବାଚସ୍ପତିଙ୍କୁ ଚିଠି ଲେଖିଛନ୍ତି। ରାଜ୍ୟସଭାରେ ମଧ୍ୟ ସମାନ ସ୍ଥିତି। ଆପର ୭ଜଣ ସଭ୍ୟ ବିଜେପିରେ ସାମିଲ ହୋଇଛନ୍ତି। ବିଜେଡିର ଜଣେ ସଭ୍ୟ ରାଜ୍ୟସଭାରୁ ଇସ୍ତଫା ଦେଇ ପୁନଃ ନିର୍ବାଚନ ଲଢ଼ି ବିଜେପି ସଭ୍ୟଭାବେ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି। ଟିଏମସିର ୩ଜଣ ରାଜ୍ୟସଭା ସଦସ୍ୟ ମଧ୍ୟ ଇସ୍ତଫା ଦେଇଛନ୍ତି। ସେମାନେ ଶୀଘ୍ର ବିଜେପିରେ ମିଶି ପୁନର୍ବାର ରାଜ୍ୟସଭାକୁ ଯାଇଛନ୍ତି। ରାଜ୍ୟସଭାରେ ଏନଡିଏ ଦ୍ରୁତ ଗତିରେ ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ଦିଗରେ ଅଗ୍ରସର ହେଉଛି। ସାଧାରଣ ନିର୍ବାଚନକୁ ଆହୁରି ୩ ବର୍ଷ ବାକି ଅଛି। ଏହା ପୂର୍ବରୁ ରାଜ୍ୟସଭାରେ ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ ସୁନିଶ୍ଚିତ। ଲୋକସଭାରେ ମଧ୍ୟ ଟିଏମସି, ଡିଏମକେ ବିନା ବିରୋଧୀ ଦୁର୍ବଳ ହୋଇଗଲେ ଏହି ସୁଯୋଗରେ ସରକାର ସମ୍ବିଧାନ ସଂଶୋଧନ ବିଲ ଗୃହୀତ କରାଇପାରନ୍ତି। ଜେଏମଏମ, ଶିବସେନା(ଉଦ୍ଧବ), ଏନସିପି(ଶରଦ ପାୱାର) ଭଳି କେତେକ ଦଳର ସାଂସଦମାନେ ବିଜେପି ସହ ସମ୍ପର୍କରେ ଅଛନ୍ତି। ଯଦି ଲୋକସଭାରେ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ବିଲ ପୁନର୍ବାର ଆଗତ ହୁଏ ତେବେ ଏହା ସପକ୍ଷରେ ପୂର୍ବାପେକ୍ଷା ଅଧିକ ଭୋଟ ମିଳିବା ସୁନିଶ୍ଚିତ। ଯେଉଁ ଦିନ ବିଜେପି ବା ନରେନ୍ଦ୍ର ମୋଦି ଅନୁଭବ କରିବେ ଯେ, ସଂସଦର ଉଭୟ ଗୃହରେ ସେମାନଙ୍କ ସପକ୍ଷରେ ଦୁଇତୃତୀୟାଂଶ ସଂଖ୍ୟାଗରିଷ୍ଠତା ରହିଛି, ସେହିଦିନ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରାଯିବ। ଏହା ଭାରତୀୟ ରାଜନୀତିରେ ଏକ ବଡ଼ ଘଟଣା ଏବଂ ନିର୍ଣ୍ଣାୟକ ହେବ।

# କ୍ୟାନସରରୁ ଆରୋଗ୍ୟ ହୋଇପାରିବେ ପିଲା

॥ ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ ॥

> *ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି। ପିଲାଟିକୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ। ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ। ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ। କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ। ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ। ଏହାର ପାର୍ଶ୍ୱପ୍ରତିକ୍ରିୟାରେ କେତେକ କ୍ଷେତ୍ରରେ ପିଲାର ତ୍ରୁଟି ଉପୁଡିଯିବା ସହ ଯନ୍ତ୍ରଣା ପାଇଥାଏ।*

ଜନ୍ମରୁ ଚଉଦ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ଠାରେ କ୍ୟାନସରର ଆଶଙ୍କା ଦିନକୁ ଦିନ ବଢୁଛି। ସେହିକ୍ରମରେ ଡାକ୍ତରୀ ବିଜ୍ଞାନ ମଧ ବୃଦ୍ଧି ପାଉଛି। ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ତଥ୍ୟଭିତ୍ତିକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ସୂଚିତ ହୋଇଛି ଯେ ପ୍ରତି ବର୍ଷ ବିଶ୍ୱରେ ୧ଲକ୍ଷ ୫୦ ହଜାର କ୍ୟାନସର ପୀଡ଼ିତ ପିଲାଙ୍କ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୮୦ ପ୍ରତିଶତ ପିଲା ଚିକିତ୍ସା ଦ୍ୱାରା ସୁସ୍ଥ ଜୀବନଯାପନ କରିପାରୁଛନ୍ତି। ତେବେ ଆର୍ଥିକ ଅନଗ୍ରସର ପିଲା ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହୁଅନ୍ତି ଯାହାଦ୍ୱାରା ପାଖାପାଖି ୯୦ ପ୍ରତିଶତରୁ ଅଧିକ ପିଲା ମୃତ୍ୟୁମୁଖରେ ପଡ଼ନ୍ତି। ଭାରତରେ ପ୍ରତିବର୍ଷ ୫୦ ହଜାର ନୂଆ କ୍ୟାନସର ଶିଶୁରୋଗୀ ଚିହ୍ନଟ ହେଉଛନ୍ତି। ଏମାନେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ହୋଇଥାନ୍ତି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ପ୍ରତ୍ୟେକ କ୍ୟାନସର ପୀଡ଼ିତ ଶିଶୁ ଓ ବୟସ୍କଙ୍କୁ ସର୍ବୋତ୍ତମ ଓ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦେବାପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛି। କ୍ୟାନସର ଚିକିତ୍ସା ଓ ସଚେତନତା ବୃଦ୍ଧି ପାଇଁ ପ୍ରତିବର୍ଷ ୧୫ ଫେବୃଆରୀ ତାରିଖରେ ପିଲାଙ୍କ ପାଇଁ ଆନ୍ତର୍ଜାତିକ ଚାଇଲ୍ଡ ହୁଡ୍ କ୍ୟାନସର ଦିବସ ପାଳିତ ହେଉଛି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ସହ କେତେକ ସାମାଜିକ ଓ ସେବାଭିମୁଖୀ ସଂଗଠନର ମିଳିତ ସହଯୋଗରେ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ାଇବା, ଉତ୍ତମ ଚିକିତ୍ସା ଯୋଗାଇବା ଓ ପିଲାଙ୍କ ସହିତ ତାଙ୍କ ପରିବାରକୁ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବାର କାର୍ଯ୍ୟକ୍ରମର ସାମିଲ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ବର୍ଷକୁ ବର୍ଷ ପିଲାଙ୍କ ଠାରେ କ୍ୟାନସରର ସମସ୍ୟା ବଢ଼ିବାରେ ଲାଗିଛି। ଯାହାପାଇଁ ସଚେତନତା ନିହାତି ଜରୁରୀ। ପ୍ରାଥମିକ ଚିକିତ୍ସାରୁ ପିଲାଟି ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇ ଅନ୍ୟ ମାନଙ୍କପରି ସାଧାରଣ ଜୀବନ ଯାପନ କରିପାରିବ।

ସାଧାରଣରେ ପିଲାଙ୍କ ଠାରେ ଦେଖା ଦେଉଥିବା କ୍ୟାନସର ଗୁଡ଼ିକ ଭିତରେ ଯେଉଁ ପ୍ରକାର ଭେଦ ରହିଛି ତାହା ଆସନ୍ତୁ ଜାଣିବା। ଅଧିକ ଭାବରେ ପିଲା ବ୍ଲଡ୍ କ୍ୟାନସରରେ ଶିକାର ହୋଇଥାନ୍ତି ଯାହାକି ହ୍ୱାଇଟ ରକ୍ତଶ୍ୱେତକୁ ପ୍ରଭାବିତ କରିବା ସହ ଶରୀରର ବିଭିନ୍ନ ସୁସ୍ଥ କୋଷକୁ ଆକ୍ରାନ୍ତ କରିଥାଏ। ଅନ୍ୟ କୌଣସି ବଡ଼ ରୋଗ ହୋଇଥିବା ସମୟରେ ସଂକ୍ରମଣ ହେଲେ ଏହା ରୋକ ପ୍ରତିରୋଧକ ଶକ୍ତି ଦୁର୍ବଳ ହେବାରୁ ଏହି କ୍ୟାନସର ହୋଇଥାଏ। ଏହାକୁ ଆକ୍ୟୁଟ ଲ୍ୟୁକେମିଆ ବା ବ୍ଲଡକ୍ୟାନସର କୁହାଯାଏ। ସେହିପରି ଦ୍ୱିତୀୟଟି ହେଉଛି ବ୍ରେନ୍ ଟ୍ୟୁମର। ଏହାଦ୍ୱାରା କ୍ୟାନସର ଜୀବାଣୁ ଅଧିକ ଭାବରେ ସକ୍ରିୟ ହୋଇ ସନ୍ନିକଟ କୋଷକୁ ପ୍ରଭାବିତ କରି ପିଲାଟିର ଜୀବନ ପ୍ରତି ସଂକଟ ସୃଷ୍ଟି କରିଥାଏ। ବୟସ୍କଙ୍କ ତୁଳନାରେ ଅଧିକ ଦେଖାଦେଉଥିବା କ୍ୟାନସର ହେଉଛି କିଡ଼ନୀ କ୍ୟାନସର। ତେବେ ଏହା ଖୁବ୍ କମ୍ ଭାବରେ ଦେଖାଯାଏ। ସେହିପରି ଛୋଟ ପିଲା ବା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପିଲାର ବୟସରେ ଦେଖାଯାଉଥିବା ଆଖିର ଟ୍ୟୁମର ଦ୍ୱାରା ଆଇ ଟ୍ୟୁମର କ୍ୟାନସର ଦେଖାଯାଏ। ଏହା ସହଜରେ ଚିକିତ୍ସା ହୋଇପାରେ। ତେବେ ସଠିକ ସମୟରେ ଚିକିତ୍ସା ନହୋଇପାରିଲେ ପିଲାଟିର ଅନ୍ୟ ସୁସ୍ଥ ଅଙ୍ଗକୁ ବ୍ୟାପି ଯାଏ।

ପିଲାଟି କୌଣସି ରୋଗରେ ଦୀର୍ଘଦିନ ଧରି ଆକ୍ରାନ୍ତ ହେଲେ ସେ ତାର ରୋଗ ପ୍ରତିରୋଧକ ଶକ୍ତିକୁ ହରାଇଥାଏ। ଯାହାଦ୍ୱାରା ସଂକ୍ରମଣ ହୋଇ ବ୍ଲଡ଼ କ୍ୟାନସରର ଶିକାର ହୋଇଥାଏ। ସେହିପରି ପିଲାଟି କୌଣସି ରୋଗରେ ଅଧିକ ରାଡିଏସନ୍ ନେଇଥିଲେ ଏହି ରୋଗର ଆଶଙ୍କା ଦେଖାଯାଏ। ଏହାବ୍ୟତୀତ ଜେନେଟିକ୍ ମଧ୍ୟ ଅନ୍ୟ ଏକ କାରଣ। ଜନ୍ମ ସମୟରୁ ପିଲାଟି ମା'ଜିନ୍‌ରୁ ଏହି ଜୀବାଣୁ ତା ଦେହରେ ଦେଖାଯାଏ। ପିଲାମାନଙ୍କର କ୍ୟାନସରର ପ୍ରାଥମିକ ଲକ୍ଷଣ ହେଉଛି ପିଲାଟି କୌଣସି କାରଣ ନଥାଇ ମଧ୍ୟ ଦୁଇ ସପ୍ତାହରୁ ଅଧିକ ଦିନ ଅସୁସ୍ଥ ରହିବା। ଶରୀରର କୌଣସି ଅଙ୍ଗରେ ଆବୁପରି ଦେଖାଯିବା। ତାର ଆଖି ଡୋଳାରେ ଧଳା ଚିହ୍ନ ମାଡିଯିବା ଓ ଅସୁସ୍ଥତା ବା ଥକ୍କା ଅନୁଭବ କରିବା। ପିଲାଟିକୁ ଜ୍ୱର ଲାଗିରହିବା ଓ ଉଦ୍‌ବେଗଜନକ ଭାବେ ଓଜନ କମିଯିବା।

ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି। ପିଲାଟିକୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ। ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ। ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ। କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ। ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ। ଏହାର ପାର୍ଶ୍ୱପ୍ରତିକ୍ରିୟାରେ କେତେକ କ୍ଷେତ୍ରରେ ପିଲାର ଚୁଟି ଉପୁଡିଯିବା ସହ ଯନ୍ତ୍ରଣା ପାଇଥାଏ। ବେଳେ ବେଳେ ତାହାର ଖପୁରୀ ସମ୍ବେଦନଶୀଳର ଶିକାର ହୋଇଥାଏ, ରକ୍ତହୀନତା ସହ ରକ୍ତ ଜମାଟ ବାନ୍ଧିଯାଏ ଓ ପରିସ୍ରାନଳୀ ମଧ୍ୟ ତାର ସଂକ୍ରମଣ ଶିକାର ପରି ସମସ୍ୟା ସମ୍ମୁଖୀନ ହୋଇଥାଏ। ତେବେ ଏହା ସମସ୍ତଙ୍କ କ୍ଷେତ୍ରରେ ଦେଖାଯାଇନଥାଏ। ଆଉ ଗୋଟିଏ ଚିକିତ୍ସା ପଦ୍ଧତି ହେଉଛି ରାଡ଼ିଏସନ୍ ଏକ୍ସରେ ମାଧ୍ୟମରେ ଚାପ ଦ୍ୱାରା ପିଲାଟିର ଟ୍ୟୁମରକୁ ଛୋଟ କରି ନଷ୍ଟ କରି ଦିଆଯାଇଥାଏ। ଏହା କେମୋ ଥେରାପି ଓ ଅସ୍ତ୍ରୋପଚାର ପୂର୍ବରୁ ଦିଆଯାଇଥାଏ। ରାଡ଼ିଏସନ୍ ଓ କେମୋ ଥେରାପି ଦ୍ୱାରା ପିଲାଟିର ସୁସ୍ଥ କୋଷ ଉପରେ କୌଣସି ପ୍ରଭାବ ପଡ଼ିନଥାଏ ଏହା କେବଳ କ୍ୟାନସର କୋଷକୁ ନଷ୍ଟ କରେ। ଏହାର ପାର୍ଶ୍ୱପ୍ରତିକ୍ରିୟାର ପ୍ରଭାବ କେମୋଥରାପି ଠାରୁ ବହୁତ କମ୍ ହେଲେ ଏହା ପିଲାର ଫୁସ୍‌ଫୁସ୍‌କୁ ସାମାନ୍ୟ ଭାବେ ଦୁର୍ବଳ କରେ। ସେହିପରି କେତେକ କ୍ଷେତ୍ରରେ ଅସ୍ତ୍ରପଚାର ଦ୍ୱାରା ପିଲାମାନଙ୍କର କ୍ୟାନସର ଚିକିତ୍ସା କରାଯାଏ। ପିଲାମାନଙ୍କ ଠାରେ ରକ୍ତକର୍କଟ ପ୍ରାୟତଃ ଦେଖାଯାଏ। ଏହା ବ୍ୟତୀତ ମସ୍ତିଷ୍କ କର୍କଟ, ଲିମ୍ଫୋମା, ବୃକକ୍‌ର କର୍କଟ, ରେଟିନୋବ୍ଲାଷ୍ଟୋମା ଓ ନ୍ୟୁରୋବ୍ଲାଷ୍ଟୋମା ମଧ ଶିଶୁମାନଙ୍କର ଅନ୍ୟତମ ପ୍ରମୁଖ କର୍କଟ ରୋଗ। ହେଲେ ଏସବୁ ଗୁଡ଼ିକ ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ। ସଠିକ୍ ସମୟରେ ଶିଶୁ ଠାରେ କର୍କଟ ଚିହ୍ନଟ ହେଲେ ଏହା ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ।

ପିଲାମାନଙ୍କ ଠାରେ କ୍ୟାନସର କୋଷ ଅଧିକ ସକ୍ରିୟ ରହିଥାଏ। ହେଲେ ପ୍ରାଥମିକ ଓ ଉପଯୁକ୍ତ ଭାବେ ଚିକିତ୍ସା କରାଗଲେ ପିଲାଟି ଶୀଘ୍ର ରୋଗମୁକ୍ତ ହୋଇଥାଏ। ବଡ଼ମାନଙ୍କ କ୍ଷେତ୍ରରେ କ୍ରୋନିକ୍ ଲ୍ୟୁକିମିଆ ବା ଆସ୍ତେ ଆସ୍ତେ ପ୍ରଭାବ ଦେଖାଯାଉଥିବା ବ୍ଲଡ କ୍ୟାନସର ହେଉଥିବାବେଳେ ପିଲାମାନଙ୍କ ଠାରେ ଏକ୍ୟୁଟ୍ ଲ୍ୟୁକିମିଆ ବା ଅଧିକ ଗତିରେ ପ୍ରଭାବ ବିସ୍ତାର କରୁଥିବା ବ୍ଲଡ଼ କ୍ୟାନସର ହୋଇଥାଏ। ପିଲାମାନଙ୍କର ବ୍ଲଡ଼ କ୍ୟାନସରର ସମ୍ପୂର୍ଣ୍ଣ ଓ ସଫଳ ଚିକିତ୍ସା ପାଇଁ ପାଖାପାଖି ତିନିବର୍ଷ ଲାଗୁଥିବାବେଳେ ପିଲାଟି ଚିକିତ୍ସା ପରେ ବର୍ଷେ ପାଖାପାଖି ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ରହିବାକୁ ପଡ଼ିଥାଏ। ବୟସ୍କଙ୍କ ତୁଳନାରେ ପିଲାମାନଙ୍କ କ୍ୟାନସର ଚିକିତ୍ସାରେ କମ୍ ଖର୍ଚ୍ଚ ପଡ଼ିଥାଏ। ଚିକିତ୍ସା ବେଳେ ଯେପରି ପିଲାଟି ପାର୍ଶ୍ୱପ୍ରତିକ୍ରିୟାର ଶିକାର ନହୁଏ ସେ କ୍ଷେତ୍ରରେ ସତର୍କତା ଜରୁରୀ। ଚିକିତ୍ସା ପରେ ପିଲାଟି ନିଶ୍ଚିନ୍ତ ସାଧାରଣ ଜୀବନଯାପନ କରିଥାଏ। ହେଲେ ସୁସ୍ଥ ହେବାପରେ ଚିକିତ୍ସକଙ୍କ ନିୟମିତ ଓ ଯୋଜନାବଦ୍ଧ ପରାମର୍ଶ ଆବଶ୍ୟକୀୟ। କେତେକ କ୍ଷେତ୍ରରେ ପିଲାଟି ମା'ବାପା କିମ୍ବା ଜିନ୍‌ଗତ ସମସ୍ୟା ପାଇଁ ଏହାର ଶିକାର ହୋଇଥାଏ। ମନେରଖନ୍ତୁ ଭଗବାନଙ୍କ ସୃଷ୍ଟିରେ ପିଲାଟି ଜଣେ ଅମୃତ ଓ ଆଗାମୀ ଭବିଷ୍ୟତର ସ୍ୱର୍ଣ୍ଣିମ ସୃଷ୍ଟି। ସେଥିପାଇଁ ପିଲାଙ୍କୁ ଦେବଶିଶୁ କୁହାଯାଏ। ଭାରତୀୟ ଆଧ୍ୟାତ୍ମିକ ବିଶ୍ୱାସ ରହେ ଯେ, ଭଗବାନଙ୍କର କଲ୍ୟାଣ ପିଲାମାନଙ୍କ ଠାରେ ସର୍ବଦା ରହିଥାଏ। କ୍ୟାନସର କଥା ଶୁଣିବା ମାତ୍ରେ ପିଲାଟିର ବାପାମା ବା ଅଭିଭାବକମାନେ ଅତ୍ୟଧିକ ଭୟଭୀତ ହୋଇଯାଆନ୍ତି ଯାହାଦ୍ୱାରା ପିଲାଟି ମଧ ମାନସିକ ଭାବରେ ଗୁରୁତର ଅଧୈର୍ଯ୍ୟତାର ଶିକାର ହୋଇଥାଏ। ଏ କ୍ଷେତ୍ରରେ ଭଗବାନଙ୍କ ଉପରେ ବିଶ୍ୱାସ ରଖି ତଥା ଚିକିତ୍ସକଙ୍କ ପରାମର୍ଶ ଓ ତତ୍ତ୍ୱାବଧାନକୁ ପାଥେୟ କରି ଭାଙ୍ଗି ପଡ଼ନ୍ତୁନାହିଁ। ପ୍ରାଥମିକ ସମୟରୁ ଚିକିତ୍ସା ଜାରି ରଖନ୍ତୁ। ମନେରଖନ୍ତୁ ସରକାର ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ଓ ଯଥାର୍ଥ ଚିକିତ୍ସା ବ୍ୟବସ୍ଥାର ଗୁରୁତ୍ୱ ପ୍ରଦାନ କରି ପିଲାମାନଙ୍କ ଠାରୁ କ୍ୟାନସରକୁ ରୋଗମୁକ୍ତ କରିବାପାଇଁ ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି। ସରକାରୀ ସୁବିଧାର ସୁଯୋଗ ନିଅନ୍ତୁ, ଧୈର୍ଯ୍ୟହରା ନହୋଇ ପ୍ରାଥମିକ ଅବସ୍ଥାରୁ ଦୃଢ଼ ମାନସିକତାର ସହ ପରିସ୍ଥିତିକୁ ସମ୍ମୁଖୀନ ହୋଇ ପିଲାଟିକୁ ହିଁ ବିଶ୍ୱାସ ଓ ଭରଷା ଦିଅନ୍ତୁ। ଦେଖିବେ ଆପଣଙ୍କ ପିଲାଟି ରୋଗମୁକ୍ତ ହୋଇ କ୍ୟାନସର ବିଜୟୀ ହେବାସହ ନୂଆ ଜୀବନଯାପନ କରିପାରିବ।

**ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,**
**ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର**

# ଜୀବନର ପ୍ରବାହ

॥ ଅନୀତା ପଟ୍ଟନାୟକ ॥

ଛୋଟ ପିଲା ଦିନେ ଆମ ଘର ଆଗରେ ଗୋଟିଏ ଗଛରେ ଦୁଇଟି ଗୋବରା ଚଢ଼େଇ ରହୁଥିଲେ ଓ ତାଙ୍କ ନୀଡ଼ରେ ଦୁଇଟି ସୁନ୍ଦର ଛୁଆ ଦେଇଥିଲେ। ପକ୍ଷୀ ଦମ୍ପତିଙ୍କର ଫେରିବାର ସମୟ ହେଲେ ଛୁଆ ଚଢ଼େଇ ଗୁଡ଼ିକ ବ୍ୟତିବ୍ୟସ୍ତ ହୋଇ ରାବି ଉଠୁଥିଲେ। ଏହାର ଉଦ୍ଦେଶ୍ୟ ଜାଣିବା ପାଇଁ ମୁଁ ବାପାଙ୍କୁ ପଚାରିବାରୁ ବାପା କହିଲେ ପିଲାଗୁଡ଼ିଙ୍କର ଖାଇବା ସମୟ ହୋଇଯାଇଥିବାରୁ ଚଢ଼େଇ ଦମ୍ପତି ସେମାନଙ୍କର ଥଣ୍ଟରେ ଆଣିଥିବା ଖାଦ୍ୟକୁ ପିଲାମାନଙ୍କୁ ଦେବେ ଓ ସେମାନେ ଶାନ୍ତ ହୋଇ ରହିବେ। ସେ ଦିନ ମୁଁ ଜାଣି ପାରିଲି ଚଢ଼େଇ ଦମ୍ପତି ସକାଳୁ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଆନ୍ତି। ସ୍କୁଲ ଯିବା ବୟସ ହେବାରୁ ଦେଖିଲି ମୋର ପିତାମାତା ଖୁବ ବ୍ୟସ୍ତ ହୋଇ ଘରର ସମସ୍ତଙ୍କ ପାଇଁ ରନ୍ଧାରନ୍ଧି କରି ମତେ ସ୍କୁଲରେ ଛାଡ଼ି ଅଫିସକୁ ଯାଉଥିଲେ ଓ ମୋର ଛୁଟି ହେବାପରେ ମତେ ଘରକୁ ଧରି ଫେରୁଥିଲେ। ବେଶ କିଛିଦିନ ଅନୁଧ୍ୟାନ କରି ଜାଣିଲି ଯେ ମୋର ପିତାମାତା ପିଲାଦିନେ ଦେଖିଥିବା ଚଢ଼େଇ ଦମ୍ପତ୍ତିଙ୍କ ପରି ସବୁଦିନ ଖାଦ୍ୟ ଅନ୍ୱେଷଣରେ ଧାଉଁଛନ୍ତି। ଦିନେ ଦେଖିଲି କଳାଜନ୍ଦାମାନେ ଗୋଟିଏ ଧାଡ଼ି ହୋଇ ସମସ୍ତ ଛୋଟବଡ଼ ଜନ୍ଦା ମା' ରଖିଥିବା ଚିନି ଡବାରୁ ଗୋଟିଏ ଗୋଟିଏ ଚିନିଦାନା ଧରି ଖୁବ ଜୋରରେ ଗୋଟିଏ ଗାତ ଆଡ଼କୁ ଚାଲିଯାଉଛନ୍ତି। ସେ ଦିନ ଜାଣିଲି ଜନ୍ଦା ଓ ପିମ୍ପୁଡ଼ି ମଧ ସବୁଦିନ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଆନ୍ତି। ଆମଘରେ ଥିବା ଗାଈକୁ ବାପା ସକାଳୁ ଖୋଲି ଦିଅନ୍ତି। ସେ ମଧ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଇ ସନ୍ଧ୍ୟାରେ ତାର ବାଛୁରୀ ପାଖକୁ ଫେରିଆସେ। ଦେଖିଲି ସାପ, ମାଙ୍କଡ, ବିଲେଇ, ସମସ୍ତେ ଖାଦ୍ୟ ଅନ୍ୱେଷଣରେ ଦିନସାରା ବ୍ୟସ୍ତ।

ଦିନେ ମୁଁ ରାସ୍ତାରେ ଯାଉଥିବା ସମୟରେ ଦେଖିଲି ଅନେକ ସରକାରୀ, ବେସରକାରୀ ଆଧାତ୍ମିକ ସଂସ୍ଥା ଏକ ବା ବିଭିନ୍ନ ପ୍ରକାରର ସେବାକାର୍ଯ୍ୟରେ ଲିପ୍ତ। ଏସବୁ ସେବା ମଧ୍ୟରୁ କେଉଁଟି ସବୁଠାରୁ ଉତ୍ତମ ତାହା ମୋର ଜାଣିବାକୁ ଇଚ୍ଛା ହେଲା। ମା, ବାପା, ଶିକ୍ଷକ ସମସ୍ତେ କହିଲେ ସବୁ ସେବା ସମାନ। ମୋର ମନରେ ପ୍ରଶ୍ନ ଉଠିଲା ଯଦି ସବୁ ସେବା ସମାନ ତେବେ ଏତେ ପ୍ରକାର ସଂସ୍ଥା ଦ୍ୱାରା କାହିଁକି ସେବା କରାଯାଉଛି? ସବୁ ସେବାକାର୍ଯ୍ୟ ସମାନ ଭାବରେ ପବିତ୍ର ଓ ହିତକାରକ କି? ଏପରି ପ୍ରଶ୍ନ ମନରେ ଥିବା ସମୟରେ ମୋର ପିତାଙ୍କ ସହିତ ମୁଁ ଜଣେ ଗେରୁଆ ବସ୍ତ୍ର ପିନ୍ଧିଥିବା ସାଧୁଙ୍କ ପାଖକୁ ଯାଇଥିଲି। ବାପା ଆଶ୍ରମରେ ଅନ୍ୟ ମାନଙ୍କ ସହିତ କଥୋପକଥନ କରୁଥିବା ସମୟରେ ମୁଁ ସାଧୁ ବାବାଙ୍କୁ ମୋର ମନର କଥାକୁ କହିଥିଲି। ସେ ମତେ କହିଥିଲେ କ୍ଷମତା ଲେଭି କ୍ଷମତା ଲୋଭରେ ଯେଉଁ ସେବା କରନ୍ତି ବା ବାଧ୍ୟତାମୂଳକ ଭାବେ ଲୋକ ଦେଖାଣିଆ ପାଇଁ ଯେଉଁ ସେବାକାର୍ଯ୍ୟ କରାଯାଏ ତାହା ଲାଭ ଅପେକ୍ଷା ଅନେକ ହାନିକାରକ ହୋଇଥାଏ। କ୍ଷମତା ଲୋଭୀମାନେ ଯେଉଁ କର୍ମଶାଳା ସେବାର ପ୍ରଶିକ୍ଷଣ ପାଇଁ ଖୋଲିଥାନ୍ତି ତାହା ଦୋକାନ ସଦୃଶ ଦୃଷ୍ଟି ଆକର୍ଷଣ ଓ ସାଜସଜ୍ଜା କରି ଲୋକଙ୍କୁ ଆକୃଷ୍ଟ କରିଥାନ୍ତି। ଧୂର୍ତ୍ତ ପ୍ରଚାରରେ କ୍ଷଣସ୍ଥାୟୀ ଫଳ ମିଳେ ଏହା ପରିବେଶକୁ ନୈରାଶ୍ୟ ଓ ବିଫଳତା ଦିଏ। ମୋର ମୁଣ୍ଡକୁ ଆଉଁସି ଦେଇ ଗୁରୁଦେବ କହିଲେ କୌଣସି ସ୍ୱାର୍ଥ ନଥାଇ ପ୍ରେମପୂର୍ଣ୍ଣ ସେବା କୁ ହିଁ ପ୍ରକୃତ ସେବା କୁହାଯାଏ।

ସେ କହିଲେ ସେବା ପାଇଁ ହୃଦୟରେ ଭାବ, ମସ୍ତିଷ୍କରେ ବୁଦ୍ଧି ଓ ହାତରେ ଶକ୍ତି ଦରକାର। ହୃଦୟରେ ନିଃସ୍ୱାର୍ଥପର ପ୍ରେମ, ବିନମ୍ରତା ଆବଶ୍ୟକ। ଯେତେବେଳେ ମନ, ବୁଦ୍ଧିମତାପୂର୍ଣ୍ଣ ବିଚାରଶକ୍ତି ସହ ସମସ୍ୟା ଓ ତାର ସମାଧାନ ବିଷୟକ ଜ୍ଞାନପାଏ ଓ ହସ୍ତ ଉପଶମକାରୀ ସ୍ପର୍ଶରେ ଆଗ୍ରହ ଓ ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସମୟ, ଶକ୍ତି ଓ ଦକ୍ଷତାକୁ ଆନନ୍ଦର ସହ ବିନିଯୋଗ କରେ, ତାହା ସେବାକାର୍ଯ୍ୟରେ ପରିଣତ ହୁଏ। ସେବା ପାଇଁ ଭଗବତ ବିଶ୍ୱାସ ଅନିର୍ବାର୍ଯ୍ୟ। ସବୁ ମଣିଷ ଜୀବଜଗତ ଭଗବାନଙ୍କ ଅଂଶ। ସେମାନଙ୍କର ମୂଳସ୍ଥିତି ଓ ପ୍ରଗତି ସବୁ ଭଗବାନଙ୍କ ଭିତରେ, ଭଗବାନଙ୍କ ଦ୍ୱାରା ଓ ଭଗବାନଙ୍କ ନିମନ୍ତେ ଉଦ୍ଦିଷ୍ଟ ହେବା ଉଚିତ। ସେବା ପାଇଁ ସ୍ୱାର୍ଥଶକ୍ତିରୁ ମୁକ୍ତ ହେବା ଆବଶ୍ୟକ।

ସେ ଦିନ ଜାଣି ପାରିଲି ଇତର ଜଗତର ପ୍ରାଣୀମାନେ ଖାଦ୍ୟ ଅନ୍ୱେଷଣରେ ବାହାରୁଥିଲେ ମଧ ସେମାନଙ୍କର ଚିନ୍ତା ନିଃସ୍ୱାର୍ଥପର କିନ୍ତୁ ମଣିଷର ଖାଦ୍ୟ ଅନ୍ୱେଷଣ ପଛରେ ସ୍ୱାର୍ଥ ନିବିଡ଼ ଭାବରେ ଜଡ଼ିତ। ସେ ମତେ କିଛି ସମୟ ପାଇଁ ତାଙ୍କର ଅଲୌକିକ ଶକ୍ତି ମତେ ଦେଖାଇଥିଲେ। ମୁଁ ଦେଖିଲି ଗୁରୁଦେବ ଓ ମୁଁ କିଛି ସମୟ ପାଇଁ ଆକାଶ ମାର୍ଗରେ ବୁଲୁଚୁ। ତଳେ ପୃଥିବୀରେ ମୋର ସାଙ୍ଗସାଥୀ, ବାପା, ମାଆ, ବନ୍ଧୁବାନ୍ଧବ, ପ୍ରାଣୀଜଗତ ସମସ୍ତେ ଖାଦ୍ୟ ଅନ୍ୱେଷଣରେ ବ୍ୟସ୍ତ ସେ ମତେ କହିଲେ ଜୀବନ ଅର୍ଥ ଖାଦ୍ୟ ଅନ୍ୱେଷଣ ନୁହେଁ, ଏହାଠାରୁ କିଛି ଅଧିକ ମତେ କହିଲେ ଚାଲ ମୋ ସହିତ ଯିବୁ ମୁଁ ତତେ ଜୀବନର ପ୍ରକୃତ ଉଦ୍ଦେଶ୍ୟ ପାଖକୁ ନେଇଯିବି ମୁଁ କହିଲି ମୋ ବିନା ମୋର ପିତାମାତା, ବନ୍ଧୁବାନ୍ଧବ ସମସ୍ତେ ବ୍ୟସ୍ତ ହୋଇପଡ଼ିବେ। ମୋର ଅନେକ କାର୍ଯ୍ୟ ବାକିଅଛି ମତେ ଛାଡ଼ିଦିଅ। ଆଖି ଖୋଲି ଦେଖେ ତ ଗୁରୁଦେବ ଆଖି ବନ୍ଦ କରି ବସିଛନ୍ତି। ଅନେକ ଭକ୍ତ ତାଙ୍କୁ ଘେରି ବସିଛନ୍ତି। ମୋର ବାପା ମୋ ନିକଟରେ ବସିଛନ୍ତି। ଚାରି ଆଡ଼କୁ ଚାହିଁ ଦେଖିଲି ଗୁରୁଦେବଙ୍କ ଛଡ଼ା ମୋ ସହିତ ଆଉ କିଏ କଥାବାର୍ତ୍ତା କରୁଥିଲେ କି? ପ୍ରକୃତିସ୍ଥିତ ଚିତ୍ତରେ ହୃଦୟଙ୍ଗମ କଲି ପ୍ରକୃତରେ ମୋ ସହିତ କଥାବାର୍ତ୍ତା କରୁଥିବା ଲୋକଟି ଗୁରୁଦେବ ନଥିଲେ ମୋ ଭିତରେ ଥିବା କିଛି ଏକ ଚେତନଶକ୍ତି ମୋ ସହିତ କଥାବାର୍ତ୍ତା କରୁଥିଲା। ସେ ମତେ କହିଥିଲା ଜୀବନ କ୍ଷଣ ଭଙ୍ଗୁର, ଖାଦ୍ୟକୁ ଅନ୍ୱେଷଣ ପାଇଁ ଉଦ୍ଦିଷ୍ଟ ନୁହେଁ। ନିଃସ୍ୱାର୍ଥପର ଓ ସେବା ମାଧ୍ୟମରେ ତୁ ମତେ ପାଇ ପାରିବୁ।

ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬

# ଯେପରି କହୁଛ ସେପରି କର

॥ ଅନୀତା ପଟ୍ଟନାୟକ ॥

ମଣିଷର ଆଶା ହେଉଛି ଏକ ଭାବ, ଯାହାକି ତାର ଜୀବନକୁ ଚଳଚଞ୍ଚଳ କରାଇଥାଏ। ମନୁଷ୍ୟ ଭଲ ଭାବେ ଜାଣିଥାଏ ଯେ ସଂକୁଚିତ ପ୍ରେମ ଅର୍ଥ ପ୍ରେମହୀନତା। ମନୁଷ୍ୟ କଥା, କର୍ମ ଓ ବଚନରେ ସମନ୍ୱୟ ରକ୍ଷା କରିପାରୁନଥିବାରୁ ସେ ଅନ୍ୟମାନଙ୍କ ବିଶ୍ୱସ୍ତ ଓ ପ୍ରିତୀଭାଜନ ହୋଇପାରିନଥାଏ। ଆମ ମାନଙ୍କୁ ଭଗବାନଙ୍କର ଏକ ଆୟୁଧ ହେବାକୁ ପଡ଼ିବ, କାରଣ ସେ ଆମ ମାନଙ୍କ ମଧ୍ୟରେ, ଆମ ମାନଙ୍କ ଦ୍ୱାରା ସଂସାରରେ ସଂସ୍କାର ଆଣିଥାନ୍ତି।

ସଂସ୍କାରବାବୁ ଗୋଟିଏ ସହରରେ ଜଣେ ପରିଚିତ ଓକିଲ ଥିଲେ। ସେ ଭଗବାନଙ୍କର ଉକ୍ତି 'ତୁମେ କେବଳ ନିମିତ୍ତ ହୁଅ ଓ ମୋର ଆୟୁଧ ହୁଅ ଏବଂ ମୁଁ ତୁମ ମାଧ୍ୟମରେ ସଂସାରରେ ସଂସ୍କାର ଆଣିବି'। ଏହାକୁ ଜୀବନର ମୂଳମନ୍ତ୍ର ଧରି ଓକିଲାତି ବୃତ୍ତି କରୁଥିଲେ। ରାଜେଶ ତାଙ୍କର ଏକମାତ୍ର ପୁତ୍ର ପିଲାଦିନେ ଦେଖିଛି ତାର ବାପା କିପରି ପରିଶ୍ରମୀ ଓ ଦୟାଳୁ ଥିଲେ। ଥରେ ରାଜେଶ ତାର ପିତାମାତାଙ୍କ ସହିତ ଫୁଲବାଣୀର ଏକ ପର୍ଯ୍ୟଟନସ୍ଥଳୀକୁ ବୁଲି ଯାଇଥିଲା। ସେ ଓ ତାର ମାଆ ଜଙ୍ଗଲର ଶୋଭା ଓ ଫୁଲର ସୁଗନ୍ଧକୁ ଦେଖି ଓ ବାରି ଖୁସି ହେଉଥିବା ସମୟରେ ସଂସ୍କାର ବାବୁ କିଛି ସମୟ ପାଇଁ ହଜିଯାଇଥିଲେ। କିଛି ସମୟ ପରେ ସେ ରାଜେଶ ଓ ତାର ମାଆ ପାଖକୁ ଫେରିବାରୁ ରାଜେଶର ମାଆ 'ତୁମେ କୁଆଡ଼େ ଯାଇଥିଲ' ବୋଲି ପ୍ରଶ୍ନ କରିଥିଲେ। ସଂସ୍କାର ବାବୁ କହିଥିଲେ, ତୁମ ମାନଙ୍କ ଠାରୁ ଦୂରେଇ ଯାଇ କିଛି ବାଟ ଯିବା ପରେ ଦେଖିଲି ଗତକାଲିର ଭୀଷଣ ବର୍ଷା ଓ ପବନରେ ଦୁଇଟି ଚଢ଼େଇ ଛୁଆ ମାଟିରେ ପଡ଼ିଛନ୍ତି। ସେମାନଙ୍କର ନୀଡ଼ ଭାଙ୍ଗି ଯାଇଛି। ସେହି ଦୁଇଟି ପକ୍ଷୀଙ୍କୁ ଉଠାଇ ଗଛରେ ଝୁଲୁଥିବା ଆଉ ଏକ ନୀଡ଼ରେ ସେମାନଙ୍କୁ ପୁନଃ ପ୍ରତିଷ୍ଠା କରିବା ପାଇଁ କିଛି ସମୟ ଲାଗିଗଲା। ସେଥିପାଇଁ ମୋର ତୁମ ମାନଙ୍କ ପାଖକୁ ଫେରିବାକୁ ଡେରିହେଲା। ସଂସ୍କାର ବାବୁ ରାଜେଶକୁ ସବୁବେଳେ ସତ କହିବା ପାଇଁ, ଚୋରି ନକରିବା ପାଇଁ ଶିକ୍ଷା ଦେଉଥିଲେ। ସେ କହୁଥିଲେ ମଣିଷ ତାର ଆଶାକୁ ନେଇ ବଞ୍ଚେ। ଆଶା ଆମର ଜୀବନକୁ ଚଳଚଞ୍ଚଳ କରୁଥିଲେ ମଧ ଆମର ଆଶାକୁ ପୂରଣ କରିବାକୁ ଯାଇ ଆମେ ଅନ୍ୟ କାହାର କ୍ଷତି କରିବା ଉଚିତ ନୁହେଁ। ଆମେ ବିଶ୍ୱସ୍ତ ହେବା ରାଜକୀୟ ନୁହେଁ ଇତ୍ୟାଦି ଇତ୍ୟାଦି। ଦିନେ ରାଜେଶ ତାର ବାପାଙ୍କ ସହ ଗୋଟିଏ ତେଜରାତି ଦୋକାନକୁ ବୁଲିଯାଇଥିବା ସମୟରେ ସମସ୍ତଙ୍କର ଅଲକ୍ଷ୍ୟରେ ଗୋଟିଏ ସୁନ୍ଦର ଗୋଲାକାର ଆଳୁଟିଏ ଉଠାଇ ଆଣିଥିଲା। ମାଆ ଏହାକୁ ଦେଖି ପାଟି କରିବାରୁ ବାପା ତାକୁ ଟାଣି ଟାଣି ନେଇ ଦୋକାନରେ ଆଳୁଟିକୁ ଫେରାଇଥିଲେ ଓ ରାଜେଶକୁ ଦୋକାନ ମାଲିକଙ୍କୁ କ୍ଷମା ମାଗିବାକୁ କହିଥିଲେ। ତେଣୁ ରାଜେଶର ପିଲା ଦିନର ଆଖିରେ ତାର ବାପା ଥିଲେ ନ୍ୟାୟବନ୍ତ, ଦୟାଳୁ, ସତ୍ୟବନ୍ତ ଓ ବିଶ୍ୱସ୍ତ। ସେ ଭାବୁଥିଲା ତାର ବାପା ସମସ୍ତଙ୍କୁ ପ୍ରେମ କରନ୍ତି ଓ ସେ ସଙ୍କୁଚିତ ପ୍ରେମରେ ବିଶ୍ୱାସ ରଖନ୍ତି ନାହିଁ। ତେଣୁ ସେ ବଡ଼ ହୋଇ ଓକିଲାତି ଶିକ୍ଷାକରି ବଡ଼ ଓକିଲ ହେବା ପାଇଁ ମନରେ ସ୍ଥିର କରିନେଲା। କିନ୍ତୁ ଏ କ'ଣ? ବଡ଼ ହୋଇ ସେ ଦେଖିଲା ତାର ବାପାଙ୍କର କଥା, କର୍ମ ଓ ବଚନରେ ସମନ୍ୱିତା ନାହିଁ। ଦିନେ ସହରର ଜଣେ ଧନୀ ବ୍ୟକ୍ତି ରାଜେଶର ବାପାଙ୍କୁ ପୁଳାଏ ଟଙ୍କା ଦେଇ ଧନ୍ୟବାଦ ଅର୍ପଣ କଲେ। କାରଣ ସଂସ୍କାର ବାବୁ ଗୋଟିଏ ବିଧବା ବୁଢ଼ୀର ସମ୍ପତ୍ତିକୁ ଉକ୍ତ ଧନୀକବ୍ୟକ୍ତିଙ୍କର ନାମରେ ବିଚାରାଳୟରେ କରାଇ ପାରିଥିଲେ। ଧନୀକ ବ୍ୟକ୍ତି ଉକ୍ତ ବିଧବା ବୁଢ଼ୀର ଯାଗାରେ ବ୍ୟାଙ୍କରୁ ଋଣ ନେଇ ଗୋଟିଏ ସୁନ୍ଦର ହୋଟେଲ ତିଆରି କରିବାକୁ ଯୋଜନା କରିଥିଲେ। ରାଜେଶ ଭାବୁଥିଲା ଏ କ'ଣ ମୋର ସେଇ ପିତା ଯେ ଦିନେ ଫୁଲବାଣୀ ଜଙ୍ଗଲରେ ନୀଡ଼ରୁ ଖସି ପଡ଼ିଥିବା ପକ୍ଷୀ ମାନଙ୍କୁ ଏକ ନୀଡ଼କୁ ଫେରାଇ ଦେଇ ପାରିଥିଲେ। ସଂସ୍କାର ବାବୁ କିଛି ଦିନ ପରେ ସତମିଛ କହି ଯୋଗାଡ଼ କରିଥିବା ଟଙ୍କାରେ ଏକ ଦାମୀକାର କିଣିଥିଲେ ଓ ରାଜେଶକୁ କହିଥିଲେ ତୋର ଓକିଲାତି ଜୀବନର ଆରମ୍ଭରେ ମୋ ତରଫରୁ ତୋ ପାଇଁ ଏକ ଉପହାର। ରାଜେଶ ଭାବିଲା ବାପା ମୋର ବିଶ୍ୱସ୍ତ ନା ରାଜକୀୟ ଯଦି ସେ ବିଶ୍ୱସ୍ତ ତେବେ କାହାର ସେ ବିଶ୍ୱସ୍ତ? ତାଙ୍କର କେଉଁ ଆଶା ତାଙ୍କର ଜୀବନକୁ ଚଳଚଞ୍ଚଳ କରାଉଛି? ସେ ଜାଣିପାରିଲା ତାର ବାପା ଯାହା କୁହନ୍ତି, ଯାହା ଚିନ୍ତା କରନ୍ତି ତାକୁ ସେ କାର୍ଯ୍ୟରେ ପରିଣତ କରାନ୍ତି ନାହିଁ। ସେ ବଡ଼ ଓକିଲ ହୋଇପାରନ୍ତି କିନ୍ତୁ ସେ ଜଣେ ଖଚୁଆ, ମିଛୁଆ ଓ ପଇସା ରୋଜଗାର କରୁଥିବା ଏକ ମେସିନ।

ଦିନେ ଏହାର ଉତ୍ତର ପାଇବା ପାଇଁ ରାଜେଶ ବାପାଙ୍କ ଆଗରେ ଆସି କହିଲା ମୁଁ ଏପରି ବ୍ୟବସାୟ କରି ପାରିବି ନାହିଁ। ତୁମେ ମତେ ସତ୍ୟପଥରେ ଚାଲିବା ପାଇଁ ପିଲାଦିନୁ ଶିଖାଇଥିଲ କିନ୍ତୁ ଏ ବ୍ୟବସାୟ ସଂପୂର୍ଣ୍ଣ ଓଲଟା। ବାପା ରାଜେଶକୁ କହିଲେ 'ଯେଉଁମାନେ ସତ୍ୟଧର୍ମ ଅହିଂସା ପଥରେ ଚାଲନ୍ତି, ସେମାନେ ଆଣ୍ଠୁ ଲୁଚୁନଥିବା ଧୋତି ପରିଧାନ କରି ଖାଲି ଦେହରେ ତୃତୀୟ ଶ୍ରେଣୀ ଡବାରେ ଟ୍ରେନରେ ଯାତ୍ରା କରନ୍ତି। ସେମାନେ ବିରାଟ ମଣିଷ ହୋଇପାରନ୍ତି କିନ୍ତୁ ଓକିଲାତି ପାଇଁ ନୁହେଁ। ଓକିଲାତି ଏକ ବ୍ୟବସାୟ। ମାଂସ କଟାଳୀ ଯେପରି ଜୀବକୁ ହତ୍ୟାକରି ଏହାକୁ ମହାପାପ ବୋଲି ଜାଣି ମଧ ସେ ତାର ପରିବାର ପ୍ରତିପୋଷଣ କରିଥାଏ। ସେହିପରି ଓକିଲାତିରେ ଦୁଇଟି ପକ୍ଷ ଥାନ୍ତି। ଜଣେ ମିଛ କୁହେ ଜଣେ ସତ କୁହେ ସେ ସତ ମିଛ ମଧ୍ୟରୁ ସତ ବାଛିବାର ଦାୟିତ୍ୱ ବିଚାରପତିଙ୍କର। ଓକିଲ ତାର ପେଶା ଓ ପକ୍ଷ ପାଇଁ ଆଇନଟିକୁ ତା ସପକ୍ଷରେ ବାଢ଼ି ଥାଏ। ଏସବୁ ଶୁଣିବା ପରେ ରାଜେଶର ମନ ଏଥିରେ ବୁଝି ନଥିଲା। ତାର କାନରେ ସ୍କୁଲ ଦିନର ପ୍ରାର୍ଥନା 'ସତ୍ୟ ପଥେ ଧର୍ମ ପଥେ ଘେନି ଯାଅ ମତେ, ଭକ୍ଷାଅ ପରାଣ ମୋର ତବ ପ୍ରେମ ସ୍ରୋତେ ଝଙ୍କୁରିତ ହେବାକୁ ଲାଗିଲା। ତାର ଭକ୍ତିମତୀ ମାଆ ଘରେ ଠାକୁରଙ୍କ ପାଖେ ହାତଯୋଡ଼ାଇ ତାକୁ କିପରି ଶିକ୍ଷା ଦେଇଥିଲେ ଯେ 'ଯାହା ମୁଁ କହଇ, ଯାହା ମୁଁ କରାଇ ଯାହା ମୁଁ ଚିନ୍ତଇ ମନେ, ଜଗତର କର୍ତ୍ତା ପରମେଶ୍ୱର ଜାଣୁଛନ୍ତି ପ୍ରତିକ୍ଷଣେ। ତାର ମନେ ପଡ଼ିଲା ଏହାମଧ ତାର ମନେପଡ଼ିଲା ତାକୁ କିପରି ପିଲାଦିନେ ଶିକ୍ଷା ଦିଆଯାଇଥିଲା। 'ମତେ ଏତିକି ଶିଖାଅ ସାଇଁ ହେ ମୋର ଧନଜନ ଲୋଡ଼ା ନାହିଁ ହେ'। ତେଣୁ ସେ ଓକିଲାତି ନକରିବା ପାଇଁ ଦୃଢ଼ ସିଦ୍ଧାନ୍ତ ନେଲା ଓ ଏକ ବିଚାରପତି ହେବ ବୋଲି ତାର ବାପାଙ୍କୁ ରୋକଠୋକ ଶୁଣାଇ ଦେଲା। ବାପା ଅବାକ ହୋଇ ଆକାଶକୁ ଚାହିଁ ରହିଲେ। ପୁରୁଣା ବଙ୍ଗାଳୀ କବିତାଟିଏ ତାଙ୍କର ମନେ ପଡ଼ିଲା 'ତୁମି ଏକଲା ଚଲୋରେ'।

ଦୂରଭାଷ : ୯୬୯୨୯୮୦୦୨୬

## ଫୁଲବାଡିଆରେ ମିଶନ ତାଳ କାର୍ଯ୍ୟକ୍ରମ

**କପ୍ତିପଦା(ମହାଭାରତ):**ଜଡ଼ିଦା ଗ୍ରାମ ପଞ୍ଚାୟତ ଅଧୀନ ଫୁଲବାଡିଆ ପାହାଡ଼ରେ ମିଶନ ତାଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ଦ୍ୱାରା ପନ୍ଦରବର୍ଷ ପୂର୍ବରୁ ଆରମ୍ଭ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ଗ୍ରାମର ସ୍ୱେଚ୍ଛାସେବୀ ବାଇଧର ନାୟକ, ମାୟାଧର ନାୟକ , ଭାସ୍କର ଗିରି , ସୁଶାନ୍ତ ଗିରିଙ୍କ ସହଯୋଗରେ ଜଙ୍ଗଲ ପାର୍ଶ୍ୱରେ ପ୍ରାୟ ଏକ ଶହରୁ ଊର୍ଦ୍ଧ୍ୱ ମଞ୍ଜି ରୋପଣ କରାଯାଇଛି । ଜଙ୍ଗଲକୁ ସୁରକ୍ଷା ଦେବା ତଥା ଉଜୁଡ଼ା ଜଙ୍ଗଲ କୁ ସଜାଡ଼ିବା ଏବଂ ସର୍ବୋପରି ପାଣିପାଗ ବିପର୍ଯ୍ୟୟ ଯୋଗୁଁ ବଢୁଥିବା ବଜ୍ରପାତରୁ ପ୍ରଣୀ କୁଳ ର ସୁରକ୍ଷା ପାଇଁ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି ବୋଲି ସ୍ୱେଚ୍ଛାସେବୀ ଗଣ ପ୍ରକାଶ କରିଛନ୍ତି । ଅନୁଧ୍ୟାନ କହେ ପ୍ରାକୃତିକ ଉପାୟରେ ତାଳଗଛ ବଜ୍ରାଘାତ ରୁ ପ୍ରାଣୀ କୁଳର ସୁରକ୍ଷା କରିଥାଏ । ମୃତ୍ତିକା କ୍ଷୟକୁ ରୋକିବାରେ ଏହି ଗଛ ସହାୟକ ହୋଇଥାଏ । ଗଛ ଲମ୍ବା ହୋଇଥିବା କାରଣରୁ ବଜ୍ରପାତ ଯୋଗୁଁ ସୃଷ୍ଟି ହେଉଥିବା ଚାର୍ଜ କୁ ନିୟୁଟ୍ରାଲ କରି ପ୍ରାଣୀ କୁଳକୁ ସହାୟକ ହୋଇଥାଏ । ଜଳବାୟୁ ପରିବର୍ତ୍ତନ ହେଉଥିବା କାରଣରୁ କ୍ରମଶଃ ବଜ୍ରପାତ ବଢ଼ି ବଢ଼ି ଚାଲିଛି । ବିଶେଷ କ୍ଷତି ରେ ପଡୁଛନ୍ତି ବିଲରେ କାମ କରୁଥିବା କୃଷକ ।ତେଣୁ ତାଳ ଗଛ ର ବ୍ୟାପକତା ପାଇଁ ସମସ୍ତେ ତାଳ ମଞ୍ଜି ରୋପଣ କରିବାର ଆବଶ୍ୟକତା ଅଛି ।

## ବିଶ୍ୱ ମାନବିକତା ଦିବସ କର୍ମଶାଳା

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଦେଢ଼ଶର ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରକଳ୍ପ ଅଧିକାର ତରଫରୁ ବିଶ୍ୱ ମାନବିକତା ଦିବସ କର୍ମଶାଳା ଅଧିକାର ମିତ୍ର ପ୍ରତିମା ପ୍ରଧାନ ଓ ମନୋରଞ୍ଜନ ସ୍ୱାଇଁ ଙ୍କ ଆୟୋଜନ କ୍ରମେ ପ୍ରଧାନ ଶିକ୍ଷକ ଶ୍ୟାମ ବନ୍ଧୁ ପ୍ରଧାନଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଶତାଧିକ ଛାତ୍ର ଛାତ୍ରୀଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ସୁଶାନ୍ତ କୁମାର ବେହେରା, ମଳୟ କୁମାର ସାହୁ, ସୁବୋଧ କୁମାର ସାହୁ, ବିଦ୍ୟାଧର ଲେଙ୍କା ଓ ଅଶୋକ କୁମାର ପ୍ରଧାନ ମହୋଦୟ ଏ କର୍ମଶାଳାରେ ଯୋଗଦାନ କରି ଛାତ୍ର ଛାତ୍ରୀ ଙ୍କ ଚରିତ୍ର ନିର୍ମାଣ ଦେଶର ଚରିତ୍ର ପଦଳିବ ତେଣୁ ମାନବିକତା, ମାନବୀୟ ମୂଲ୍ୟବୋଧ ତଥା ମଣିଷର ମର୍ଯ୍ୟାଦା ଓ ସମ୍ମାନ ରକ୍ଷା କରିବା ଉଚିତ ବୋଲି ନିଜ ନିଜ ବକ୍ତବ୍ୟରେ ଛାତ୍ର ଛାତ୍ରୀଙ୍କୁ ଆହ୍ୱାନ କରିଥିଲେ । ପ୍ରାକୃତିକ ବିପର୍ଯ୍ୟୟ, ଦାରିଦ୍ର୍ୟ, ଦୁଃଖ, ଯୁଦ୍ଧ ଓ ସାମାଜିକ ସଙ୍କଟରେ ପ୍ରଭାବିତ ହେଉଥିବା ଲୋକଙ୍କୁ ନିଃସ୍ୱାର୍ଥ ପର ସେବା ଯୋଗାଇ ଦେବା ଆମ ମାନବ ସମାଜର ନୈତିକ କର୍ତ୍ତବ୍ୟ । ଶ୍ରମିକ କୃଷକ, ସେବାକର୍ମୀ ଓ ଦୁଃଖୀ ଦରିଦ୍ର ଲୋକମାନଙ୍କୁ ସମ୍ମାନ ଦେବା ଏବଂ ବିପଦ ଆପଦ ସମୟରେ ସେମାନଙ୍କୁ ସମବେଦନା ଜଣେଇବା ମଣିଷର ଜାତିର ମହାନତା । ମାନବିକତା, ସହାନୁଭୂତି ଓ ସହଯୋଗ ଭିତ୍ତିରେ ଆମ ସମାଜ ସମୃଦ୍ଧ ହେଇଛି ତେଣୁ ମାନବିକତା ହିଁ ମାନବ ସମାଜର ସର୍ବଶ୍ରେଷ୍ଠ ମୂଲ୍ୟ ବୋଲି ବିଚାର କରିବା ଆବଶ୍ୟକ ଓ ଅସହାୟ ନିଃସହାୟଙ୍କୁ ଆପଦ କାଳୀନ ସହାୟତା କରିବା ହେଉଛି ମାନବିକତାର ଅସଲ ପରିଚୟ । ଜାତି,ବର୍ଣ୍ଣ,ଧର୍ମ, ଭାଷା, ସମ୍ପ୍ରଦାୟ ଓ ଭେଦଭାବରୁ ଉର୍ଦ୍ଧ୍ୱରେ ରହି ମାନବ ସେବାରେ ନିଜକୁ ନିୟୋଜିତ କରିବା ପାଇଁ ପ୍ରକଳ୍ପ ଅଧିକାରୀ ପ୍ରଭାତ କୁମାର ସାହୁ ଉପସ୍ଥିତ ଛାତ୍ର ଛାତ୍ରୀଙ୍କୁ ସବିଶେଷ ବୁଝାଇଥିଲା ବେଳେ ଶ୍ରୀନିବାସ ରଣା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜନଶୁଣାଣୀ ଶିବିର ଅନୁଷ୍ଠିତ

**ଦଶପଲ୍ଲା,(ମହାଭାରତ):**ଦଶପଲ୍ଲା ବ୍ଲକ ପ୍ରଶାସନ ଓ ସାମାଜିକ ସମୀକ୍ଷା ଦଳର ମିଳିତ ଆନୁକୂଲ୍ୟରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) ଏବଂ ସମଗ୍ର ଶିକ୍ଷା ଯୋଜନାର ଏକ ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଶ୍ରମିକ, ହିତାଧିକାରୀ, ଅଭିଭାବକ, ଜନପ୍ରତିନିଧି ତଥା ସାଧାରଣ ଲୋକେ ବହୁ ସଂଖ୍ୟାରେ ଉପସ୍ଥିତ ରହି ନିଜର ମତାମତ ଓ ସମସ୍ୟା ଉପସ୍ଥାପନ କରିଥିଲେ ।

## ବାଗଦେବୀ କଳାମନ୍ଦିରର ବାର୍ଷିକ ପରୀକ୍ଷା



**କେନ୍ଦ୍ରାପଡ଼ା,:**କେନ୍ଦ୍ରାପଡ଼ା ସହର ଉପକଣ୍ଠ ଭରତପୁର ସ୍ଥିତ ଜିଲ୍ଲାର ପୁରାତନ ସାଂସ୍କୃତିକ ଅନୁଷ୍ଠାନ ବାଗଦେବୀ କଳାମନ୍ଦିରର ଛାତ୍ରଛାତ୍ରୀ ମାନେ ରାଜ୍ୟ ସଂସ୍କୃତି ବିଭାଗ ଏବଂ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ପରିଚାଳିତ ପରୀକ୍ଷାରେ ଅଂଶଗ୍ରହଣ କରି ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି । ଓଡ଼ିଶୀ ସଙ୍ଗୀତ, ଓଡ଼ିଶୀ ନୃତ୍ୟ ଓ ବାଦ୍ୟ ବିଭାଗର ସମୁଦାୟ ୧୨୫ ଜଣ ପରୀକ୍ଷାର୍ଥୀ ଏଥିରେ ଅଂଶ ଗ୍ରହଣ କରିଥିଲେ । ସଙ୍ଗୀତ ନିର୍ଦ୍ଦେଶକ ତଥା ସଙ୍ଗୀତଗୁରୁ ସତ୍ୟପ୍ରିୟ ଦାସ, ମୁଖ୍ୟ ପରିଚାଳକ ଓ ସଙ୍ଗୀତ ମହାବିଦ୍ୟାଳୟର ମର୍ଦ୍ଦଳଗୁରୁ ଜଗନ୍ନାଥ ମିଶ୍ର ମୁଖ୍ୟ ପରୀକ୍ଷକ, ଓଡ଼ିଶୀ ନୃତ୍ୟଗୁରୁ ସଂଗୀତା ଦାସ ପରୀକ୍ଷକ ଭାବେ ଏଥିରେ ଅଂଶ ଗ୍ରହଣ କରି ସୁଚାରୁ ରୂପେ ପରୀକ୍ଷା ପରିଚାଳନା କରିଥିଲେ । ପ୍ରକାଶ ଥାଉ କି ଉକ୍ତ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନେ ଆକାଶ ବାଣୀ, ଦୂରଦର୍ଶନ ତଥା ରାଜ୍ୟର ଅନେକ ମ□ ଏବଂ ରିଅଲିଟୀ ସୋରେ ନିଜର ଦକ୍ଷତା ପ୍ରତିପାଦନ କରି ଜିଲ୍ଲା ତଥା ରାଜ୍ୟରେ ପ୍ରତିଷ୍ଠା ଲାଭ କରିପାରିଛନ୍ତି ।

## ଦ୍ୱିତୀୟ ପର୍ଯ୍ୟାୟରେ ଡିଏଭି ପବ୍ଲିକ ସ୍କୁଲର ବନ୍ୟା ସହାୟତା



**କେନ୍ଦ୍ରାପଡ଼ା,:**ବନ୍ୟା ବିପନ୍ନଙ୍କ ନିକଟରେ ସହାୟତା ପହଞ୍ଚାଇବା ଉଦ୍ଦେଶ୍ୟରେ ଡିଏଭି ପବ୍ଲିକ୍ ସ୍କୁଲ, କେନ୍ଦ୍ରାପଡ଼ା ପକ୍ଷରୁ ପଟ୍ଟାମୁଣ୍ଡାଇ ବ୍ଲକର ତରଡିପାଳ ଗ୍ରାମପଞ୍ଚାୟତ ଓ ପେଣ୍ଠପାଳ ଗ୍ରାମପଞ୍ଚାୟତର ବନ୍ୟା ପ୍ଲାବିତ ଅଞ୍ଚଳରେ ଦ୍ୱିତୀୟ ପର୍ଯ୍ୟାୟର ବନ୍ୟା ସହାୟତା ଅଭିଯାନ ଚାଲିଛି । ବନ୍ୟା ପାଣି ଘେରି ରହିଥିବା ଅଞ୍ଚଳରେ ସେବାଦଳ ଡଙ୍ଗା ଯୋଗେ ଘରକୁ ଘର ବୁଲି ବିପନ୍ନ ପରିବାରଙ୍କ ନିକଟରେ ସହାୟତା ପହଞ୍ଚାଇଥିଲେ । ଏହି ସମୟରେ ଶୁଖିଲା ଖାଦ୍ୟ, ପିଇବା ପାଣି ଓ ଆବଶ୍ୟକ ଔଷଧ ବଣ୍ଟନ କରାଯାଇଥିଲା ।ଏହି ମାନବିକ ସେବା ଅଭିଯାନରେ ବରିଷ୍ଠ ସମାଜସେବୀ ମହମ୍ମଦ ଜାହିଦ ଖାନ ଓ ପ୍ରେମାନନ୍ଦ ବିଶ୍ୱାଳ ଯୋଗଦେଇ ବନ୍ୟା ବିପନ୍ନଙ୍କୁ ସହାୟତା ପହଞ୍ଚାଇବାରେ ସହଯୋଗ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଏହି ରିଲିଫ୍ ଅଭିଯାନ ପରିଚାଳିତ ହୋଇଥିଲା ।

# ବନ୍ୟାଞ୍ଚଳ ପରିଦର୍ଶନ କଲେ ଅତିରିକ୍ତ ଏସଆରସି



ଆଳି, (ମହାଭାରତ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଅଞ୍ଚଳରେ ପ୍ରବାହିତ ବ୍ରାହ୍ମଣୀ,ଖରସ୍ରୋତା ଓ ଶାଖା କାଣୀ ନଦୀରେ ପ୍ରବଳ ବନ୍ୟା ଆସିବା ଯୋଗୁଁ ବ୍ଲକର ୨୩ ଟି ପଞ୍ଚାୟତର ୪୭ ଟି ଗ୍ରାମର ୮୦ ହଜାର ଲୋକ ଏବେ ପାଣିଘେରରେ ରହିଛନ୍ତି । ବନ୍ୟାଜଳ ହ୍ରାସ ପାଉ ନଥିବାରୁ ବନ୍ୟା ବିପନ୍ନ ମାନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି । ପାଣି ଘେରରେ ରହି ଲୋକମାନେ କଲବଲ ହେଉଥିବା ବେଳେ ଜନଜୀବନ ସମ୍ପୂର୍ଣ୍ଣ ଭାବେ ଅସ୍ତବ୍ୟସ୍ତ ହୋଇ ପଡିଛି । ବନ୍ୟାପାଣି ଘେରରେ ଥିବା ହଜାର ହଜାର କଚାଘରେ ପାଣି ପଶି ଯାଇଥିବା ବେଳେ ଅନେକ ଘର ଭୁଶୁଡି ପଡିଛି । ବନ୍ୟା ବିପନ୍ନ ମାନଙ୍କ ନିକଟରେ ବନ୍ୟା ପୂର୍ବରୁ ଥିବା ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଶେଷ ହୋଇ ଯାଇଥିବା ବେଳେ ସେମାନେ ତାହା ସଂଗ୍ରହ କରିପାରୁ ନାହାଁନ୍ତି । ଯାହାଫଳରେ ଭୋକ ଉପାସରେ ଶୁଖିଲା ଖାଦ୍ୟ ଖାଇ ଦିନ ରାତି ପଡି ରହିଛନ୍ତି । ବନ୍ୟା ବିପନ୍ନ ମାନଙ୍କ ନିକଟରେ ସରପଞ୍ଚ ମାନେ ନିଜସ୍ୱ ଉଦ୍ୟମରେ କିଛି ସହାୟତା ଦେଉଥିବା ବେଳେ ବିଭିନ୍ନ ସ୍ୱେଚ୍ଛାସେବୀ ଆନୁଷ୍ଠାନ ସହାୟତା ଯୋଗାଇ ଦେଉଛି । କିନ୍ତୁ ପ୍ରଶାସନ ପକ୍ଷରୁ ଆଜି ପର୍ଯ୍ୟନ୍ତ ଅନେକ ସ୍ଥାନରେ ଠିକ ଭାବେ ରିଲିଫ ସାମଗ୍ରୀ ପହଞ୍ଚି ପାରିନି । ଯାହାକୁ ନେଇ ବିଭିନ୍ନ ସ୍ଥାନରେ ଅସନ୍ତୋଷ ଦେଖା ଦେଉଥିବା ବେଳେ ଏହାକୁ କିନ୍ତୁ ତର୍ଜମା କରାଯାଉନଥିବା ଜଣାପଡିଛି । ଗୁରୁବାର ଅପରାହ୍ନରେ ଅତିରିକ୍ତ ସ୍ୱକ୍ସମ ସୁଭାସ ନାଥ ଶର୍ମା ଆଳି ବ୍ଲକର ବ୍ରାହ୍ମଣୀ ନଦୀ କୂଳରେ ଥିବା ମାଣିକପାଟଣା ପଞ୍ଚାୟତରେ ପହଞ୍ଚି ସେଠାରେ ବନ୍ୟାର ସ୍ଥିତି, ରିଲିଫ ବଣ୍ଟନ, ସ୍ଥାନାନ୍ତର ବ୍ୟବସ୍ଥା ସମ୍ପର୍କରେ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ । ବନ୍ୟା ବିପନ୍ନ ମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ, ଗୋଖାଦ୍ୟ ଠିକ ଭାବେ ମିଳିଛି କି ନାହିଁ ପଚାରି ବାରୁ ସେଠାରେ ମୁଣ୍ଡ ପିଛା ୩୪୦ ଗ୍ରାମ ଚୁଡା କୁ ଅଢେଇ କେଜି ଗୋଖାଦ୍ୟ ମିଳିଥିବା ନେଇ ଲୋକ ମାନେ ଏସ ଆର ସି ଙ୍କ ନିକଟରେ ଅଭିଯୋଗ କରିଥିଲେ । ଏସ ଆର ସି ଖୁବଶୀଘ୍ର ଆଉଥରେ ରିଲିଫ ଆସିବ ଓ ସାଧାରଣ ଲୋକଙ୍କୁ ଯୋଗାଇ ଦିଆଯିବ ବୋଲି କହିଥିଲେ । ପ୍ରଶାସନ ପକ୍ଷରୁ ଅଧିକ ସହାୟତାର ଆବଶ୍ୟକତା ଦେଖାଦେଇଛି ବୋଲି ଅଞ୍ଚଳବାସୀ ଦାବି କରିଥିଲେ । ଏହି ସମୟରେ ଗ୍ରାମର ବିଦ୍ୟାଧର ବିଶ୍ୱାଳ, ସଞ୍ଜୟ ବିଶ୍ୱାଳଙ୍କୁ ତହସିଲ ପକ୍ଷରୁ ଜରିପାଲ ଯୋଗାଇ ଦିଆ ଯାଇଥିଲାକ୍ଷ ଅତିରିକ୍ତ ସ୍ୱକ୍ସମ ଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଆଳି ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠୀ, ତହସିଲଦାର ସୁମନ ଘୋଷ ଉପସ୍ଥିତ ଥିଲେ ।

## ମାଲକାନଗିରିରେ ୫୦ ଜଣ ସମ୍ବଳ ଶିକ୍ଷକଙ୍କ ଦିନିକିଆ କର୍ମଶାଳା

ମାଲକାନଗିର(ମହାଭାରତ): ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ମାଲକାନଗିରି ଦ୍ୱାରା ଆୟୋଜିତ ଦିନିକିଆ ଜିଲ୍ଲାସ୍ତରୀୟ କର୍ମଶାଳା ଆଜି ପିଏମ୍ଶ୍ରୀ ନୋଡାଲ୍ ଉଚ୍ଚ ବିଦ୍ୟାଳୟ, ମାଲକାନଗିରି ଠାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ଯୋଗଦେଇ କର୍ମଶାଳାକୁ ଉଦ୍ ?ଘାଟନ କରିଥିଲେ । ସମ୍ବୋଧନ ପ୍ରସଙ୍ଗରେ ସେ କହିଥିଲେ ଯେ ଗୁଣାତ୍ମକ ଶିକ୍ଷାଦାନ ଏବଂ ସହ-ପାଠ୍ୟକ୍ରମ କାର୍ଯ୍ୟକ୍ରମର ସଫଳ ରୂପାୟନରେ ସମ୍ବଳ ଶିକ୍ଷକମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କ୍ଷେତ୍ର ସ୍ତରରେ ଶିକ୍ଷାର ମାନବୃଦ୍ଧି ପାଇଁ ଶିକ୍ଷକମାନେ ନିଷ୍ଠାର ସହ ଅଗ୍ରଣୀ ଭୂମିକା ଗ୍ରହଣ କରିବା ଆବଶ୍ୟକ ।ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାଗୀରଥି ବେହେରା, କାଳିମେଳା ବ୍ଲକ୍ ଶିକ୍ଷା ଅଧିକାରୀ ରମେଶ ବାରୋଇ ଏବଂ ମାଲକାନଗିରି ବ୍ଲକ୍ ଶିକ୍ଷା ଅଧିକାରୀ ମମତା ସୋୟ ଉପସ୍ଥିତ ଥିଲେ । ଏହି କର୍ମଶାଳାରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଚୟନିତ ୫୦ ଜଣ ସମ୍ବଳ ଶିକ୍ଷକ, ନୋଡାଲ୍ ପ୍ରଧାନ ଶିକ୍ଷକ, କ୍ଲଷ୍ଟର ସାଧନ କେନ୍ଦ୍ର ସଂଯୋଜକ ଏବଂ ପ୍ରାଥମିକ ଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ ।ଚଳିତ ଶିକ୍ଷାବର୍ଷରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ଜିଲ୍ଲା, ବ୍ଲକ୍ ଓ କ୍ଲଷ୍ଟର ସ୍ତରୀୟ କାର୍ଯ୍ୟକ୍ରମ — ଯଥା ସୁରଭି, ଶିକ୍ଷଣ ଶିକ୍ଷା ସାମଗ୍ରୀ ମେଳା, ପିଏମ୍ଶ୍ରୀ ଉତ୍ସବ, ଦଶମ ଶ୍ରେଣୀ ପାଇଁ ଆଶ୍ୱାସୟାର, କାନ୍ଥ ପତ୍ରିକା, ଜ୍ଞାନ କାନ୍ଥ, ସ୍କାଉଟ୍ ଓ ଗାଇଡ୍, କ୍ରୀଡ଼ା ଏବଂ ବିଜ୍ଞାନ ପ୍ରଦର୍ଶନୀ ସମ୍ପର୍କରେ ସମ୍ବଳ ଶିକ୍ଷକମାନଙ୍କୁ ପୁଙ୍ଖାନୁପୁଙ୍ଖ ସୂଚନା ଓ ତାଲିମ ପ୍ରଦାନ କରାଯାଇଥିଲା । ବ୍ଲକ୍ ଓ କ୍ଲଷ୍ଟର ସ୍ତରରେ ଏହି କାର୍ଯ୍ୟକ୍ରମଗୁଡ଼ିକୁ ସୁଚାରୁ ରୂପେ ଆୟୋଜନ ଓ ପରିଚାଳନା କରିବା ପାଇଁ ସମ୍ବଳ ଶିକ୍ଷକମାନଙ୍କୁ ସକ୍ଷମ କରିବା ଏହି କର୍ମଶାଳାର ମୁଖ୍ୟ ଲକ୍ଷ୍ୟ ଥିଲା ।ଶେଷରେ ମୁଖ୍ୟ ଅତିଥି ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପାଣିଗ୍ରାହୀ ସମସ୍ତ ଅଂଶଗ୍ରହଣକାରୀ ଓ ଆୟୋଜକ ଦଳଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପାଡେଲଗୁଡ଼ା ଅଙ୍ଗନୱାଡ଼ି କେନ୍ଦ୍ରର ଶୋଚନୀୟ ଅବସ୍ଥା



ଥୁଆମୂଳ ରାମପୁର, (ମହାଭାରତ) : କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଗୋପାଳପୁର ଗ୍ରାମ ପଞ୍ଚାୟତ ଅଧୀନସ୍ଥ ପାଡେଲଗୁଡ଼ା ଅଙ୍ଗନୱାଡ଼ି କେନ୍ଦ୍ରର ଅବସ୍ଥା ଅତି ଶୋଚନୀୟ ହୋଇ ପଡିଥିବା ଯୋଗୁଁ କୋମଳମତି ଶିଶୁ ଓ ଗର୍ଭବତୀ ମାଁ ମାନେ ଏହି ବିପଦପୂର୍ଣ୍ଣ କେନ୍ଦ୍ରକୁ ଆସିବାକୁ ଭୟ କରୁଛନ୍ତି । କେନ୍ଦ୍ରର ମୁଖ୍ୟ ସମସ୍ୟା ହେଲା ସାମାନ୍ୟ ବର୍ଷା ହେଲେ ଅଙ୍ଗନୱାଡି କେନ୍ଦ୍ର ଛାତରୁ ପାଣି ଝରୁଛି, ଯାହା ଦ୍ୱାରା କୋଠରୀ ଭିତରେ ପାଣି ଜମି ରହୁଛି । ଫଳରେ କୋଠରୀର କାନ୍ଥ ଓ ଛାତ ଦୁର୍ବଳ ହୋଇପଡ଼ିଛି । ଯଦ୍ୱାରା କେନ୍ଦ୍ରଟି ବିପଦପୂର୍ଣ୍ଣ ଓ ଅସୁରକ୍ଷିତ ହୋଇପଡ଼ିଛି । ଛାତରୁ ପାଣି ନ ଝରିବା ପାଇଁ କେନ୍ଦ୍ରକୁ ପଲିଥିନ୍ ଢ଼ାଙ୍କି ଥିବା ରଖିଥିବା ଦେଖିବାକୁ ମିଳିଛି । ପାଣି ଝରିବା ଯୋଗୁଁ ଶିଶୁମାନଙ୍କ ବସିବା, ପାଠପଢ଼ିବା ଏବଂ ରନ୍ଧା ଖାଦ୍ୟ ନିରାପଦରେ ରଖିବାରେ ନାହିଁ ନଥିବା ସମସ୍ୟା ହେଉଛି । ଅଙ୍ଗନୱାଡି କର୍ମୀ ଶ୍ରୀମତି ସ୍ମୃତିରେଖା ମାଝୀ ଏହି ବିଷୟରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିବା ସତ୍ତ୍ୱେ ପ୍ରଶାସନ ଓ ବିଭାଗ ପକ୍ଷରୁ କୌଣସି ପ୍ରକାର ପଦକ୍ଷେପ ନେଇ ନ ଥିବା ସେ ପ୍ରକାଶ କରିଛନ୍ତି । ଗ୍ରାମବାସୀ ଏହାର ତୁରନ୍ତ ମରାମତି କିମ୍ବା ନୂତନ କୋଠରି ନିର୍ମାଣ ପାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

## ମନରେଗା ଓ ସମଗ୍ର ଶିକ୍ଷା ଯୋଜନା ସମ୍ପର୍କିତ ବ୍ଲକ୍ ସ୍ତରୀୟ ଜନ ଶୁଣାଣୀ



ନୂଆଗାଁ (ମହାଭାରତ ) : ନୂଆଗାଁ ବ୍ଲକ୍ ସଭା ଗୃହରେ ବୁଧବାର ଦିନ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଶିକ୍ଷା ବିଭାଗ ର ସମଗ୍ର ଶିକ୍ଷା ଯୋଜନା ଅନ୍ତର୍ଗତ ବ୍ଲକ ସ୍ତରୀୟ ଜନ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ଲଗ୍ନଜିତ ରାଉତ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ଲକ୍ଷ୍ମୀପ୍ରିୟା ବେହେରା,ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ,ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼. ଅମୃତ କୁମାର ରାଉଳ,ସହକାରୀ ଯନ୍ତ୍ରୀ ଦିଲ୍ଲୀପ କୁମାର ବେହେରା, ଏପିଓ ଅମରେନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସିନ ଥିଲେ । ମନରେଗା ଯୋଜନାରେ ୨୦୨୫-୨୬ ଆର୍ଥିକ ବର୍ଷର ୧ ଅକ୍ଟୋବର ୨୦୨୫ ଠାରୁ ୩୧ ମାର୍ଚ୍ଚ ୨୦୨୬ ମଧ୍ୟରେ ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପ ଏବଂ ସମଗ୍ର ଶିକ୍ଷା ଯୋଜନାର କାର୍ଯ୍ୟ କାରିତା ଉପରେ ପଞ୍ଚାୟତ ଏବଂ ବିଦ୍ୟାଳୟ ସ୍ତରରେ ସାମାଜିକ ସମୀକ୍ଷା ଅନୁଷ୍ଠିତ ହୋଇଥିଲା ।ସେହି ସାମାଜିକ ସମୀକ୍ଷାର ତଥ୍ୟ ଓ ରିପୋର୍ଟ ଉପରେ ଏହି ବ୍ଲକ୍ ସ୍ତରୀୟ ଜନ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ନୂଆଗାଁ ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼. ଅମୃତ କୁମାର ରାଉଳ ମନରେଗା ଯୋଜନାର କାର୍ଯ୍ୟ କାରିତା ସମ୍ପର୍କରେ କହିବା ସହ ଏହି ଯୋଜନାରେ ସ୍ୱଚ୍ଛତା ଓ ଉତ୍ତର ଦାୟିତ୍ୱ ରଖିବା ପାଇଁ ସାମାଜିକ ସମୀକ୍ଷା ଓ ଜନ ଶୁଣାଣୀର ଆବଶ୍ୟକତା ଥିବା କହିଥିଲେ ।

## ଶ୍ରମିକଙ୍କ ସରକାରୀ ସୁବିଧା ନେଇ ସଚେତନତା କାର୍ଯ୍ୟକ୍ରମ

ଥୁଆମୂଳ ରାମପୁର, (ମହାଭାରତ) : କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଜେ.ଏମ୍.ଏଫ୍.ସି ପରିସରରେ ଅଞ୍ଚଳର ଶ୍ରମିକ ସଂଗଠନକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ତଥା ଜେ.ଏମ୍.ଏଫ୍.ସି ଡକ୍ଟର ତାରିଣୀ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ହୋଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ବ୍ଲକ ଶ୍ରମ ଅଧିକାରୀ ସତ୍ୟବ୍ରତ ଧଳ ଓ ତାଙ୍କ ସହଯୋଗୀମାନେ ଯୋଗଦେଇ ଶ୍ରମିକମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ଉପଲବ୍ଧ ବିଭିନ୍ନ ସୁବିଧା ଓ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନ କରିଥିଲେ । ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ମିଳୁଥିବା ବିଭିନ୍ନ ସୁବିଧା ପାଇବା ପାଇଁ ଶ୍ରମିକମାନଙ୍କର ଶ୍ରମ ବିଭାଗରେ ନାମ ପଞ୍ଜିକରଣ ଜରୁରୀ ବୋଲି ଅଧିକାରୀମାନେ କହିଥିଲେ । ସଂଗଠିତ ଓ ଅଣସଂଗଠିତ ଶ୍ରମିକଙ୍କ ପାଇଁ ସରକାର ବିଭିନ୍ନ କଲ୍ୟାଣମୂଳକ ଯୋଜନା କରିଥିବା ସୂଚନା ଦିଆଯାଇଥିଲା । ସଂଗଠିତ ଶ୍ରମିକଙ୍କ ପାଇଁ ଷଷ୍ଠ ଶ୍ରେଣୀରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ଶିକ୍ଷା ସହାୟତା ଭାବେ ୨ ହଜାରରୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ସହାୟତା, ସ୍ୱାଭାବିକ ମୃତ୍ୟୁରେ ୩ ଲକ୍ଷ ଓ ଦୁର୍ଘଟଣାଜନିତ ମୃତ୍ୟୁରେ ୬ ଲକ୍ଷ ଟଙ୍କା, ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ୫ ହଜାର ଟଙ୍କା, କନ୍ୟା ବିବାହ ପାଇଁ ୫୦ ହଜାର ଟଙ୍କା ଏବଂ ପ୍ରସୂତିକାଳୀନ ସହାୟତା ଭାବେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ସହାୟତାର ପ୍ରାବଧାନ ଥିବା କୁହାଯାଇଥିଲା । ସେହିପରି ଅଣସଂଗଠିତ ଶ୍ରମିକଙ୍କ ପାଇଁ ଦୁର୍ଘଟଣାଜନିତ ମୃତ୍ୟୁରେ ୪ ଲକ୍ଷ ଟଙ୍କା, ସ୍ୱାଭାବିକ ମୃତ୍ୟୁରେ ୨ ଲକ୍ଷ ଟଙ୍କା, ଦୁର୍ଘଟଣାଜନିତ ସମ୍ପୂର୍ଣ୍ଣ ଅକ୍ଷମତାରେ ୧ ଲକ୍ଷ ୫୦ ହଜାର ଟଙ୍କା, ଦୁଇଟି ଅଙ୍ଗର ଆଂଶିକ ଅକ୍ଷମତାରେ ୮୦ ହଜାର ଟଙ୍କା ଏବଂ ଗୋଟିଏ ଅଙ୍ଗର ଅକ୍ଷମତାରେ ୪୦ ହଜାର ଟଙ୍କା ସହାୟତାର ବ୍ୟବସ୍ଥା ରହିଥିବା ଅଧିକାରୀ ସୂଚନା ଦେଇଥିଲେ । ପ୍ରାୟ ୬୦ ପ୍ରକାର ବିଭିନ୍ନ କ୍ଷେତ୍ରରେ କାମ କରୁଥିବା ୧୮ରୁ ୬୦ ବର୍ଷ ବୟସର ଶ୍ରମିକମାନେ ଏହି ସୁବିଧା ପାଇବା ପାଇଁ ଆବଶ୍ୟକ କାଗଜପତ୍ର ଆଧାରରେ ଶ୍ରମ ବିଭାଗରେ ପଞ୍ଜିକରଣ କରିବା ଆବଶ୍ୟକ ବୋଲି କୁହାଯାଇଥିଲା । ଏଥିସହ ଜିଲ୍ଲା କିମ୍ବା ଅନ୍ୟ ରାଜ୍ୟକୁ କାମ ପାଇଁ ଯିବା ପୂର୍ବରୁ ଶ୍ରମ ବିଭାଗକୁ ନିଜ ସମ୍ପର୍କିତ ସଠିକ୍ ତଥ୍ୟ ପ୍ରଦାନ କରିବାକୁ ଶ୍ରମିକମାନଙ୍କୁ ପରାମର୍ଶ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ କର୍ତ୍ତବ୍ୟ ଅନୁଷ୍ଠାନର ସଂଯୋଜକ ସୁଦର୍ଶନ ନାଏକ ଉପସ୍ଥିତ ରହି ଶ୍ରମିକମାନଙ୍କୁ ସଚେତନ କରିବା ଦିଗରେ ଅନୁଷ୍ଠାନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ମତ ପ୍ରକାଶ କରିଥିଲେ । ଜେ.ଏମ୍.ଏଫ୍.ସିର ବରିଷ୍ଠ କିରାଣୀ ଅଶୋକ କୁମାର ସାହୁ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ।

## ରାସ୍ତାରେ ପଡ଼ିଥିବା ଗୁରୁତର ଆହତ ବ୍ୟକ୍ତିଙ୍କୁ ମେଡିକାଲ ପହଞ୍ଚାଇଲେ ଜିଲ୍ଲାପାଳ

**ମାଲକାନଗିରି,(ମହାଭାରତ)**



ଦୁର୍ଘଟଣାରେ ଆହତ ହୋଇ ରାସ୍ତା ଉପରେ ପଡ଼ିଥିବା ଗୁରୁତର ବ୍ୟକ୍ତିଙ୍କୁ ନିଜ ଗାଡ଼ିରେ ମେଡିକାଲ ପହଞ୍ଚାଇଲେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ । ଘଟଣା ଅନୁଯାୟୀ ଆଜି ସନ୍ଧ୍ୟାରେ ମାଲକାନଗିରି ଠାରୁ କୋରୁକୋଣ୍ଡା ରାସ୍ତାରେ ଜଣେ ମଟର ଚାଳକଙ୍କୁ ଏକ ପିକ ଅପ୍ ଭ୍ୟାନ୍ ଧକ୍କା ଦେବାରୁ ଗଣେଶ ନାୟକ ନାମକ ବ୍ୟକ୍ତି ଜଣକ ଗୁରୁତର ଅବସ୍ଥାରେ ରାସ୍ତାକଡ଼ରେ ପଡ଼ିଥିଲେ । କିଛି ସ୍ଥାନୀୟ ଲୋକ ତୁରନ୍ତ ଆମ୍ବୁଲାନ୍ସକୁ ଫୋନ କରିଥିଲେ । କିନ୍ତୁ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେଉଥିଲା ।ଏହି ସମୟରେ ଜିଲ୍ଲାପାଳ ଚିତ୍ରକୋଣ୍ଡାରୁ ଫେରୁଥିଲେ । ଘଟଣାସ୍ଥଳରେ ଭିଡ଼ ଦେଖି ସେଠାରେ ଅଟକି ଥିଲେ ଏବଂ ଆହତ ଗଣେଶଙ୍କୁ ନିଜ ଗାଡ଼ିରେ ତୁରନ୍ତ ମେଡିକାଲ ନେଇଥିଲେ । ଏହା ପୂର୍ବରୁ ସେ ମେଡିକାଲ ଟିମକୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ । ଗୁରୁତର ଗଣେଶଙ୍କୁ ତୁରନ୍ତ ମେଡିକାଲ ଟିମ୍ ଚିକିତ୍ସା ଆରମ୍ଭ କରିଥିଲେ । ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଆବିଦ୍ ହୁସେନଙ୍କ କହିବା ଅନୁଯାୟୀ ଆହତ ଗଣେଶଙ୍କ ପ୍ରବଳ ରକ୍ତ ବୋହିଯାଉଛି । ଚିକିତ୍ସା ଚାଲିଛି, କିନ୍ତୁ ସେ ଏବେ ବି ବିପଦ ମୁକ୍ତ ନୁହନ୍ତି ।ମାଲକାନଗିରି ଆରକ୍ଷୀ ଅଧୀକ୍ଷକ ବିନୋଦ ବିନୋଦ ପାଟିଲ ମଧ୍ୟ ଉପସ୍ଥିତ ଥିଲେ । ଜିଲ୍ଲାପାଳଙ୍କ ଏଭଳି ମାନବିକତା ତତ୍ପରତାକୁ ନେଇ ସାଧାରଣରେ ପ୍ରଶଂସା କରାଯାଇଛି ।

### ରେଙ୍ଗାଲି ପୁଲିସର ବଡ଼ ସଫଳତା

# ୧୩ ଚୋରି ବାଇକ୍ ଉଦ୍ଧାର, ୫ ଅଭିଯୁକ୍ତ ଗିରଫ



**ସମ୍ବଲପୁର:** ସମ୍ବଲପୁର ଜିଲ୍ଲାରେ ଚାଲିଥିବା ଦୁଇଚକିଆ ଯାନ ଚୋରି ନେଟୱର୍କ ବିରୋଧରେ ରେଙ୍ଗାଲି ପୁଲିସକୁ ବଡ଼ ସଫଳତା ମିଳିଛି । ରାତ୍ରି ପାଟ୍ରୋଲିଂ ସମୟରେ ସନ୍ଦେହଜନକ ଭାବେ ଦୁଇଟି ଚୋରି ବାଇକ୍ ସହ ତିନିଜଣଙ୍କୁ ଧରିବା ପରେ ତଦନ୍ତ ଆଗକୁ ବଢ଼ାଇ ପୁଲିସ ବିଭିନ୍ନ ସ୍ଥାନରୁ ମୋଟ ୧୩ଟି ଚୋରି ଦୁଇଚକିଆ ଯାନ ଉଦ୍ଧାର କରିଛି ।ରେଙ୍ଗାଲି ପୁଲିସ ରାତ୍ରି ପାଟ୍ରୋଲିଂ ସମୟରେ ନୀରନ ସୁନା (୨୩), ରାଜୁ ନାଗ (୨୬) ଓ ପ୍ରମୋଦ ତାଣ୍ଡିଆ (୩୦)ଙ୍କୁ ଦୁଇଟି ସନ୍ଦେହଜନକ ଚୋରି ବାଇକ୍ ସହ ଅଟକ ରଖିଥିଲା । ତେବେ ସେମାନଙ୍କ ସହଯୋଗୀ ଅଜୟ କୁମ୍ଭାର ଘଟଣାସ୍ଥଳରୁ ଖସି ପଳାଇଥିଲା । ଯାନଗୁଡ଼ିକର ଯାଞ୍ଚ ପରେ ଏହା ରେଙ୍ଗାଲି ଥାନାରେ ରୁଜୁ ହୋଇଥିବା ଯାନ ଚୋରି ମାମଲା ସହ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା ।ପୁଲିସର ପଚରାଉଚରା ଓ ପରବର୍ତ୍ତୀ ତଦନ୍ତରୁ ଅଭିଯୁକ୍ତମାନେ ସମ୍ବଲପୁର ଅଞ୍ଚଳରେ ଘଟିଥିବା ଏକାଧିକ ଦୁଇଚକିଆ ଯାନ ଚୋରିରେ ସମ୍ପୃକ୍ତ ଥିବା ତଥ୍ୟ ସାମ୍ନାକୁ ଆସିଥିଲା । ଏହା ଆଧାରରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପୁଲିସ ୧୩ଟି ଚୋରି ବାଇକ୍ ଉଦ୍ଧାର କରିଛି ।ତେବେ ଏହି ଯାନ ଚୋରି ନେଟୱର୍କରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ଏବଂ ଆହୁରି କେତେ ଚୋରି ଯାନ ଉଦ୍ଧାର ହୋଇପାରିବ, ସେନେଇ ପୁଲିସର ତଦନ୍ତ ଜାରି ରହିଛି ।

## ସନ୍ତାନଙ୍କୁ ସମ୍ପତ୍ତିରୁ ବେଦଖଲ କରିପାରିବେ ମାତାପିତା



ନୂଆଦିଲ୍ଲୀ, ୨୦/୦୮ : ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଣି କରିଛନ୍ତି । ବୟସ ବଢିବାର ଅର୍ଥ ନୁହେଁ ଯେ, ଅପମାନ ହେବା । ପ୍ରତ୍ୟେକ ବ୍ୟକ୍ତିଙ୍କୁ ଜୀବନ ସାରା ସମ୍ମାନର ସହ ବଞ୍ଚିବାର ଅଧିକାର ରହିଛି । ଯଦି ବାପା-ମାଙ୍କ ସୁରକ୍ଷାରେ କିମ୍ବା ଭରଣପୋଷଣରେ କୌଣସି ସମସ୍ୟା ହୁଏ ତେବେ ସମ୍ପତ୍ତି ସନ୍ତାନମାନଙ୍କୁ ସେମାନଙ୍କ ସମ୍ପତ୍ତିରୁ ବାହାର କରିପାରିବେ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି । ଏନେଇ ଟ୍ରାଇବ୍ୟୁନାଲ ମଧ୍ୟ ନିର୍ଦ୍ଦେଶ ଦେଇପାରିବେ । ରବିକାନ୍ତ ଗୁପ୍ତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନର ଶୁଣାଣି କରି ଖଣ୍ଡପୀଠ ଏହି ନିଷ୍ପତ୍ତି ନେଇଛନ୍ତି । ଆବେଦନକାରୀ ହାଇକୋର୍ଟଙ୍କ ରାୟ ବିରୋଧରେ ଆବେଦନ କରିଥିଲେ । ଏଥିରେ ପୁଅ ଓ ବୋହୂଙ୍କୁ ଘରୁ ବାହାର କରିବା ନେଇ ଏସଡିଏମ ଓ ଜିଲା ମାଜିଷ୍ଟ୍ରେଟ ଦେଇଥିବା ନିର୍ଦ୍ଦେଶକୁ ଖାରଜ କରିଦିଆଯାଇଥିଲା ।

ସୂଚନା ଅନୁଯାୟୀ, ମାଆଙ୍କୁ ଘରେ ରହିବାକୁ ପୁଅ ଦେଇ ନ ଥିଲେ । ଏଥିପାଇଁ ଘରେ ଅଶାନ୍ତି ସୃଷ୍ଟି କରିଥିଲା । ପୁଅର ବ୍ୟବହାରରେ ଅତିଷ୍ଠ ହୋଇ ରବିଙ୍କ ୮୧ ବର୍ଷୀୟ ମାଆଙ୍କୁ ବୃଦ୍ଧାଶ୍ରମରେ ରହିବାକୁ ପଡ଼ିଥିଲା । ଏସଡିଏମ ଓ ଜିଲ୍ଲା ମାଜିଷ୍ଟ୍ରେଟ ପୁଅବୋହୂଙ୍କୁ ସମ୍ପତ୍ତିରୁ ବେଦଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ପରେ ହାଇକୋର୍ଟ ଏହାକୁ ରଦ୍ଦ କରିଦେଇଥିଲେ । 'ଅଭିଭାବକ ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଏବଂ କଲ୍ୟାଣ ଆଇନ-୨୦୦୭'ରେ ପୁଅକୁ ବେଦଖଲ କରିବାର ନିୟମ ନଥିବା କହିଥିଲେ । ପରେ ଏହି ମାମଲା ସର୍ବୋଚ୍ଚ ନ୍ୟାୟାଳୟରେ ପହଞ୍ଚି ଥିଲା । ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ କହିଥିଲେ ଯେ, ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଓ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଟ୍ରାଇବ୍ୟୁନାଲ ବେଦଖଲ ନିର୍ଦ୍ଦେଶ ଦେଇପାରନ୍ତି । ତେବେ ସବୁ ବିବାଦରେ ପୁଅବୋହୂଙ୍କୁ ସମ୍ପତ୍ତିରୁ ବେଦଖଲ କରାଯାଇପାରିବ ନାହିଁ । ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ଭରଣପୋଷଣ ପାଇଁ ଜରୁରୀ ହେଲେ ଏପରି ପଦକ୍ଷେପ ନେଇ ହେବ। ଖଣ୍ଡପୀଠ କହିଥିଲେ ଯେ ୨୦୦୭ ଆଇନର ଧାରା ୭ ଅଧୀନରେ ଭରଣପୋଷଣ ଟ୍ରାଇବ୍ୟୁନାଲ ଗଠନ କରାଯାଇଛି । ଧାରା-୮ରେ କିଛି ମାମଲାରେ ଟ୍ରାଇବ୍ୟୁନାଲଙ୍କୁ ସିଭିଲ କୋର୍ଟ ଭଳି କ୍ଷମତା ପ୍ରଦାନ କରାଯାଇଛି । ସେହିପରି ଧାରା ୨୭ ସିଭିଲ କୋର୍ଟର ଅଧିକାରକୁ ସୀମିତ କରୁଛି । ଏଭଳି ସ୍ଥିତିରେ ଆଇନର ଉଦ୍ଦେଶ୍ୟ ପୂରଣ ପାଇଁ ଟ୍ରାଇବ୍ୟୁନାଲ ଜରୁରୀ ନିର୍ଦ୍ଦେଶ ଜାରି କରିପାରିବେ ।

## କ୍ୟାନସରକୁ ହରାଇବ ମଡେର୍ଣ୍ଣା ଟିକା




ନୂଆଦିଲ୍ଲୀ, ୨୦/୦୮ : କ୍ୟାନସରକୁ ହରାଇବ ମଡେର୍ଣ୍ଣା ଟିକା । ମଡେର୍ଣ୍ଣା ଏବଂ ମର୍କ କମ୍ପାନୀର କ୍ୟାନସର ଟିକା 'ଇନଟିସମେରାନ୍' ଏକ ଐତିହାସିକ ଶେଷ ପର୍ଯ୍ୟାୟ ବା ଫେଜ୍-୩ କ୍ଲିନିକାଲ୍ ପରୀକ୍ଷାରେ ସଫଳତା ପାଇଛି । ଏହି ବଡ଼ ସଫଳତା ଯୋଗୁଁ ବିଶ୍ୱର ପ୍ରଥମ ବ୍ୟକ୍ତିଗତ ମେସେଞ୍ଜର ଝଜଘଇ କ୍ୟାନସର୍ ଟିକା ସାଧାରଣ ଲୋକଙ୍କ ବ୍ୟବହାର ପାଇଁ ଅତି ନିକଟତର ହୋଇଛି । କ୍ୟାନସର୍ ଚିକିତ୍ସା କ୍ଷେତ୍ରରେ ଏହା ଏକ ବିରାଟ ପରିବର୍ତ୍ତନ । ସମସ୍ତଙ୍କ ପାଇଁ ସମାନ ଔଷଧ ବଦଳରେ, ଏହି ଚିକିତ୍ସା ରୋଗୀର ଶରୀର ହିସାବରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଏ । ଏହି ବଡ଼ ବିଶ୍ୱସ୍ତରୀୟ ପରୀକ୍ଷାରେ ୧,୧୩୭ ଜଣ ଉଚ୍ଚ-ଆଶଙ୍କା ଥିବା ରୋଗୀ ସାମିଲ ହୋଇଥିଲେ। ଯେଉଁମାନଙ୍କର ସାଙ୍ଘାତିକ ଚର୍ମ କ୍ୟାନସର୍ (ମେଲାନୋମା) ଅପରେସନ୍ ଦ୍ୱାରା ବାହାର କରାଯାଇଥିଲା । ରୋଗୀଙ୍କର ଗୋଟିଏ ଗ୍ରୁପ୍ କୁ କେବଳ ସାଧାରଣ ଇମ୍ୟୁନୋଥେରାପି ଔଷଧ 'କିଟ୍ରୁଡା'ଦିଆଯାଇଥିଲା । ଅନ୍ୟ ଗ୍ରୁପ୍ କୁ କିଟ୍ରୁଡା ସହିତ ମଡର୍ଣ୍ଣାର ଏହି ସ୍ୱତନ୍ତ୍ର କ୍ୟାନ୍ ସର୍ ଟିକାର ୯ଟି ଡୋଜ୍ ପର୍ଯ୍ୟନ୍ତ ଦିଆଯାଇଥିଲା । ଏହି ଦୁଇଟି ଔଷଧର ମିଶ୍ରଣ ଯୋଗୁଁ ରୋଗୀଙ୍କ ଶରୀରରେ କ୍ୟାନସର୍ ଫେରିବା ସମୟ ସୀମା ବଢ଼ିଥିଲା । ଏହାର ଅର୍ଥ କ୍ୟାନସର୍ ପୁଣିଥରେ ଫେରିବା ପ୍ରକ୍ରିୟା ବହୁତ କମିଲା ବା ବନ୍ଦ ହୋଇଗଲା । ଏହା ଶରୀରର ଅନ୍ୟ ଅଙ୍ଗକୁ କ୍ୟାନ୍ସର୍ ବ୍ୟାପିବାକୁ ମଧ୍ୟ ରୋକିବାରେ ସଫଳ ହେଲା । ଏହା ରୋଗ ଭଲ କରିବା ପାଇଁ ଏକ ଚିକିତ୍ସା ଟିକା ବା କ୍ୟାନସର୍ ନ ହେବା ପାଇଁ ପ୍ରତିଷେଧକ ଟିକା ନୁହେଁ । ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ପାଇଁ ଏକ ସ୍ୱତନ୍ତ୍ର "ଓ୍ୱାଣ୍ଟେଡ୍ ପୋଷ୍ଟର" ଭଳି କାମ କରେ । ଏହି ଟିକା ଶରୀରରେ ଦିଆଯିବା ପରେ, ଏହା ରୋଗୀର ରୋଗ ପ୍ରତିରୋଧକ କୋଷଗୁଡ଼ିକୁ ଶରୀରରେ ଲୁଚି ରହିଥିବା ଅତି ସୂକ୍ଷ୍ମ କ୍ୟାନସର୍ କୋଷଗୁଡ଼ିକୁ ଖୋଜି ଖୋଜି ନଷ୍ଟ କରିଥାଏ। ଏହାକୁ କ୍ୟାନସର୍ ଚିକିତ୍ସାରେ ନୂଆ ଯୁଗ ବୋଲି କୁହାଯାଉଛି। ଏହି ବଡ଼ ବୈଜ୍ଞାନିକ ସଫଳତା ଯୋଗୁଁ ମଡର୍ଣ୍ଣା କମ୍ପାନୀର ସେୟାର ମୂଲ୍ୟ ଗୋଟିଏ ଦିନରେ ୯୦% ରୁ ଅଧିକ ବଢ଼ିଯାଇଛି । ଚର୍ମ କ୍ୟାନସର୍ ରେ ଏହା ଭଲ କାମ କରିଥିବାରୁ, ମଡର୍ଣ୍ଣା ଏବଂ ମର୍କ କମ୍ପାନୀ ଏବେ ଫୁସଫୁସ କ୍ୟାନ୍ ସର୍, ବ୍ଲାଡର କ୍ୟାନ୍ ସର୍ ଏବଂ କିଡନୀ କ୍ୟାନ୍ ସର୍ ପାଇଁ ମଧ୍ୟ ଏହାର ପରୀକ୍ଷା ଆରମ୍ଭ କରିଦେଲେଣି ।

## କେନିଆରେ ହେଲିକପ୍ଟର କ୍ରାସ୍, ୫ ଆମେରିକୀୟ ସମେତ ୭ ମୃତ

ନୂଆଦିଲ୍ଲୀ, ୨୦/୦୮ : କେନିଆର ସାମ୍ବୁରୁ କାଉଣ୍ଟିରେ ଏକ ପର୍ଯ୍ୟଟକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ। ଏହି ଦୁର୍ଘଟଣାରେ ଇକ୍ୱାଡୋରର ଗୁଇନ୍ଦା ମୁଖ୍ୟ ମିକେଲ ସେନ୍ସି-କୋଣ୍ଟୁଗି, ତାଙ୍କ ପତ୍ନୀଙ୍କ ସମେତ ମୋଟ ୭ ଜଣଙ୍କ ମୃତ୍ୟୁ ଘଟିଛି । କେନିଆ ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ (କେସିଏଏ) ଅନୁଯାୟୀ, ସ୍ଥାନୀୟ ସମୟ ପୂର୍ବାହ୍ନ ପ୍ରାୟ ୯ଟା ୧୩ ସମୟରେ ଏହି ଭୟଙ୍କର ବିମାନ ଦୁର୍ଘଟଣା ଘଟିଥିଲା । ମୃତକଙ୍କ ମଧ୍ୟରେ ୫ ଜଣ ଆମେରିକୀୟ ନାଗରିକ ରହିଥିବା ଜଣାପଡିଛି । ହେଲିକପ୍ଟର କ୍ରାସର ଯାଞ୍ଚ ଚାଲିଛି । ସାମ୍ବୁରୁ ପୋଲିସ କମାଣ୍ଡର ଡେଭିଡ ନକୋରୋଇ କହିବା ମୁତାବକ, ଚାର୍ଟର୍ଡ ହେଲିକପ୍ଟରଟି ସକାଳେ ଲୋଇସାବା ବନ୍ୟପ୍ରାଣୀ ସଂରକ୍ଷଣରୁ ଉଡ଼ାଣ ଆରମ୍ଭ କରିଥିଲା । ଉଦ୍ଧାରକାରୀ ଦଳ ଦୁର୍ଘଟଣାସ୍ଥଳରୁ ସାତ ମୃତଦେହ ଉଦ୍ଧାର କରି ପୋଷ୍ଟମର୍ଟମ ପାଇଁ ପଠାଇଛନ୍ତି । ମୃତକଙ୍କ ମଧ୍ୟରେ ପାଞ୍ଚ ଜଣ ଆମେରିକୀୟ ନାଗରିକ, ଜଣେ ଇକ୍ୱେଡରର ବରିଷ୍ଠ ଅଧିକାରୀ ଏବଂ ଜଣେ ପ୍ରମୁଖ ଆମେରିକୀୟ ସାମ୍ବାଦିକ ରହିଛନ୍ତି । କେନିଆର ସ୍ଥାନୀୟ କର୍ତ୍ତୃପକ୍ଷ ମୃତକଙ୍କ ପରିବାର ପ୍ରତି ଗଭୀର ସମବେଦନା ଏବଂ ସମବେଦନା ପ୍ରକାଶ କରିଛନ୍ତି । ହେଲିକପ୍ଟର ଦେଶର ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ ମାଉଣ୍ଟ ଓଲୋଲୋକଓ୍ୱେର ତଳହଟିର ଏକ ଦୁର୍ଗମ ଅଞ୍ଚଳରେ ଦୁର୍ଘଟଣାର ଶିକାର ହୋଇଛି । ଉଦ୍ଧାର ପାଇଁ ଦୁଇଟି ହେଲିକପ୍ଟର ପଠାଯାଇଛି । ଉଦ୍ଧାରକାରୀ ଦଳ ଦୁର୍ଘଟଣାରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ସୂଚନାଯୋଗ୍ୟ, ଫେବୃଆରୀରେ ପଶ୍ଚିମ କେନିୟାରେ ପାହାଡି ଅଞ୍ଚଳରେ ଏକ ହେଲିକପ୍ଟର କ୍ରାସ୍ ହୋଇଥିଲା । ଏହି ଦୁର୍ଘଟଣାରେ ୬ ଜଣଙ୍କ ଜୀବନ ଚାଲିଯାଇଥିଲା । ସାମ୍ବୁରୁ କାଉଣ୍ଟିକୁ କେନିଆର ସବୁଠାରୁ ସୁନ୍ଦର ବନ୍ୟପ୍ରାଣୀ ଏବଂ ପର୍ଯ୍ୟଟନ କ୍ଷେତ୍ର ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ । ଏହା ପ୍ରତିବର୍ଷ ହଜାର ହଜାର ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ ।

## କାହିଁକି ଜୀବନ ହାରୁଛନ୍ତି ଯବାନ! କାରଣ ଖୋଜିବ ସିଆରପିଏଫ୍




ନୂଆଦିଲ୍ଲୀ, ୨୦/୦୮ : ସିଆରପିଏଫ୍ ଯବାନଙ୍କ ମଧ୍ୟରେ ବଢୁଥିବା ଆତ୍ମହତ୍ୟା ଘଟଣାକୁ ନେଇ ଚିନ୍ତା ବଢ଼ିଛି । ଏହାକୁ ରୋକିବା ପାଇଁ ଏବେ ବଡ଼ ପଦକ୍ଷେପ ନେଇଛି କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ । ଯବାନଙ୍କ ମାନସିକ ଓ ଶାରୀରିକ କଲ୍ୟାଣ ଉପରେ ନଜର ରଖିବା ସହ ଆତ୍ମହତ୍ୟା ରୋକିବା ପାଇଁ ଗଠନ ହୋଇଛି ୧୦ ଜଣିଆ କୋର୍ ଗ୍ରୁପ୍ । ସିଆରପିଏଫ୍ ମହାନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଗ୍ରୁପ୍ ପ୍ରତି ମାସରେ ବୈଠକ କରିବ । ଆତ୍ମହତ୍ୟାର ପ୍ରତ୍ୟେକ ଘଟଣାର ତଦନ୍ତ ଓ ସମୀକ୍ଷା କରାଯିବ । ଯବାନଙ୍କ କଲ୍ୟାଣ, ପ୍ରଶାସନିକ ବ୍ୟବସ୍ଥା ଏବଂ ଚିକିତ୍ସା ସୁବିଧାରେ କେଉଁଠି ସୁଧାର ଆବଶ୍ୟକ, ସେନେଇ ମଧ୍ୟ ଗ୍ରୁପ୍ ପରାମର୍ଶ ଦେବ । ତଥ୍ୟ ଅନୁସାରେ, ୨୦୨୫ରେ ସିଆରପିଏଫ୍‌ରେ ୫୯ ଜଣ ଯବାନ ଆତ୍ମହତ୍ୟା କରିଥିଲେ । ଗତ ପାଞ୍ଚ ବର୍ଷ ମଧ୍ୟରେ ଏହା ସର୍ବାଧିକ। ୨୦୨୧ରୁ ୨୦୨୫ ମଧ୍ୟରେ ଘଟିଥିବା ଆତ୍ମହତ୍ୟା ମାମଲାର ୮୦ ପ୍ରତିଶତରୁ ଅଧିକ ଘଟଣା କନଷ୍ଟେବଲ ସ୍ତରର ଯବାନଙ୍କ ସହ ଜଡ଼ିତ ଥିଲା। ଏହାସହ ୭୭ ପ୍ରତିଶତରୁ ଅଧିକ ଘଟଣା ଯବାନମାନେ କାର୍ଯ୍ୟରତ ଥିବା ସମୟରେ ଘଟିଥିଲା । ପରିବାରଠାରୁ ଦୀର୍ଘ ସମୟ ଦୂରରେ ରହିବା, କଠିନ ଓ ଦୀର୍ଘ ସମୟର ଡ୍ୟୁଟି, ଏବଂ ପାରିବାରିକ ସମସ୍ୟା ଭଳି କାରଣକୁ ଗୁରୁତ୍ୱ ଦିଆଯାଉଛି । ଏପଟେ ଜାତୀୟ ମାନବାଧିକାର କମିଶନ ମଧ୍ୟ ଘଟଣାକୁ ନେଇ ସ୍ୱତଃପ୍ରବୃତ୍ତ ସଂଜ୍ଞାନ ନେଇଛି। ତେଣୁ ଯବାନଙ୍କ ସୁରକ୍ଷା ସହ ମାନସିକ ସ୍ୱାସ୍ଥ୍ୟ ଓ କଲ୍ୟାଣକୁ ନେଇ ଏବେ ଗୁରୁତ୍ୱ ଦିଆଯାଉଛି ।

## ନିଟ୍ ବିବାଦରେ ସୁପ୍ରିମ୍ ଆକ୍ସନ୍ ପୋଲିସ ନିର୍ଯ୍ୟାତନା ଅଭିଯୋଗର ହେବ ତଦନ୍ତ



ନୂଆଦିଲ୍ଲୀ, ୨୦/୦୮ : ନୀଟ୍ ପ୍ରଶ୍ନପତ୍ର ଲିକ୍ ପ୍ରତିବାଦରେ ଦିଲ୍ଲୀର ଜନ୍ତରମନ୍ତର ସମେତ ବିଭିନ୍ନ ରାଜ୍ୟରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀ ଓ ଆନ୍ଦୋଳନକାରୀଙ୍କ ଉପରେ ପୋଲିସ, ପାରାମିଲିଟାରୀ ଏବଂ ସୁରକ୍ଷାବଳ ଦ୍ୱାରା ଅତ୍ୟାଚାର ଓ ମାତ୍ରାଧିକ ବଳପ୍ରୟୋଗ ଅଭିଯୋଗର ତଦନ୍ତ ପାଇଁ ସୁପ୍ରିମ୍ କୋର୍ଟ ଗୁରୁବାର ଏକ ୫-ଜଣିଆ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି (ଏଚପିଇସି) ଗଠନ କରିଛନ୍ତି। ବିଶେଷ କରି ମହିଳା ଆନ୍ଦୋଳନକାରୀଙ୍କ ପ୍ରତି ହୋଇଥିବା ଦୁର୍ବ୍ୟବହାର, ଯୌନ ନିର୍ଯ୍ୟାତନା ଏବଂ ଗୁରୁତର ଆହାତ ମାମଲାଗୁଡ଼ିକୁ ପ୍ରାଥମିକତା ଦେଇ ତଦନ୍ତ କରିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ଏହି ସମ୍ବେଦନଶୀଳ ମାମଲାର ପ୍ରମାଣ ନଷ୍ଟ ନହେବା ପାଇଁ ଆନ୍ଦୋଳନ ସମୟର ସିସିଟିଭି ଫୁଟେଜ୍, ଡ୍ରୋନ୍ ରେକର୍ଡିଂ, ବଡି-କ୍ୟାମ୍ ଫୁଟେଜ୍ ଏବଂ ପିସିଆର୍ କଲ୍ ରେକର୍ଡ ସୁରକ୍ଷିତ ରଖିବାକୁ କୋର୍ଟ ଆଦେଶ ଦେଇଛନ୍ତି। ଏହାସହ ଅଟକ ରହିଥିବା ନାବାଳକମାନଙ୍କୁ ତୁରନ୍ତ ଛାଡ଼ିବାକୁ ଏବଂ ଆନ୍ଦୋଳନକାରୀଙ୍କ ବ୍ୟକ୍ତିଗତ ତଥ୍ୟକୁ ସାର୍ବଜନୀନ ନକରି ଗୋପନ ରଖିବାକୁ ପୋଲିସକୁ କୁହାଯାଇଛି। ପୋଲିସ ଦ୍ୱାରା ଲାଠିଚାର୍ଜ, ଲୁହବୁହା ଗ୍ୟାସ୍, ଇଲେକ୍ଟ୍ରିକ୍ ବାଡ଼ି ଏବଂ ପେଲେଟ୍ ଗନର ବ୍ୟବହାର ଯାଞ୍ଚ କରିବା ସହ ଧାତବ ପେଲେଟ୍ ଶୁଟ୍ କରୁଥିବା ପମ୍ପ-ଆକ୍ସନ୍ ରାଇଫଲକୁ ଆଗାମୀ ଦିନରେ ସମ୍ପୂର୍ଣ୍ଣ ବ୍ୟାନ୍ କରାଯିବ କି ନାହିଁ, ସେ ନେଇ କମିଟି ଅନୁଧ୍ୟାନ କରିବ। ଆନ୍ଦୋଳନ ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ନାଗରିକଙ୍କ ସାମ୍ବିଧାନିକ ଗଣତାନ୍ତ୍ରିକ ଅଧିକାର ମଧ୍ୟରେ ସମନ୍ୱୟ ରକ୍ଷା କରିବା, ଆନ୍ଦୋଳନକାରୀଙ୍କ ଉପରେ ପୋଲିସର ବେଆଇନ୍ ନଜରଦାରି ଯାଞ୍ଚ କରିବା ଏବଂ କାର୍ଯ୍ୟରତ ପୋଲିସ ଯବାନଙ୍କ ପାଇଁ ନାମଫଳକ ଓ ୟୁନିଫର୍ମ ବାଧ୍ୟତାମୂଳକ କରିବା ସମ୍ପର୍କରେ ଏହି କମିଟି ସୁପାରିଶ ପ୍ରଦାନ କରିବ।

## ମାସକରେ ଚିନି ରେଟ୍ ବଢ଼ିଲାଣି ୧୫ ଟଙ୍କା ; ଦର ବଢ଼ାଉଛି କି ଇଥାନଲ୍ ?



ନୂଆଦିଲ୍ଲୀ, ୨୦/୦୮ : ମାସକ ପୂର୍ବରୁ କେଜି ପ୍ରତି ୫୦ ଟଙ୍କାରେ ମିଳୁଥିବା ଚିନି ଆଜି ୬୫ ଟଙ୍କାରେ ବିକ୍ରି ହେଉଛି । ଯାହା ପାର୍ବଣ ପୂର୍ବରୁ କେନ୍ଦ୍ର ସରକାରଙ୍କ ମୁଣ୍ଡ ବ୍ୟଥାର କାରଣ ହୋଇଛି । ଗଣେଶ ପୂଜାଠାରୁ ଆରମ୍ଭ କରି ଦଶହରା, ଦୀପାବଳି ସମୟରେ ଚିନିର ଚାହିଦା ବଢିଥାଏ । ଏଥିପାଇଁ ଚିନି ଦାମ ନିଜ ଅକ୍ତିଆରରେ ରଖିବାକୁ କେନ୍ଦ୍ର ସରକାରଙ୍କ ଏହି ନୂଆ କଟକଣା । ପୂର୍ବରୁ ମଧ୍ୟ ବେସରକାରୀ ସଂସ୍ଥା ନିଜେ ବ୍ୟବହାର କରୁଥିବା ଚିନିକୁ ୩୦ ଦିନ ପର୍ଯ୍ୟନ୍ତ ରଖିବା ପାଇଁ କେନ୍ଦ୍ର ସରକାର ଜୁଲାଇରେ କଟକଣା ଜାରି କରିଥିଲେ । ଏଭଳି କଟକଣା ପୂର୍ବରୁ ଚିନିର ରପ୍ତାନୀ ଉପରେ ମଧ୍ୟ କେନ୍ଦ୍ର ସରକାର ରୋକ୍ ଲଗାଇଥିଲେ । ବ୍ରାଜିଲ ପରେ ଭାରତ ପୃଥିବୀରେ ଦ୍ୱିତୀୟ ବୃହତ୍ତମ ଚିନି ରପ୍ତାନୀକାରୀ ରାଷ୍ଟ୍ର ଭାବେ ଗଣାଯାଏ । ୧୯୬୦ରେ ଆରମ୍ଭ ହୋଇଥିବା ଏହି ରପ୍ତାନୀ ୨୦୨୧-୨୨ ମସିହାରେ ରେକର୍ଡ ୧୨ ମିଲିୟନ ଟନ୍ ପହଞ୍ଚିଥିଲା । ମାତ୍ର ଏହା ପରଠାରୁ ହ୍ରାସ ପାଇ ୨୦୨୫-୨୬ରେ ୨ ମିଲିୟନ ଟନରେ ପହଞ୍ଚିଥିଲା । ଏହା ପରେ ମଧ୍ୟ ଚିନି ଦର ନକମିବାରୁ ଶେଷରେ ଆମଦାନୀରୁ ଶୁଳ୍କ ସମ୍ପୂର୍ଣ୍ଣ ଛାଡ କରିବାକୁ ସରକାର ବିଚାର କରୁଛନ୍ତି । ଏବେ ପ୍ରଶ୍ନ ଉଠୁଛି ଏତେ ସବୁ ପଦକ୍ଷେପ ପରେ ମଧ୍ୟ ଚିନିର ମୂଲ୍ୟ ଉପରେ କାହିଁକି ଲଗାମ ଲାଗିପାରୁନାହିଁ ? ଏବର୍ଷ ଆଖୁର ଉତ୍ପାଦନ କୌଣସି ପ୍ରକାର କମ ନାହିଁ । ଅନ୍ୟପକ୍ଷରେ ପେଟ୍ରୋଲରେ ମିଶୁଥିବା ଇଥାନଲ ପାଇଁ ବ୍ୟାପକ ପରିମାଣରେ ଆଖୁ ବ୍ୟବହାର ହୋଇଛି । ଇଥାନଲ ଉତ୍ପାଦନର ୩୫ ଭାଗ କେବଳ ଆଖୁରୁ ଆସୁଛି । ୨୦୧୪ରେ ମାତ୍ର ୪୨୧ କୋଟି ଲିଟର ଉତ୍ପାଦନ ହେଉଥିବା ଇଥାନଲ ଏବେ ୨ ହଜାର କୋଟି ଲିଟରରେ ପହଞ୍ଚିଛି ।

## ପରୀକ୍ଷା ବାତିଲ୍ କରିଥିଲେ ସରକାର, ରୋକ୍ ଲଗାଇଲେ ହାଇକୋର୍ଟ ! ପ୍ରାର୍ଥୀଙ୍କୁ ବଡ଼ ଆଶ୍ୱସ୍ତି




ଝାଡ଼ଖଣ୍ଡ, ୨୦/୦୮ : ଝାଡ଼ଖଣ୍ଡରେ ନିଯୁକ୍ତି ପରୀକ୍ଷାକୁ ନେଇ ଆସିଛି ବଡ଼ ଖବର । ୨୨ଟି ନିଯୁକ୍ତି ପରୀକ୍ଷା ବାତିଲ କରିବାକୁ ରାଜ୍ୟ ସରକାର ନେଇଥିବା ନିଷ୍ପତ୍ତି ଉପରେ ରୋକ୍ ଲଗାଇଛନ୍ତି ଝାଡ଼ଖଣ୍ଡ ହାଇକୋର୍ଟ । ଆଜି ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶ ପରେ ହଜାର ହଜାର ପ୍ରାର୍ଥୀଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି । ତେବେ ଏହି ମାମଲାରେ ଆଗକୁ କ'ଣ ହେବ, ତା' ଉପରେ ଏବେ ସମସ୍ତଙ୍କ ନଜର । ଝାଡ଼ଖଣ୍ଡ ସରକାର ଜେପିଏସ୍‌ସି ଏବଂ ଜେଏସ୍‌ଏସ୍‌ସି ଦ୍ୱାରା ଆୟୋଜିତ ଏବଂ ଟିଡିପିଏଲ୍ ମାଧ୍ୟମରେ ପରିଚାଳିତ ହୋଇଥିବା ୨୨ଟି ନିଯୁକ୍ତି ପରୀକ୍ଷାକୁ ବାତିଲ କରିବାକୁ ନିଷ୍ପତ୍ତି ନେଇଥିଲେ । ପରୀକ୍ଷାରେ ଅନିୟମିତତା ନେଇ ଅଭିଯୋଗ ଏବଂ ସିଆଇଡି ତଦନ୍ତ ସମୟରେ ସାମ୍ନାକୁ ଆସିଥିବା ତଥ୍ୟକୁ ଆଧାର କରି ସରକାର ଏହି ପଦକ୍ଷେପ ନେଇଥିବା କହିଥିଲେ । ବାତିଲ ହୋଇଥିବା ପରୀକ୍ଷା ମଧ୍ୟରେ ଡ୍ରଗ୍ସ ଇନ୍ସପେକ୍ଟର, ସହକାରୀ ପ୍ରଫେସର, ଡେପୁଟି କଲେକ୍ଟର, ଡେଣ୍ଟାଲ ଡାକ୍ତର ଏବଂ ସହକାରୀ ଇଞ୍ଜିନିୟର ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀର ନିଯୁକ୍ତି ପରୀକ୍ଷା ରହିଛି । ଏହା ସହ ଜେପିଏସ୍‌ସିର ୧୧ତମରୁ ୧୩ତମ କମ୍ବାଇନ୍ ସିଭିଲ୍ ସର୍ଭିସେସ୍ ପରୀକ୍ଷା ଏବଂ ଜେଏସ୍‌ଏସ୍‌ସି-ସିଜିଏଲ୍ ପରୀକ୍ଷା ମଧ୍ୟ ଏହି ବିବାଦର ଅଂଶ ହୋଇଛି । ସରକାରଙ୍କ ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ୪ଟି ଆବେଦନ ଦାଖଲ ହୋଇଥିଲା । ଏଥିରେ ସଫଳ ପ୍ରାର୍ଥୀ ଅବଧେଶ କୁମାର, ଦୀପମାଳା, ସୋନମ କୁମାରୀ ଏବଂ ସୌରଭ ସିଂହଙ୍କ ସମେତ ଅନ୍ୟ ପ୍ରାର୍ଥୀମାନେ ଆଇନର ଆଶ୍ରୟ ନେଇଥିଲେ । ଆବେଦନକାରୀଙ୍କ ମୁଖ୍ୟ ଯୁକ୍ତି ଥିଲା ସରକାର ପରୀକ୍ଷା ବାତିଲ କରିବା ପୂର୍ବରୁ ପ୍ରଭାବିତ ପ୍ରାର୍ଥୀମାନଙ୍କୁ ନିଜ ପକ୍ଷ ରଖିବାର ସୁଯୋଗ ଦେଇନାହାନ୍ତି । ଅର୍ଥାତ୍, ପ୍ରାର୍ଥୀଙ୍କ କଥା ନଶୁଣି ସିଧାସଳଖ ପରୀକ୍ଷା ଏବଂ ପରବର୍ତ୍ତୀ ନିଯୁକ୍ତିକୁ ବାତିଲ କରାଯାଇଛି ବୋଲି ସେମାନେ କୋର୍ଟରେ ଦାବି କରିଥିଲେ । ସବୁଠାରୁ ବଡ଼ କଥା ହେଉଛି, ଏହି ପରୀକ୍ଷାରେ ସଫଳ ହୋଇ ଅନେକ ପ୍ରାର୍ଥୀ ଇତିମଧ୍ୟରେ ସରକାରୀ ଚାକିରିରେ ଯୋଗ ଦେଇସାରିଛନ୍ତି । ତେଣୁ ପରୀକ୍ଷା ବାତିଲ ହେଲେ ସେମାନଙ୍କ ଚାକିରି ମଧ୍ୟ ସଙ୍କଟରେ ପଡ଼ିବାର ଆଶଙ୍କା ରହିଥିଲା । ଜେଏସ୍‌ଏସ୍‌ସି-ସିଜିଏଲ୍ ପରୀକ୍ଷାକୁ ନେଇ ମଧ୍ୟ ଆବେଦନକାରୀମାନେ ଗୁରୁତ୍ୱପୂର୍ଣ୍ଣ ଯୁକ୍ତି ରଖିଥିଲେ । ସେମାନଙ୍କ କହିବା ଅନୁସାରେ, ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ପାଳନ କରି ପରୀକ୍ଷାର ଫଳ ପ୍ରକାଶ କରାଯାଇଥିଲା । ଏହା ପରେ ସମ୍ପୂର୍ଣ୍ଣ ପରୀକ୍ଷାକୁ ବାତିଲ କରିବା ସରକାରଙ୍କ ପାଇଁ କେତେଦୂର ଆଇନସମ୍ମତ, ତାହା ଉପରେ ମଧ୍ୟ ପ୍ରଶ୍ନ ଉଠିଥିଲା । ଅନ୍ୟପଟେ, ନିଯୁକ୍ତି ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ଏବଂ ଅନିୟମିତତା ରୋକିବା ପାଇଁ କମିଟି ଗଠନ କରିବାକୁ ଝାଡ଼ଖଣ୍ଡ ସରକାର ଘୋଷଣା କରିଛନ୍ତି । କିନ୍ତୁ ଏବେ ହାଇକୋର୍ଟଙ୍କ ରହିତାଦେଶ ପରେ ସରକାରଙ୍କ ନିଷ୍ପତ୍ତି ଉପରେ ଅସ୍ଥାୟୀ ଭାବେ ବ୍ରେକ୍ ଲାଗିଛି । ତେଣୁ ଏବେ ପ୍ରଶ୍ନ ପରୀକ୍ଷାରେ ପ୍ରକୃତରେ ଅନିୟମିତତା ହୋଇଥିଲା କି ? ସରକାରଙ୍କ ପକ୍ଷରୁ ପରୀକ୍ଷା ବାତିଲ କରିବାର ନିଷ୍ପତ୍ତି ଠିକ୍ ? ଥିଲା କି ? ନା ପ୍ରାର୍ଥୀଙ୍କ ଅଧିକାରକୁ ଅଣଦେଖା କରାଯାଇଥିଲା ? ଏସବୁ ପ୍ରଶ୍ନର ଉତ୍ତର ଆଗାମୀ ଶୁଣାଣିରେ ସ୍ପଷ୍ଟ ହେବ । ସେପର୍ଯ୍ୟନ୍ତ ୨୨ଟି ନିଯୁକ୍ତି ପରୀକ୍ଷାକୁ ନେଇ ସରକାରଙ୍କ ପଦକ୍ଷେପ ଉପରେ ହାଇକୋର୍ଟଙ୍କ ରୋକ୍ ବଳବତ୍ତର ରହିବ ।

## ପାକିସ୍ତାନରେ ଚୀନ୍-ତୁର୍କୀର 'ଗୁପ୍ତ' ବିମାନ !

ନୂଆଦିଲ୍ଲୀ, ୨୦/୦୮ : ପାକିସ୍ତାନରେ ଚୀନ୍ ଓ ତୁର୍କୀର ସାମରିକ ବିମାନର ଅସାଧାରଣ ଗତିବିଧିକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି । ଗତ ପ୍ରାୟ ୬୦ ଘଣ୍ଟା ମଧ୍ୟରେ ଉଭୟ ଦେଶର ଏକାଧିକ ସାମରିକ ପରିବହନ ବିମାନ ପାକିସ୍ତାନର ପ୍ରମୁଖ ଏୟାରବେସ୍‌ରେ ଅବତରଣ କରିଥିବା ଦାବି କରାଯାଇଛି । ଏତେ କମ୍ ସମୟ ମଧ୍ୟରେ ବାରମ୍ବାର ସାମରିକ ବିମାନ ଆସିବା ଘଟଣାକୁ ନେଇ ପାକିସ୍ତାନକୁ ବଡ଼ ଧରଣର ପ୍ରତିରକ୍ଷା ସାମଗ୍ରୀ ପଠାଯାଉଥିବା ନେଇ ଅନୁମାନ କରାଯାଉଛି । ସୁରକ୍ଷା ସୂତ୍ରଙ୍କ ଅନୁସାରେ, ଚୀନ୍‌ର ସାମରିକ ପରିବହନ ବିମାନ ରାଓ୍ୱଲପିଣ୍ଡି ନିକଟସ୍ଥ ନୁର୍ ଖାନ୍ ଏୟାରବେସ୍ ଏବଂ କରାଚୀର ମସରୁର୍ ଏୟାରବେସ୍‌ରେ ପହଞ୍ଚିଥିବା କୁହାଯାଉଛି । ଏହା ସହ ତୁର୍କୀର ଏକ ସାମରିକ ପରିବହନ ବିମାନ ମଧ୍ୟ ପାକିସ୍ତାନରେ ଅବତରଣ କରିଥିବା ଦାବି ହୋଇଛି । ତେବେ ସବୁଠୁ ବଡ଼ ପ୍ରଶ୍ନ ଏହି ବିମାନଗୁଡ଼ିକରେ କ'ଣ ଆସିଛି ଏନେଇ ଏପର୍ଯ୍ୟନ୍ତ କୌଣସି ସରକାରୀ ସ୍ପଷ୍ଟତା ମିଳିନାହିଁ । କିଛି ସୁରକ୍ଷା ସୂତ୍ର ଦାବି କରୁଛନ୍ତି ଯେ ପାକିସ୍ତାନକୁ ଡ୍ରୋନ୍ ଓ ଅନ୍ୟାନ୍ୟ ପ୍ରତିରକ୍ଷା ଉପକରଣ ପହଞ୍ଚିଥାଇପାରେ । କିନ୍ତୁ କେଉଁ ଅସ୍ତ୍ର, କେତେ ସଂଖ୍ୟାରେ କିମ୍ବା କେଉଁ ମଡେଲ୍‌ର ଡ୍ରୋନ୍ ଆସିଛି, ତାହା ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନାହିଁ । ତେଣୁ ଏହି ଦାବିକୁ ଏବେ କେବଳ ସମ୍ଭାବନା ଭାବେ ଦେଖାଯାଉଛି। ପାକିସ୍ତାନର ସାମରିକ ଆଧୁନିକୀକରଣରେ ଚୀନ୍‌ର ଭୂମିକା ଦୀର୍ଘଦିନର ।

## ବିଶ୍ୱ ବ୍ୟାଡ୍‌ମିଣ୍ଟନ୍: କ୍ୱାର୍ଟରରେ ତ୍ରିଶା-ଗାୟତ୍ରୀ

ନୂଆଦିଲ୍ଲୀ୨୦।୮: ଭାରତୀୟ ମହିଳା ଯୁଗଳ ଯୋଡି ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦ ଏଠାରେ ଚାଲିଥିବା ବିଶ୍ୱ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଗୁରୁବାର ପ୍ରିକ୍ୱାର୍ଟରଫାଇନାଲ୍‌ରେ ତ୍ରିଶା ଓ ଗାୟତ୍ରୀ ସିଧାସଳଖ ୨୧-୧୬, ୨୧-୧୨ରେ ସପ୍ତମ ମାନ୍ୟତାପ୍ରାପ୍ତ ଜାପାନର ରିନ ଇୱାନାଗା ଓ କିଏ ନାକାନିଶିଙ୍କୁ ପରାସ୍ତ କରିଥିଲେ। ଏହି ଅଣମାନ୍ୟତାପ୍ରାପ୍ତ ଭାରତୀୟ ଯୋଡି ଏବେ ବିଶ୍ୱ ପଦକଠୁ ମାତ୍ର ଗୋଟିଏ ବିଜୟ ଦୂରରେ ରହିଛନ୍ତି। ତ୍ରିଶା ଓ ଗାୟତ୍ରୀ ୨୦୨୨ ଓ ୨୦୨୩ରେ ଲଗାତର ଅଲ୍‌ଇଂଲଣ୍ଡ ଓପନ୍‌ର ସେମିଫାଇନାଲ୍ ପହଞ୍ଚିଥିଲେ। ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡାରେ ଏମାନେ ମଧ୍ୟ କାଂସ୍ୟ ଜିତିଥିଲେ ଏବଂ ଗତ ବର୍ଷ ବିଶ୍ୱ ମାନ୍ୟତାରେ ଶୀର୍ଷ ୧୦ ମଧ୍ୟରେ ରହିଥିଲେ।




# ୯୩ ବର୍ଷ ତଳର ପୁରୁଣା ରେକର୍ଡ ସହ ସମକକ୍ଷ ହେଲେ ସୁଥାର

ଗଲ, ୨୦।୮ :ଭାରତୀୟ ଟେଷ୍ଟ୍ ଇତିହାସରେ ମାନବ ସୁଥାର ନୂଆ ଅଧ୍ୟାୟ ରଚିଛନ୍ତି। ପ୍ରଥମ ଉଭୟ ଘରୋଇ ଓ ବିଦେଶୀ ଟେଷ୍ଟ୍‌ରେ ୫ ୱିକେଟ୍ ସଫଳତା ପାଇବାରେ ସୁଥାର ପ୍ରଥମ ସ୍ପିନର ଏବଂ ଦ୍ୱିତୀୟ ଭାରତୀୟ କ୍ରିକେଟର୍ ହୋଇଛନ୍ତି। ୨୪ ବର୍ଷୀୟ ଏହି ରାଜସ୍ଥାନ ସ୍ପିନର ୨୦୨୬ ଜୁନ୍ ୬ରେ ମୁଲାନପୁରରେ ଆଫଗାନିସ୍ତାନ ବିପକ୍ଷରେ ନିଜ ଟେଷ୍ଟ୍ ପଦାର୍ପଣର ପ୍ରଥମ ପାଳିରେ ୬ ୱିକେଟ୍ ନେଇଥିଲେ। ଅଗଷ୍ଟ ୧୫ରୁ ୧୯ ପର୍ଯ୍ୟନ୍ତ ଗଲ୍‌ରେ ଖେଳାଯାଇଥିବା ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ୍‌ରେ ସେ ମୋଟ ୧୦ ୱିକେଟ୍ ନେଇ ପ୍ରଥମ ବିଦେଶ ଗସ୍ତରେ ଚମତ୍କାର ଆରମ୍ଭ କରିଛନ୍ତି।ଏହି ମ୍ୟାଚ୍‌ର ପ୍ରଥମ ପାଳିରେ ୪/୭୬ ଓ ଦ୍ୱିତୀୟରେ ୬/୫୫ ବୋଲିଂ ସଫଳତା ପାଇଥିଲେ।

ଏଥିସହ ଘରୋଇ ଓ ବିଦେଶରେ ନିଜର ପ୍ରଥମ ଟେଷ୍ଟ୍‌ରେ ୫ ୱିକେଟ୍ ଲେଖାଏଁ ସଫଳତା ପାଇବାରେ ସେ ପ୍ରଥମ ସ୍ପିନର ହୋଇଥିଲା ବେଳେ ଦ୍ୱିତୀୟ ଭାରତୀୟ କ୍ରିକେଟର୍ ହୋଇନ୍ତି। ପୂର୍ବରୁ ଭାରତର ମହମ୍ମଦ ନିସାର କେବଳ ଏହି ସଫଳତା ପାଇଥିଲେ। ନିସାର ୧୯୩୨ ଜୁନ୍ ୨୫ ତାରିଖରେ ଲର୍ଡ୍‌ସରେ ଖେଳାଯାଇଥିବା। ଇଂଲଣ୍ଡ ବିପକ୍ଷ ଟେଷ୍ଟ୍‌ରେ ପଦାର୍ପଣ କରି ପ୍ରଥମ ପାଳି ୫/୯୩ ସଫଳତା ପାଇଥିଲେ। ଏଥିସହ ସେ ପ୍ରଥମ ଭାରତୀୟ ଭାବେ ଟେଷ୍ଟ୍‌ରେ ୫ ୱିକେଟ୍ ସଫଳତା ପାଇଥିଲେ।

ଏହାପରେ ସେ ସେହି ଇଂଲଣ୍ଡ ବିପକ୍ଷରେ ମୁମ୍ବାଇରେ ୧୯୩୩ ଡିସେମ୍ବର ୧୫ ତାରିଖରେ ପ୍ରଥମ ଘରୋଇ ଟେଷ୍ଟ୍ ଖେଳିଥିଲେ ଏବଂ ପ୍ରଥମ ପାଳିରେ ୫/୯୦ ବୋଲିଂ ସଫଳତା ପାଇଥିଲେ। ଘରେ ଓ ବିଦେଶରେ ନିଜର ପ୍ରଥମ ଟେଷ୍ଟ୍‌ରେ ୫ ୱିକେଟ୍ ଲେଖାଏଁ ୱିକେଟ୍ ନେବାରେ ସେ ପ୍ରଥମ ଭାରତୀୟ ବୋଲର ହୋଇଥିଲେ। ଭାରତୀୟ ଭାବେ ଏହି ୯୩ ବର୍ଷ ତଳର ରେକର୍ଡ ସମକକ୍ଷ ହୋଇଛନ୍ତି ସୁଥାର। ଶ୍ରୀଲଙ୍କା ବିପକ୍ଷରେ ୬ ୱିକେଟ୍ ନେବାରେ ସେ ରବିନ୍ଦ୍ରନ ଅଶ୍ୱିନ ଓ ହରଭଜନ ସିଂହଙ୍କ ପରେ ତୃତୀୟ ଖେଳାଳି ହୋଇଛନ୍ତି। ଏହି ଟେଷ୍ଟ୍‌ରେ ତାଙ୍କ ୫୪.୨ ଓଭରରେ ୧୦/୧୩୧, ଶ୍ରୀଲଙ୍କା ବିପକ୍ଷରେ ଭାରତୀୟ ଭାବେ ସର୍ବଶ୍ରେଷ୍ଠ ବୋଲିଂ ସଫଳତା। ପୂର୍ବରୁ ଏହି ସ୍ଥାନରେ ହରଭଜନ ସିଂହ (୧୦/୧୫୩) ଥିଲେ। ସୁଥାର ମଧ୍ୟ ଗୋଟିଏ ଟେଷ୍ଟ୍‌ରେ ୧୦ ୱିକେଟ୍ ନେବାରେ ସର୍ବକନିଷ୍ଠ ଭାରତୀୟ ଖେଳାଳି ହୋଇଛନ୍ତି।




## ପ୍ରଜ୍ଞାନନ୍ଦ ଉପବିଜେତା



ସେଣ୍ଟଲୁଇସ, ୨୦।୮ :ଭାରତୀୟ ଗ୍ରାଣ୍ଡମାଷ୍ଟର ଆର୍ ପ୍ରଜ୍ଞାନନ୍ଦ ଏଠାରେ ଆୟୋଜିତ ସିଙ୍କୁଏଫିଲ୍ଡ ଚେସ୍ ପ୍ରତିଯୋଗିତାରେ ଉପବିଜେତା ହୋଇଛନ୍ତି। ଆର୍ମାଗେଡନ ଗେମ୍‌ରେ ଟେବୁଲରେ ଥିବା ୱେସ୍‌ଲେ ସୋ’ ବୁଧବାର ହାରିଯିବା ପରେ ପ୍ରଜ୍ଞାନନ୍ଦ ଉପବିଜେତା ହେବା ନିଶ୍ଚିତ ହୋଇଥିଲା। ୨୧ ବର୍ଷୀୟ ପ୍ରଜ୍ଞାନନ୍ଦ ଫାଇନାଲ୍ କ୍ଲାସିକାଲ୍ ଗେମ୍‌ରେ ନେଦରଲାଣ୍ଡ୍‌ସର ଆନିଶ ଗିରିଙ୍କ ସହ ଡ୍ର’ ରଖିଥିଲେ।ଫଳରେ ଟେବୁଲ ଶୀର୍ଷରେ ଥିବା ସୋ’ଙ୍କ ସହ ଖେଳିଥିଲେ। ହେଲେ କଳା ଗୋଟିରେ ଖେଳୁଥିବା ଆମେରିକୀୟ ଜିଏମ୍ ସୋ’ ଡ୍ର’ ରଖି ଟ୍ରଫି ଜିତିଥିଲେ। ଏଠାରେ ଉପବିଜେତା ହେବା ପରେ ପ୍ରଜ୍ଞାନନ୍ଦ ଚଳିତ ମାସ ୨୨ ତାରିଖରୁ ଆରମ୍ଭ ହେବାକୁ ଥିବା ଗ୍ରାଣ୍ଡ ଚେସ୍ ଟୁର୍ ଫାଇନାଲ୍ସ ଲାଗି ଯୋଗ୍ୟତା ଅର୍ଜନ କରିଥିଲେ। ତାଙ୍କ ସହ ଏହି ପ୍ରତିଯୋଗିତାରେ ଶୀର୍ଷ ୪ରେ ଥିବା ସୋ’ ଫାବିଆନୋ କାରୁଆନା ଓ ଭିନ୍‌ସେଣ୍ଟ୍ କେମର ଗ୍ରାଣ୍ଡ ଚେସ୍ ଟୁର୍ ଫାଇନାଲ୍ସ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ତେବେ ଯୁଗ୍ମ ତୃତୀୟ ସ୍ଥାନରେ ଥିବା ଜାଭୋଖିର ସିନ୍ଦାରୋଭ ଅଧା ପଏଣ୍ଟ ପାଇଁ ବଞ୍ଚିତ ହୋଇଛନ୍ତି।

## ଅକ୍ଟୋବରରେ ଗୁରୁଜଙ୍ଗ ପ୍ରିମିୟର ଲିଗ୍

ଖୋର୍ଦ୍ଧା, ୨୦।୮ : ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଗୁରୁଜଙ୍ଗ ଖେଳ ପଡିଆ ରେ ଗୁରୁଜଙ୍ଗ ପ୍ରିମିୟର ଲିଗ ଆସନ୍ତା ଅକ୍ଟୋବର ମାସ ଦଶହରା ସମୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ମାନେ ଜଣାଇଛନ୍ତି। ଏଥିରେ ୮ ଟି ଦଳ ଭାଗ ନେବେ ସେମାନେ ହେଲେ ଏସ ଜେ ଆର ୱରିୟରସ ଗୁରୁଜଙ୍ଗ, ଇଗଲ ସ୍ୱ ?ଟି ମେଣ୍ଢାଶାଳ,ମିଳନ ୟୁଥ କ୍ଲବ ମୁକୁନ୍ଦପ୍ରସାଦ, ବି ଏସ ଏ ଭାଲିଆବାଡି, ଯଦୁପୁର ବ୍ଲାଷ୍ଟର୍ସ ,ଗୁରୁଜଙ୍ଗ ଡେୟାର ବୁଲ୍ସ,ଇଲେଭେନ ଷ୍ଟାର ଯାଆଁଳା, ବାଲୁଙ୍କେଶ୍ୱର ୱାରୀୟର୍ସ ଟମାଣ୍ଡୋ। ଖୋର୍ଦ୍ଧା ଓ ୩୫ ଟି ଅଂଚଳ ରୁ ଖେଳାଳୀ ମାନେ ଏହି ଲିଗ ରେ ଭାଗ ନେବେ ଯଥା ଯଦୁପୁର, ନପୁଟ, ଟମାଣ୍ଡୋ, ପାତ୍ରପଡା, ଶୁଆଙ୍ଗ, ବାଙ୍କୁଆଳ, ଯାଆଁଳା, ଗଙ୍ଗପଡ଼ା, ମେଣ୍ଢାଶାଳ, ଅରିସାଲ, ପଳାସପୁର, ମୁକୁନ୍ଦପ୍ରସାଦ, ଭାଲିଆବାଡି, କୋଣାର୍କନାଗାର, ଗୁରୁଜଙ୍ଗ, ଖୋର୍ଦ୍ଧା ମୁନିସିପାଲିଟି, ଆଇ ଆର ବି, କୁମାରବସ୍ତ, ନୂଆ ଗାଁ, ଅରାଙ୍ଗ, ପାଇକ ତିଗିରିଆ, ବିଂକୁଡ଼ିଆ, କେରଙ୍ଗ, ସାରୁଆ, ପଙ୍ଗାରସିଂ, କୁସୁପଲା, ବାଙ୍କୀ, ପାନ ବରଜ, ଜରିପୁଟ, ଗୁରୁମ, କଲ୍ୟାଣ ପୁର, ଅଠାରଙ୍ଗ, କାଇପଦର, ଦେଉଳିଟାଙ୍ଗୀ ଓ କୁରାଡମଲ ର ଆଧାରକାର୍ଡ ଥିବା କର୍କ ବଲ ଖେଳାଳୀ ଅଗଷ୍ଟ ୨୫ ତାରିଖ ସୁଦ୍ଧା ନିଜର ନାମ ପଞ୍ଜିକରଣ କରିବା ପାଇଁ ଶେଷ ତାରିଖ ଧାର୍ଯ୍ୟ ହୋଇଛି। ଆସନ୍ତା ସେପ୍ଟେମ୍ବର ୫ ତାରିଖରେ ଖେଳାଳୀ ନିଲାମ ପ୍ରକ୍ରିୟା ରେ ୮ ଟି ଦଳ ନିଜର ଟିମ ରେ ଖେଳାଳୀ ମାନଙ୍କୁ ରଖିବେ। ଦୁଇଟି ଗ୍ରୁପ ରେ ୪ ଟି ଲେଖାଏଁ ଦଳ ରହିବ ଓ ଗ୍ରୁପ ପର୍ଯ୍ୟାୟ ରେ ସମସ୍ତେ ୩ ଟି ଲେଖାଏଁ ମ୍ୟାଚ ଖେଳିବେ। ଚମ୍ପିୟାନ ଦଳକୁ ଟ୍ରଫି ସହ ୬୦୦୦୦ ଟଙ୍କା ଓ ଉପ ବିଜେତା ଦଳକୁ ଟ୍ରଫି ସହ ୪୦୦୦୦ ଟଙ୍କା ପ୍ରଦାନ କରାଯିବ ବୋଲି ଆସୋସିଏସନ ପକ୍ଷରୁ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଜଣାଇଛନ୍ତି।

## କ୍ଷତି ସହୁଛି ନ୍ୟୁଜିଲାଣ୍ଡ କ୍ରିକେଟ ବୋର୍ଡ

ନୂଆଦିଲ୍ଲୀ, ୨୦।୮ : ନ୍ୟୁଜିଲାଣ୍ଡ ଦଳ ପଡ଼ିଆରେ ଭଲ ପ୍ରଦର୍ଶନ କରିପାରେ, ହେଲେ ଏହି ଦଳର ବୋର୍ଡ ଲଗାତାର ଆର୍ଥିକ କ୍ଷତି ସହି ଆସୁଛି। ନ୍ୟୁଜିଲାଣ୍ଡ କ୍ରିକେଟ୍ ବୋର୍ଡ ରିପୋର୍ଟ କରିଛି ଯେ, ଗତ ଆର୍ଥିକ ବର୍ଷରେ, ସେମାନେ ୭.୩ ମିଲିୟନ କିମ୍ବା ପ୍ରାୟ ୭୦ କୋଟି ଟଙ୍କା କ୍ଷତି ସହିଛି । ନ୍ୟୁଜିଲାଣ୍ଡ ବୋର୍ଡ ସେମାନଙ୍କର କ୍ଷତି ୧.୮ ମିଲିୟନ ପର୍ଯ୍ୟନ୍ତ ହେବ ବୋଲି ଆଶା କରିଥିଲା, କିନ୍ତୁ ଏହା ପ୍ରାୟ ୭ଗୁଣ ବୃଦ୍ଧି ପାଇଛି । ନ୍ୟୁଜିଲାଣ୍ଡ କ୍ରିକେଟ୍ ବୋର୍ଡ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛି ଯେ, ଭାରତର ଜୁଆ ଆଇନରେ ପରିବର୍ତ୍ତନ ଯୋଗୁଁ, ଘଡଉ ର ପ୍ରାୟୋଜକ ଉତ୍କରବଙ୍କ ୧୧ ସହିତ ସହଭାଗୀତା ପରିବର୍ତ୍ତନ ହୋଇଛି । ଯାହା ଫଳରେ ନ୍ୟୁଜିଲାଣ୍ଡ ବୋର୍ଡକୁ କ୍ଷତି ହୋଇଛି ।

ନ୍ୟୁଜିଲାଣ୍ଡ କ୍ରିକେଟ ବୋର୍ଡର ଆଶା ଯେ, ଏହି କ୍ଷତି ପରେ ମଧ୍ୟ ସେ ୧୦୦ କୋଟିର ଆୟ କରି ପାରିବ । ଯାହାର ସର୍ବାଧିକ ଆଶା ଭାରତ ବିପକ୍ଷ ସିରିଜରୁ ଆସିବ । ଭାରତୀୟ କ୍ରିକେଟ ଦଳ ଅକ୍ଟୋବରରେ ନ୍ୟୁଜିଲାଣ୍ଡ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ଯେଉଁଥିରେ ମୋଟ ୧୨ଟି ମ୍ୟାଚ୍ ଖେଳାଯିବ । ଏହି ଗସ୍ତରେ ତିନୋଟି ଫର୍ମାଟରେ ସିରିଜ ଖେଳାଯିବ।

ଭାରତର ନ୍ୟୁଜିଲାଣ୍ଡ ଗସ୍ତ କାର୍ଯ୍ୟସୂଚୀ : ଭାରତ ନ୍ୟୁଜିଲାଣ୍ଡ ଗସ୍ତ ସମୟରେ ପାଞ୍ଚଟି ଟି-୨୦, ପାଞ୍ଚଟି ଦିନିକିଆ ଏବଂ ଦୁଇଟି ଟେଷ୍ଟ ମ୍ୟାଚ୍ ଖେଳିବ । କାର୍ଯ୍ୟସୂଚୀ ନିମ୍ନଲିଖିତ: ପ୍ରଥମ ଟି-୨୦: ଅକ୍ଟୋବର ୨୨, କ୍ରାଇଷ୍ଟଚର୍ଚ୍ଚ। ଦ୍ୱିତୀୟ ଟି-୨୦: ଅକ୍ଟୋବର ୨୪, କ୍ରାଇଷ୍ଟଚର୍ଚ୍ଚ। ତୃତୀୟ ଟି-୨୦: ଅକ୍ଟୋବର ୨୭, ୱେଲିଂଟନ୍। ଚତୁର୍ଥ ଟି-୨୦: ଅକ୍ଟୋବର ୩୦, ଅକଲାଣ୍ଡ। ପଞ୍ଚମ ଟି-୨୦: ନଭେମ୍ବର ୧, ହାମିଲଟନ୍। ଦିନିକିଆ ସୂଚୀ- ପ୍ରଥମ ଏକଦିବସୀୟ: ନଭେମ୍ବର ୪, ଅକଲାଣ୍ଡ। ଦ୍ୱିତୀୟ ଏକଦିବସୀୟ: ନଭେମ୍ବର ୭, ୱେଲିଂଟନ୍। ତୃତୀୟ ଏକଦିବସୀୟ: ନଭେମ୍ବର ୧୦, ହାମିଲଟନ୍ ଚତୁର୍ଥ ଏକଦିବସୀୟ: ନଭେମ୍ବର ୧୩, ମାଉଣ୍ଟ ମାଉଙ୍ଗାନୁଇ।ପଞ୍ଚମ ଏକଦିବସୀୟ: ନଭେମ୍ବର ୧୫, ମାଉଣ୍ଟ ମାଉଙ୍ଗାନୁଇ।

ଟେଷ୍ଟ ସିରିଜ୍ ସୂଚୀ-ପ୍ରଥମ ଟେଷ୍ଟ: ନଭେମ୍ବର ୧୯, ୱେଲିଂଟନ୍। ଦ୍ୱିତୀୟ ଟେଷ୍ଟ: ନଭେମ୍ବର ୨୭, କ୍ରାଇଷ୍ଟଚର୍ଚ୍ଚ ।

ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ଟିମ୍ ଇଣ୍ଡିଆ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ସିରିଜ୍ ରେ ପରାଜୟ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ପହଞ୍ଚିବାର ସେମାନଙ୍କର ଆଶାକୁ ଧୂଳିସାତ୍ କରିପାରେ । ନ୍ୟୁଜିଲାଣ୍ଡ କୁ ତା ଘରୋଇ ଫିଲ୍ଡରେ ପରାସ୍ତ କରିବା ଭାରତ ପାଇଁ କଷ୍ଟକର ହୋଇପାରେ । ଦେଖିବାକୁ ବାକି ରହିଲା ଏହି ଗସ୍ତରେ ଭାରତର ପ୍ରଦର୍ଶନ କିପରି ରହିବ । କ୍ରିକେଟ ପ୍ରେମୀ ଏହି ମ୍ୟାଚକୁ ଧୈର୍ଯ୍ୟର ସହ ଅପେକ୍ଷାରେ ଅଛନ୍ତି ।

### ଶ୍ରୀଲଙ୍କାକୁ ଆହତ ସମସ୍ୟା ଚିନ୍ତା

କଲମ୍ବୋ୨୦।୮ :ଭାରତ ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ୍ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ୧୬୫ ରନ୍‌ରେ ହାରିଥିବା ଶ୍ରୀଲଙ୍କା ପାଇଁ ଆହତ ଜନିତ ସମସ୍ୟା ଚିନ୍ତାର କାରଣ ହୋଇଛି। ଦ୍ୱିତୀୟ ଟେଷ୍ଟ୍ କଲମ୍ବୋରେ ରବିବାରଠୁ ଆରମ୍ଭ ହେବାକୁ ଥିଲା ବେଳେ ଘରୋଇ ଦଳର ପ୍ରମୁଖ ବ୍ୟାଟର୍ କୁଶାଲ ମେଣ୍ଡିସ୍ ହାମ୍‌ଷ୍ଟ୍ରିଙ୍ଗ ଆହତରୁ ମୁକୁଳି ନାହାନ୍ତି। ଏବେ ତାଙ୍କ ସହ ଯୋଡି ହୋଇଛନ୍ତି ବ୍ୟାଟର୍ ଦିନେଶ ଚାନ୍ଦିମାଳ। ସେ ମୁଣ୍ଡ ଜନିତ ଆଘାତ (କନ୍‌କସନ୍) ସମସ୍ୟା ଯୋଗୁଁ ପଡିଆ ଛାଡିଥିଲେ। ଫଳରେ ତାଙ୍କ ବଦଳ ଖେଳାଳି ଭାବେ ପସିନ୍ଦୁ ସୂର୍ଯ୍ୟବନ୍ଦରା ଖେଳିଥିଲେ। ଆଇସିସି ନିୟମ ଅନୁଯାୟୀ କନ୍‌କସନ୍ ପାଇଁ ପଡିଆ ଛାଡିଥିଲେ, ୭ଦିନ ପର୍ଯ୍ୟନ୍ତ ଆଉ ଖେଳିପାରିବେନି। ‘‘ଆମେ ଦ୍ୱିତୀୟ ଟେଷ୍ଟ୍‌ରେ କିଛି ପ୍ରମୁଖ ଖେଳାଳି ବିନା ଖେଳିବୁ। କୁଶାଲ ମେଣ୍ଡିସ୍ ସୁସ୍ଥ ହୋଇ ନଥିବାରୁ ଦ୍ୱିତୀୟ ଟେଷ୍ଟ୍‌ରେ ଉପଲବ୍ଧ ହେବନି।

## ଏକ ନମ୍ବରରୁ ହଟିଲେ ଜୋ ରୁଟ

ନୂଆଦିଲ୍ଲୀ, ୨୦।୮: ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ତା’ର ସଦ୍ୟତମ ରାଙ୍କିଂ ପ୍ରକାଶ କରିଛି। ହ୍ୟାରି ବ୍ରୁକ ବିଶ୍ୱର ନମ୍ବର-୧ ଟେଷ୍ଟ ବ୍ୟାଟ୍ସମ୍ୟାନ ହୋଇଛନ୍ତି। ତାଙ୍କ ସାଥୀ ଜୋ ରୁଟ ଦ୍ୱିତୀୟ ସ୍ଥାନକୁ ଉଠିଛନ୍ତି। ବାଂଲାଦେଶ ଦଳର ଦ୍ରୁତ ବୋଲର ହସନ ମହମୁଦ ବୋଲିଂ ରାଙ୍କିଂରେ ୨୬ ସ୍ଥାନ ଉପରକୁ ଉଠିଛନ୍ତି। ଗାଲେ ଟେଷ୍ଟ ସମୟରେ ମୋଟ ୧୦୦ ରୁ ଅଧିକ ରନ କରିଥିବା ରିଷଭ ପନ୍ତ ଗୋଟିଏ ସ୍ଥାନ ଉପରକୁ ଉଠିଛନ୍ତି।

ଟେଷ୍ଟ ଦଳ ରାଙ୍କିଂର ଶୀର୍ଷ ୧୦ରେ କୌଣସି ପରିବର୍ତ୍ତନ ହୋଇନାହିଁ। ଯଦିଓ ଜସପ୍ରିତ ବୁମରା ବିଶ୍ୱର ନମ୍ବର-୧ ଟେଷ୍ଟ ବୋଲର ରହିଛନ୍ତି। ଟେଷ୍ଟ ବ୍ୟାଟିଂ ରାଙ୍କିଂର ଶୀର୍ଷ ୧୦ରେ କେବଳ ଦୁଇଜଣ ଭାରତୀୟ ବ୍ୟାଟ୍ସମ୍ୟାନ ସ୍ଥାନ ପାଇଛନ୍ତି।

ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ ପୂର୍ବରୁ, ଟ୍ରାଭିସ ହେଡ ବିଶ୍ୱର ନମ୍ବର-୧ ଟେଷ୍ଟ ବ୍ୟାଟ୍ସମ୍ୟାନ ଥିଲେ। ସେ ବାଂଲାଦେଶ ବିପକ୍ଷ ଦୁଇଟି ଇନିଂସରେ କେବଳ ୩୯ ରନ କରିଥିଲେ। ଏହି ଖରାପ ପ୍ରଦର୍ଶନ ଯୋଗୁ ସେ ଚତୁର୍ଥ ସ୍ଥାନକୁ ଖସି ଯାଇଛନ୍ତି। ଫଳସ୍ୱରୂପ, ହ୍ୟାରି ବ୍ରୁକ ପ୍ରଥମ ସ୍ଥାନକୁ, ଜୋ ରୁଟ ଦ୍ୱିତୀୟ ସ୍ଥାନକୁ ଏବଂ ଷ୍ଟିଭ ସ୍ମିଥ ତୃତୀୟ ସ୍ଥାନକୁ ଯାଇଛନ୍ତି।

ଟେଷ୍ଟ ବ୍ୟାଟିଂ ରାଙ୍କିଂରେ ଶୁବମନ ଗିଲ ସପ୍ତମ ସ୍ଥାନରେ ଏବଂ ଯଶସ୍ୱୀ ଜୟସ୍ୱାଲ ନବମ ସ୍ଥାନରେ ରହିଛନ୍ତି। ସେମାନଙ୍କ ବ୍ୟତୀତ, ଶ୍ରେଷ୍ଠ ୧୦ ଟେଷ୍ଟ ବ୍ୟାଟସମ୍ୟାନଙ୍କ ମଧ୍ୟରେ ଅନ୍ୟ କୌଣସି ଭାରତୀୟ ସ୍ଥାନ ପାଇନାହାଁନ୍ତି। ରିଷଭ ପନ୍ତ ଗୋଟିଏ ସ୍ଥାନ ଉପରକୁ ଉଠି ୧୩ତମ ସ୍ଥାନରେ ପହଞ୍ଚିଛନ୍ତି। ଭାରତୀୟମାନଙ୍କ ମଧ୍ୟରେ,




କେଏଲ ରାହୁଲ ଗୋଟିଏ ସ୍ଥାନ ଖସି ୩୫ତମ ସ୍ଥାନରେ ପହଞ୍ଚିଛନ୍ତି।

ବାଂଲାଦେଶ ସମ୍ପ୍ରତି ଅଷ୍ଟ୍ରେଲିଆ ମାଟିରେ ପ୍ରଥମ ଥର ପାଇଁ ଏକ ଟେଷ୍ଟ ମ୍ୟାଚରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଏହି ଐତିହାସିକ ବିଜୟ ପରେ, ବାଂଲାଦେଶୀ ଖେଳାଳିମାନେ ଆଇସିସି ରାଙ୍କିଂରେ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ଦେଖିଛନ୍ତି। କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିବା ତାନଜିଦ ହାସନ ୮୪ ସ୍ଥାନ ଉପରକୁ ଉଠି ବିଶ୍ୱର ୮୮ତମ ସ୍ଥାନରେ ରହିଛନ୍ତି। ଅଧିନାୟକ ନଜମୁଲ ହୋସେନ ଶାଣ୍ଟୋ ୯ ସ୍ଥାନ ଉପରକୁ ଉଠି ୨୦ତମ ସ୍ଥାନରେ ପହଞ୍ଚିଛନ୍ତି। ମୋମିନୁଲ ହକ, ମେହିଦି ହାସନ ଏବଂ ଶାଦମାନ ଇସଲାମ ମଧ୍ୟ ବ୍ୟାଟିଂ ରାଙ୍କିଂରେ ସେମାନଙ୍କର ସ୍ଥାନ ଉନ୍ନତ କରିଛନ୍ତି।

## କାନାଡା ମୁଖ୍ୟ ପ୍ରଶିକ୍ଷକଙ୍କ ଇସ୍ତଫା

ନୂଆଦିଲ୍ଲୀ୨୦।୮: ମଣ୍ଟି ଦେସାଇ କାନାଡା କ୍ରିକେଟ୍ ଟିମ୍‌ର ମୁଖ୍ୟ ପ୍ରଶିକ୍ଷକ ପଦବିରୁ ଇସ୍ତଫା ଦେଇଛନ୍ତି। ସେ ଚଳିତ ବର୍ଷ ମେ’ ମାସରେ ଦ୍ୱିତୀୟ ଥର ପାଇଁ ମୁଖ୍ୟ କୋଚ ନିଯୁକ୍ତ ହୋଇଥିଲେ। ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳ ୩ମାସ ରହିଛି। ସେ ସାମାଜିକ ଗଣମାଧ୍ୟମ ପୋଷ୍ଟ କରି ନିଜର ପଦବି ଛାଡିଥିବା ନେଇ ସୂଚନା ଦେଇଛନ୍ତି। କାନାଡା ଟିମ୍‌ରେ ମ୍ୟାଚ୍ ଫିକ୍ସିଂ ଅଭିଯୋଗ ନେଇ ଚର୍ଚ୍ଚା ଜାରି ଥିବା ବେଳେ ମଣ୍ଟି ଦେସାଇ ମୁଖ୍ୟ ପ୍ରଶିକ୍ଷକ ପଦବିର ଇସ୍ତଫା ଦେଇଛନ୍ତି।



ତେବେ ମଣ୍ଟି ଦେସାଇଙ୍କ ଦ୍ୱିତୀୟ କାର୍ଯ୍ୟକାଳ ଯଦିଓ କମ ସମୟ ପାଇଁ ରହିଛି; ତଥାପି ଏହାକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ସେ ନିଜର ସାମାଜିକ ଗଣମାଧ୍ୟମ ପୃଷ୍ଠାରେ ଲେଖିଛନ୍ତି ଯେ, ’ଛୋଟ କିନ୍ତୁ ଅର୍ଥପୂର୍ଣ୍ଣ ଅଭ୍ୟାସ। ପ୍ରତ୍ୟେକ ମୁହୂର୍ତ୍ତରୁ କିଛି ଶିଖିବାକୁ ମିଳିଥାଏ। ଏହି କମ ସମୟ ମଧ୍ୟରେ ମୋତେ ଅନେକ ଶିଖିବାକୁ ମିଳିଛି। ଏଠାରୁ ମିଳିଥିବା ଅଭିଜ୍ଞତା ମୋର ବିଶ୍ୱାସକୁ ଅଧିକ ଶକ୍ତିଶାଳୀ କରିଛି। ସେ କହିଛନ୍ତି, ଖେଳାଳି, ସାଥୀ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଉଛି। ଖେଳାଳି, ସପୋର୍ଟ ଷ୍ଟାଫ୍ ଏବଂ ଏହି ପ୍ରକାରର ଯାତ୍ରାରେ ସହଯୋଗ କରିଥିବା ସମସ୍ତ ଲୋକଙ୍କୁ ଧନ୍ୟବାଦ ଜଣାଉଛି। କାନାଡା କ୍ରିକେଟ୍ ଟିମ୍‌ର ସଫଳତା ପାଇଁ ଶୁଭେଚ୍ଛା ଜଣାଉଛି।

କାନାଡା କ୍ରିକେଟ୍ ସଂକଟ ଦେଇ ଗତି କରୁଥିବା ବେଳେ ମଣ୍ଟି ଦେସାଇ ମୁଖ୍ୟ ପ୍ରଶିକ୍ଷକ ପଦବିରୁ ଇସ୍ତଫା ଦେଇଛନ୍ତି। ଟି୨୦ ବିଶ୍ୱକପ ୨୦୨୬ ପରେ ‘ଆଇସିସି’ର ଦୁର୍ନୀତି ନିବାରଣ ବିଭାଗ ଦୁର୍ନୀତ ମାମଲାର ତଦନ୍ତ ଆରମ୍ଭ କରିଥିଲା। ଏହା ପରେ ଆଇସିସି ତରଫରୁ କାନାଡା ବୋର୍ଡର ପାଣ୍ଠି ଅଟକାଇ ଦେଇଥିଲା। ଏଥିସହିତ ସଦସ୍ୟତାକୁ ମଧ୍ୟ ନିଲମ୍ବିତ କରିଦେଇଥିଲା। କ୍ରିକେଟ୍ କାନାଡା ପାଇଁ କିଛି ସର୍ତ୍ତ ରଖାଯାଇଥିଲା। ସୂଚନାଯୋଗ୍ୟ, ମଣ୍ଟି ଦେସାଇ ୱେଷ୍ଟଇଣ୍ଡିଜ୍ ଟିମ୍‌ର ବ୍ୟାଟିଂ କୋଚ ରହିସାରିଛନ୍ତି। ୨୦୧୯ରେ ସେ ୟୁଏଇର ବ୍ୟାଟିଂ କୋଚ୍ ଥିଲେ। ସେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ରାଜସ୍ଥାନ ରୟାଲ୍ସ ଏବଂ ଗୁଜରାଟ ଲାୟନ୍ସ ସହିତ କାମ କରିଛନ୍ତି।

## ବାପାଙ୍କ ମୃତ୍ୟୁ ପରେ ମେସିଙ୍କ ପ୍ରଥମ ଗୋଲ୍

ପେନ୍‌ସିଲଭାନିଆ୨୦।୮ : କିଛି ଦିନ ତଳେ ବାପାଙ୍କୁ ହରାଇଥିବା ଆର୍ଜେଣ୍ଟିନା ତାରକା ମେସି ପୁଣି ଥରେ ଫୁଟ୍‌ବଲ୍ ପଡିଆକୁ ଫେରିଛନ୍ତି। ଏହି ପ୍ରତ୍ୟାବର୍ତ୍ତନରେ ଇଣ୍ଟର ମିଆମି ପକ୍ଷରୁ ଖେଳୁଥିବା ଭାବପ୍ରବଣ ମେସି ବୁଧବାର ମେଜର ଲିଗ୍ ସକ୍କର (ଏମ୍‌ଏଲ୍‌ଏସ୍) କପ୍ ପ୍ରତିଯୋଗିତାରେ ପ୍ରଥମ ଗୋଲ୍ ଦେଇଛନ୍ତି। ତାଙ୍କର ଗୋଲ୍




ବଳରେ ଫିଲାଡେଲଫିଆ ୟୁନିୟନ୍ ବିପକ୍ଷ ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧକୁ ଇଣ୍ଟର ମିଆମି ୨-୧ରେ ନିଜ ପକ୍ଷରେ ରଖିଥିଲା। ଦଳର ପ୍ରଥମ ଗୋଲ୍‌ରେ ମଧ୍ୟ ୩୯ ବର୍ଷୀୟ ମେସିଙ୍କ ହାତ ରହିଥିଲା। ହେଲେ ଦ୍ୱିତୀୟାର୍ଦ୍ଧରେ ଫିଲାଡେଲଫିଆ ୟୁନିୟନ୍ ଗୋଟିଏ ଗୋଲ୍ ଶୁଝି ସ୍ଥିତି ସମାନ କରିବା ସହ ପଏଣ୍ଟ ବାଣ୍ଟିଥିଲା। ମେସି ଏଥିସହ ଏମ୍‌ଏଲ୍‌ଏସ୍ କପ୍‌ର ଚଳିତ ଋତୁରେ ନିଜ ଗୋଲ୍ ସଂଖ୍ୟା ୧୩ରେ ପହଞ୍ଚାଇ ଗୋଲ୍‌ଡେନ୍ ବୁଟ୍ ଦୌଡରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ତାଙ୍କ ଆଗରେ କେବଳ ଡାଲାସ ଷ୍ଟ୍ରାଇକର୍ ପିଟର ମୁସା (୧୪ ଗୋଲ୍) ରହିଛନ୍ତି। ସୂଚନାଯୋଗ୍ୟ ଯେ ଚଳିତ ମାସ ୮ ତାରିଖରେ ମେସିଙ୍କ ବାପା ଜର୍ଜ ୬୮ ବର୍ଷ ବୟସରେ ଆର୍ଜେଣ୍ଟିନାର ରୋସାରିଓରେ ମୃତ୍ୟୁ ବରଣ କରିଥିଲେ।

## ପାକିସ୍ତାନ ୧୭୧ ରନ୍‌ରେ ଅଲ୍‌ଆଉଟ୍, ଇଂଲଣ୍ଡ ୨୦୯/୪

ହେଡିଂଲି, ୨୦।୮: ହେଡିଂଲିରେ ଇଂଲଣ୍ଡ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନରେ ଏକ ଅଜବ ଦୃଶ୍ୟ ଦେଖିବାକୁ ମିଳିଛି । ପାକିସ୍ତାନର ପ୍ରଥମ ପାଳି ଶେଷ ହେବା ପରେ ମ୍ୟାଚ୍‌ରେ ବ୍ୟବହୃତ ବଲ୍‌କୁ ଦୁଇ ଭାଗରେ କାଟି ଦିଆଯାଇଥିଲା। ଗୋଟିଏ ଭାଗ ଓଲି ରବିନସନ୍‌ଙ୍କୁ ଏବଂ ଅନ୍ୟ ଭାଗ ଜୋଶ ଟଙ୍ଗ୍‌ଙ୍କୁ ଦିଆଯାଇଥିଲା।



ଦ୍ୱିତୀୟ ଦିନରେ ଖେଳ ଚାଲିଥିବାବେଳେ ରିପୋର୍ଟ ଲେଖିଲାବେଳେ ୪ ୱିକେଟ ହରାଇ ୨୦୯ ରନ୍ କରିଛି। ଜୋ ରୁଟ୍ ୬୬ ରନ୍ ଓ ଜୋର୍ଡାନ କକ୍ସ ୭୩ ରନ୍ କରିଛନ୍ତି। ଅର୍ଥାତ୍ ପାକିସ୍ତାନର ପ୍ରଥମ ପାଳିର ସ୍କୋରଠାରୁ ଇଂଲଣ୍ଡ ମାତ୍ର ୫୯ ରନ୍ ପଛରେ ରହିଛି । ଏହା ପୂର୍ବରୁ ପାକିସ୍ତାନ ମାତ୍ର ୧୭୧ ରନ୍‌ରେ ଅଲଆଉଟ୍ ହୋଇଥିଲା। କ୍ରିକେଟ୍‌ରେ ଜଣେ ବୋଲର ଗୋଟିଏ ଇନିଂସ୍‌ରେ ୫ଟି ୱିକେଟ୍ ନେଲେ, ମ୍ୟାଚ୍‌ରେ ବ୍ୟବହୃତ ବଲ୍‌କୁ ସ୍ମୃତି ଭାବେ ସାଙ୍ଗରେ ନେବାର ଏକ ପରମ୍ପରା ରହିଛି । ହେଡିଂଲିରେ ଇଂଲଣ୍ଡର ଓଲି ରବିନସନ୍ ଓ ଜୋଶ ଟଙ୍ଗ୍ ଉଭୟେ ପାକିସ୍ତାନ ବିପକ୍ଷରେ ୫-୫ ୱିକେଟ୍ ନେଇଥିଲେ।

ତେଣୁ ଉଭୟ ବୋଲରଙ୍କୁ ବଲ୍‌ର ଅଧା ଅଧା ଦେବା ପାଇଁ ଗ୍ରାଉଣ୍ଡ ଷ୍ଟାଫ୍ ବଲ୍‌ଟିକୁ ସମାନ ଦୁଇ ଭାଗରେ କାଟିଥିଲେ । ଜୋଶ ଟଙ୍ଗ୍ କହିଛନ୍ତି ଯେ, ରବିନସନ୍ ତାଙ୍କୁ ବଲ୍‌କୁ ଦୁଇ ଭାଗ କରି ବାଣ୍ଟିବାର ପ୍ରସ୍ତାବ ଦେଇଥିଲେ। ଏହା ତାଙ୍କ ପାଇଁ ମଧ୍ୟ ଏକ ନୂଆ ଅନୁଭୂତି ବୋଲି ସେ କହିଛନ୍ତି। ଇଂଲଣ୍ଡର ଟେଷ୍ଟ ଇତିହାସରେ ପ୍ରାୟ ୨୦ ବର୍ଷ ପରେ ଗୋଟିଏ ଇନିଂସ୍‌ରେ ଦୁଇ ବୋଲର ୫-୫ ୱିକେଟ୍ ନେଇଛନ୍ତି। ଶେଷଥର ୨୦୦୬ ମସିହାରେ ମାଞ୍ଚେଷ୍ଟରରେ ପାକିସ୍ତାନ ବିପକ୍ଷ ଟେଷ୍ଟରେ ଏଭଳି ଘଟିଥିଲା। ସେତେବେଳେ ଷ୍ଟିଭ୍ ହାର୍ମିସନ୍ ଓ ମଣ୍ଟି ପାନେସର ୫-୫ ୱିକେଟ୍ ନେଇଥିଲେ । ତେବେ ସେହି ମ୍ୟାଚ୍‌ରେ ବଲ୍‌କୁ କାଟି ଦୁଇ ଭାଗ କରାଯାଇନଥିଲା।

ପାକିସ୍ତାନ ପକ୍ଷରୁ ଅବଦୁଲ୍ଲା ଶଫିକ୍ ସର୍ବାଧିକ ୬୧ ରନ୍ କରିଥିବାବେଳେ ଇମାମ-ଉଲ୍-ହକ୍ ୪୨ ରନ୍ କରିଥିଲେ । ଅନ୍ୟ ବ୍ୟାଟରମାନେ ବଡ଼ ଇନିଂସ୍ ଖେଳିପାରିନଥିଲେ ଏବଂ ଦଳ ୧୭୧ ରନ୍‌ରେ ସୀମିତ ହୋଇଯାଇଥିଲା।ରବିନସନ୍ ମ୍ୟାଚ୍‌ର ପ୍ରଥମ ବଲ୍‌ରେ ହିଁ ପାକିସ୍ତାନର ଅଜାନ୍ ଅୱେସ୍‌ଙ୍କୁ ଆଉଟ୍ କରିଥିଲେ। ଏହା ସହିତ ସେ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ବଲ୍‌ରେ ପାକିସ୍ତାନୀ ବ୍ୟାଟରଙ୍କୁ ଆଉଟ୍ କରିଥିବା ଦ୍ୱିତୀୟ ବୋଲର ହୋଇଛନ୍ତି । ତାଙ୍କ ପୂର୍ବରୁ କେବଳ କପିଲ ଦେବ ଏହି କାରନାମା କରିଥିଲେ।

## ଟାଇଗର୍ ସାର୍କଙ୍କ ଗହଣରେ ୧୦୦ତମ ସ୍କୁବାଡାଇଭ୍

ସମ୍ବଲପୁର, ୨୦।୮: ଦୁବାଇରେ ରହୁଥିବା ଓଡିଶାର ଜଣାଶୁଣା ସ୍କୁବା ଡାଇଭର୍ ପ୍ରିୟଦର୍ଶୀ ପାଣିଗ୍ରାହୀ ଗଭୀର ସମୁଦ୍ରରେ ନିଜର ୧୦୦ତମ ଡାଇଭିଂ ସଂପୂର୍ଣ୍ଣ କରିଛନ୍ତି। ମାଳଦ୍ୱୀପରେ ବହୁ ସଂଖ୍ୟକ ଟାଇଗର୍ ସାର୍କଙ୍କ ଉପସ୍ଥିତିରେ ପ୍ରିୟଦର୍ଶୀଙ୍କ ଏହି ଡାଇଭିଂ ବେଶ୍ ରୋମାଞ୍ଚଭରା ଥିଲା। ୧୦୦ତମ ଡାଇଭ୍ ସହ ପ୍ରିୟଦର୍ଶୀଙ୍କ ସେଖୀନ ଡାଇଭର୍ କ୍ୟାରିୟର୍‌ରେ ଆଉ ଏକ ମାଇଲ୍‌ଖୁଣ୍ଟ ଯୋଡିହୋଇଛି। ମାଳଦ୍ୱୀପର ଫୁଭାମୁଲା ଦ୍ୱୀପ ନିକଟ ଗଭୀର ସମୁଦ୍ରରେ ପ୍ରିୟଦର୍ଶୀ ଏହି ଡାଇଭିଂ କରିଥିବାବେଳେ ତାଙ୍କ ସହ ଝିଅ ତିସ୍ୟା ପାଣିଗ୍ରାହୀ ସାଥୀ ଡାଇଭର୍ ଥିଲେ। ଭୂମଧ୍ୟରେଖାର ଠିକ୍ ତଳେ ଅବସ୍ଥିତ ଫୁଭାମୁଲାକୁ ବିଶ୍ୱର ‘ଟାଇଗର୍ ସାର୍କ ରାଜଧାନୀ’ କହାଯାଏ। ପାଣିକୁ ଓହ୍ଲାଇବା ପରେ ଉଭୟ ବାପଝିଅ ବିଭିନ୍ନ ଆକାରର ଟାଇଗର୍ ସାର୍କଙ୍କ ମଧ୍ୟରେ ଘେରି ହୋଇ ଯାଇଥିଲେ।

ଉଭୟଙ୍କର ଅତି ନିକଟରୁ ଖୁବ୍ ବଡବଡ ସାର୍କ ଅତିକ୍ରମ କରିବା ସେମାନଙ୍କୁ ବେଶ୍ ରୋମାଞ୍ଚିତ କରିଥିଲା ବୋଲି ପ୍ରିୟଦର୍ଶୀ କହିଛନ୍ତି। କିଛି ସାର୍କଙ୍କ ଲମ୍ବ ପ୍ରାୟ ୧୫ ଫୁଟ୍ ଏବଂ ଓଜନ ୫ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଥିଲା। ୨୦୧୨ରୁ ସ୍କୁବା ଡାଇଭିଂ ଆରମ୍ଭ କରି ୧୪ ବର୍ଷ ମଧ୍ୟରେ ୧୦୦ ଡାଇଭ୍ ଶେଷ କରିଥିବା ପ୍ରିୟଦର୍ଶୀଙ୍କ ଅନୁସାରେ ସମୁଦ୍ରତଳ ତାଙ୍କୁ ଜୀବନରେ ଅନେକ କିଛି ଶିକ୍ଷା ଦେଇଛି। ରାଜ୍ୟର କନିଷ୍ଠତମ ସ୍କୁବା ଡାଇଭର୍ ଭାବେ କୃତିତ୍ୱ ଅର୍ଜନ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ